

# ଦୁନିଆ ଗୋଲ

# ଦୁନିଆ ଗୋଲ

ଶ୍ରୀ [illegible]କଣ୍ଠ ର.ଚରଣ ଦାସ

୦
୨୦୮

ଏଜଶ୍ରୀ ସିରିଜ

ନଂ ୨୪୮
ତା 17 JUL 1959

ପ୍ରକାଶକ :

ଶ୍ରୀ ପ୍ରାଣକୃଷ୍ଣ ଦାସ

ରାଜଶ୍ରୀ ପ୍ରକାଶନୀ

୫ଏ, ନୂର ମହମ୍ମଦ ଲେନ୍

କଲିକତା-୯

ପ୍ରଥମ ସଂସ୍କରଣ

ମାର୍ଚ୍ଚ ୧୯୫୭

ଏକଟଙ୍କା ଚାରିଅଣା

## ରାକଶ୍ରୀର ଆଗାମୀ ଆକର୍ଷଣ

କଲ୍ପନା କୁମାରୀ ଦେବୀଙ୍କର

**।। ନଷ୍ଟଛନ୍ଦ ।।**

କସ୍ତୁରି ଚରଣ ଦାସଙ୍କର

**।। ଗୋଧୂଳି ଲଗନେ ।।**

**।। ନାଗ କନ୍ୟାର କାହାଣୀ ।।**

ନମସ୍କାର ଅଙ୍କଲ !

ସୁକାନ୍ତ ଚହଙ୍କି ପଡ଼ିଲ ।

-ମୁଁ ଆପଣଙ୍କ ପ୍ରତୀକ୍ଷା କରିଥିଲି ।

ସୁକାନ୍ତ ବିସ୍ମୟରେ ଚାହିଁଲ ।

-ଆପଣ କେଉଁଠାକୁ ଯିବେ ?

ସୁକାନ୍ତ ନାରୀଟିର ପାଦ ଠାରୁ ମୁଣ୍ଡ ଯାଏ ଚାହିଁଗଲେ ।

-ଏଇ ପୋଲ ପାରି ହୋଇ ଜଗତପୁର ଯିବେ ?

ସୁକାନ୍ତ ନିଜକୁ ପ୍ରକୃତିସ୍ଥ କରି ଭଲ କରି ଚାହିଁଲ ।

-ମାନେ ମୁଁ କଣ ପଚାରୁଥିଲି କି; ଆପଣ କଣ ସେପାରି ଯିବେ ?

-ଯଦି ନ କୁହେ ?

-ଅବଶ୍ୟ ବାଧ କରିବି ନାହିଁ ।

-କିନ୍ତୁ ମୋର କେଉଁଠାକୁ ଯିବା ନ ଯିବା କଥା ପଚାରିବାକୁ ଆପଣ କିଏ ?

-ଚଳି ପାରୁ ନାହାନ୍ତି ବୋଧେ । ମୁଁ ଗୋଟିଏ—

-ନିଶ୍ଚୟ; କିନ୍ତୁ ଏ ଗଭୀର ରାତିରେ, ପୁଣି ଏକାକିନୀ ?

-[illegible] ବୋଧହୁଏ ।

-କ୍ଷୁଅନ୍ତୁ, ଯଦି ତମ ହାତରେ ଭ୍ୟାନିଟି ବ୍ୟାଗ ଥାଆନ୍ତା, ଆଉ ମୁଣ୍ଡରେ ଅବଗୁଣ୍ଠନର ଈଶାରା ନ ଥାନ୍ତା ।

-ଓ ହୋ, ଆପଣ ତା'ହେଲେ ଭ୍ୟାନିଟିବ୍ୟାଗକୁ ଅମର ମାପକାଠି ବୋଲି ଧରି ନେଇଛନ୍ତି । ଧନ୍ୟବାଦ, ଆପଣ ତେବେ ଥାଆନ୍ତୁ । ମୁଁ ଯାଉଛି, ରାତି ପାହିବାକୁ ଆଉ ଅଳ୍ପ ବାକି ଅଛି କିନା !

-ମାନେ ?

-ସଂସନ୍ଧାନ । ନୂତନ ସୂର୍ଯ୍ୟୋଦୟ ପୂର୍ବରୁ ମୋତେ ଏଠାକାର ସୀମାନା ଯିବାକୁ ହେବ, ବନ୍ଧୁ କୁରକୁ......

........

ଧ୍ୟ ର ଦୃଷ୍ଟି ଏଡ଼େଇ ହେବନି ।

-ତମେ କଣ ଚୋର ?

-ନା ।

-ଆଉ କ'ଣ ଖୁଣୀ ?

-ତା ବି ନୁହେଁ, ତେବେ ଲୋକେ ସେଇଆ କହୁଛନ୍ତି ।

ସୁକାନ୍ତ ଶିହରି ଉଠିଲା । ଆଉ ପଦେ କିଛି ପଚାରିବାକୁ ତା' ଭିତରେ ଭାଷା ପାଇଥିଲା ନାହିଁ; କିନ୍ତୁ ତାର ଇଚ୍ଛା ହେଲା ସେଇ ନାରୀଟି ସମ୍ବନ୍ଧରେ ବହୁତ କଥା ଜାଣିବାକୁ । କିନ୍ତୁ ନାରୀଟି ଚାଲି ଯାଇଥିଲା ।

ସୁକାନ୍ତ ହଠାତ ପଛରୁ ଡାକିଲା—

-ଶୁଣ, ଶୁଣିଯାଅ ।

ସେ ଅଟକିଲା, କିନ୍ତୁ ଲେଉଟିଲା ନାହିଁ । କହିଲା—

ମୋର ସମୟ ନାହିଁ । ଯଦି କିଛି କହିବାର ଥାଏ, ଏଇଠାକୁ ଆସି କହି ପାରନ୍ତି ।

-ଏର ମୁଁ ଯଦି ତୁମକୁ ପୋଲିସରେ ଧରାଇ ଦିଏ ?

-ଆପଣଙ୍କର ସେ ସତସାହସ ନାହିଁ । ତା'ଛଡ଼ା ଏଠାରେ ଅନ୍ୟ କେହି ନାହାନ୍ତି ଆପଣଙ୍କୁ ସାହାଯ୍ୟ କରିବାକୁ । ଜଣକ ପାଖରୁ ମୋତେ ବଞ୍ଚାଇବାକୁ ମୋର ଯଥେଷ୍ଟ ସାହସ ଅଛି । ଶକ୍ତି ବି ।

-ସୁଖୀ ହେଲି । ତମ ନାଁ କଣ ପଚାରି ପାରେ କି ?

-ଅଳ୍ପକ୍ଷଣରେ କିନ୍ତୁ ପଚାରି ଲଭ ହେବନି କିଛି । ହୁଏତ ଭୁଲ୍ ନାଁ ଶୁଣିବେ ମୋ ମୁହଁରୁ ।

-କଣ ସେଇ ଛଦ୍ମ ନାଁ ଟି ଶୁଣେ ?

-ଧର ନଅନ୍ତୁ, ମଲ୍ଲୀ, ଗୋଲପ, ଚମ୍ପା ଯାହା ଗୋଟାଏ ।

-ଉଁ ହୁଁ, ତଥାପି ତେମେ ତ ଗୋଟାଏ ସ୍ଥିର କରିଥିବେ ।

-ଓଃ ମୋ ସ୍ମୃତି ଶକ୍ତିକୁ ତ ନା ପଚାରୁଛନ୍ତି ? ଚପଳା ।

-ବାସ୍ତବିକ ତମେ ଚପଳା, । ରସ୍ତା ଯେ ତମକୁ ଭେଟିଲବେଳେ ଜାଣ ଅଳ୍ପ ଅ[illegible] ଚି । ନୋଇଲେ·······

-ଅବସ୍ଥା ବିଶେଷ କିଛି ଖରାପ ହୋଇ ନ ଥାନ୍ତା । ଯା' ହେଉ ମୁଁ ଏଥିରି ଯାଏ, ସମସ୍ତ ହାତରେ ଅଳ୍ପ କଳା ! ନୋଇଲେ ଅନେକ କଥାଭାଷା ହୋଇ ଥାଆନ୍ତେ । ନମସ୍କାର ।

-ହଁ ଚପଳା ଦେବୀ, ମୋ ନାଁ ଟା ଅନ୍ତତ ତମର ଜାଣିଯିବା ଉଚିତ, କାରଣ ଦୁନିଆ ଗୋଲ କନା, କେବେ ହୁଏତ କେଉଁଠାରେ······· ଭେଟିବାର ଆଶା ଖୁବ୍ ଅଳ୍ପ, ସେଇଥିପାଇଁ ନାଁ ଟା ଜାଣିବାର ବିଶେଷ ଆଗ୍ରହ ନାହିଁ, ତଥାପି ଜାଣିବାରେ ଆପତ୍ତି ବି ନାହିଁ କିଛି ।

ପ୍ରାକର ······

କାନ୍ତ ।

-ହେଉ, ଧନ୍ୟବାଦ—ନମସ୍କାର ।

ଚପଳା ପୋଲ ଉପରୁ ଓହ୍ଲେଇ ଚାଲେ ଚାଲେ ଚାଲିଗଲା । ଗତି ଅତି ସହଜ ଓ ସରଳ । ତା' ପଦକ୍ଷେପରେ ଛନ୍ଦ ନ ଥିଲା, ଗତିଚକ୍ରରେ ଗନ୍ଧ ନ ଥିଲା । ସତେକି ସେ ସରଳ, ତରଳ; ମୁକ୍ତ ଲହରୀ ପରି କଳକଳ । ସୁକାନ୍ତ ଭାବି ବି ଭାବି ପାରୁ ନ ଥିଲା । ଛନ୍ଦହୀନ ପ୍ରାଣରେ ତା'ର ଯେମିତି ଆଜି ଗୋଟାଏ ନୂଆ ରାଗିଣୀ ବାଜି ଉଠିଲା । ଅଦ୍ଭୁତ, ବହୁରୂପୀ, ରହସ୍ୟମୟୀ ଏଇ ନାରୀ ।

ସୁକାନ୍ତ ନିଜ କଥା ଭୁଲି ଯାଇଥିଲା । ତା' ଯାତ୍ରା ପଥ ଯେ କେଉଁଆଡ଼େ ତା' ବି ସେ କଳନା କରି ପାରୁ ନ ଥିଲା । ଏଇ ଅଳ୍ପ ସମୟ ହେବ 'ମାଡ୍ରାଜ ମେଲ୍'ରୁ ସେ ଓହ୍ଲେଇ ସିଧା ଏଇଆଡ଼େ ପାଦ ବଢ଼େଇଥିଲା । ପକେଟ ଶୂନ୍ୟ—ସ୍ଥାନ ଅପରିଚିତ । ରାତି ଭୋର । ସାଥୀ କେହି ନାହିଁ । ଶେଷ ସିଗାରେଟ୍‌ଟିରେ ବି ଶେଷ ଟାଣ ଦିଆ ସରିଛି । ସେ ପଳାତକ ନ ହେଲେ ବି ନିଃସହାୟ । ଯେଉଁ ଜୀବନ ସେ ବରି ନେଇଛି ଯାହିଁ କେତେ ବର୍ଷଧରି, ଜୀବନ ତା' ବିରୁଦ୍ଧ ଜୀବନକୁ ସେ ବରିଚି ଏ ଦୁଇଟିର ତୁଳନା ନିଜେ ବି ସେ କରି ପାରେନା । ଭାବିଲେ ଭାରି ହସମାଡ଼େ ସୁକାନ୍ତକୁ ।

ସୁକାନ୍ତ ଚେଇଁ ଉଠିଲା । ହୁଏତ ଚପଳା ତା'ର ସମଗୋତ୍ରୀୟା । ହୁଏତ ଦୁନିଆ ଦରବାରରେ ତା ଫରିଆଦ ବ୍ୟର୍ଥ ହୋଇଚି । ହୁଏତ ତେଲ ଲୁଣ ସଂସାର ପ୍ରତି ତାର ଘୃଣା ଜନ୍ମିଚି । ସେଥିପାଇଁ ସେ ହୋଇଚି ପଳାତକା । କିନ୍ତୁ ସେ ଯେ ଚାଲିଗଲା । କେତେବାଟ ଆଗେଇ ଗଲଣି କିଏ ଜାଣେ ? ସୁକାନ୍ତ ଚଞ୍ଚଳ ହୋଇ ପଡ଼ିଲା । ଭାବିଲା

ହୁଏତ ଚପଳକୁ ସାହାଯ୍ୟ କରିବା ଉଚିତ ଥିଲା ଲାଗିଲା ଯେତେବେଳେ ସେ ନାରୀ । ଅବଳା ।

-ସୁକାନ୍ତ ବାବୁ ? ସୁକାନ୍ତ ବାବୁ ??

ସୁକାନ୍ତ ଚହଙ୍କି ପଡ଼ିଲା । ଗୋଟିଏ ନାରୀ କଣ୍ଠର କରୁଣ ସ୍ୱର ଆସୁଚି ଖଣ୍ଡେ ଦୂରରୁ । ବୋଧହୁଏ ଚପଳାର । କିଛି ବିପଦ ପଡ଼ିଲା କି ଆଜି !! ସୁକାନ୍ତ ସ୍ୱରକୁ ଅନୁସରଣ କରି ପାଦ ବଢ଼େଇଲା । ଗୋଟାଏ ବିରାଟ ଗଛମୂଳେ ଚପଳା ଠିଆ ହୋଇଛି । ମୁହଁରେ ତା'ର ସ୍ପଷ୍ଟ ନଥିଲେ ବି ଯେମିତି ଧୀରେ ଧୀରେ ଆତଙ୍କର ଚିହ୍ନ ମିଳେଇ ଯାଉଚି ।

-ତମେ ଡ଼ରିଲ ଚପଳା ଦେବୀ ?

-ଉଁ ହୁଁ । ଓଃ ସୁକାନ୍ତ ବାବୁ, ଆପଣ ମୋ ଡାକ ଶୁଣି ପାରିଲେ ବୋଧେ ।

-କଣ ହେଲା, ହଠାତ୍ ଚିତ୍କାର କରି ଉଠିଲ ଯେ !

-ନା ସେ କିଛି ନୁହେଁ । ଗୋଟାଏ ଦୁଃସ୍ୱପ୍ନ ମୋ ପଛେ ପଛେ ଲାଗି ରହିଚି କେତେ ଦିନ ହେବ ।

-ହସ ମାଡ଼ୁଚି ତମ କଥା ଶୁଣି । ଜାଗ୍ରତରେ ବି ସ୍ୱପ୍ନ ଦେଖିହୁଏ ବୋଧେ ।

-ହୁଏ । ସେ କଥା ଥାଉ । ମୋର ଗୋଟିଏ ଉପକାର ଆପଣଙ୍କୁ କରିବାକୁ ହେବ । ପାରିବେ ?

-ଶୁଣେ ।

-କିନ୍ତୁ ପ୍ରତ୍ୟୁପକାର କେବେ ପାଇବେନି କିଛି ।

-ହେଲା, ସେ ଆଶା ଏବେ ଛାଡ଼ିଲି ।

-ଏଇ ଆକାଶଟା ଭାରି ନିର୍ମଳ ଦେଖାଉଛି, ନାଁ ସୁକାନ୍ତ ବାବୁ ? ଅନ୍ଧାର ଗୁ
ବଢ଼େଇ ଦେଇଛି ଏଇ ଚନ୍ଦ୍ର ।

ସୁକାନ୍ତ ଭାବି ପାରୁ ନ ଥିଲା । ଚପଳା ରକ୍ତ ମାଂସ ଦେହୀ ନାରୀ
ନା ଗୋଟାଏ ଦୁଃସ୍ୱପ୍ନ । ସେ ପ୍ରକୃତିସ୍ଥ ଅଛି କି ନାହିଁ ଜାଣିବାକୁ ନିଜ
ଦେହକୁ ଚିମୁଟିଲା । କାଟୁଛି ତ । ତେବେ······

-ନୀରବ ରହିଲ ଯେ ! ଆକାଶର ଶୋଭା ବୋଧେ ଦେଖି ପାରୁ
ନାହଁ ।

-ଠିକ୍ ତା' ନୁହେଁ ଯେ, ମୁଁ ଭାବୁଛି·········

-କି ଯୋଗରେ ଭେଟିଲି ଏ ରମଣୀ ମଣିକି ।

ଚପଳା ହସି ହସି ଗଡ଼ିଗଲା । ତା' ହସର ତେଉ ତେଉକା ଲହରି
ସୁକାନ୍ତ ପ୍ରାଣେ ପ୍ରାଣେ କପଟ ଗୋଟାଏ ଭୟର ସାଙ୍କେତିକା ଲେଖି
ଲେଖି ଗଲା ।

-ମୁଁ ଯାଉଛି ଚପଳା ଦେବୀ, ମୋତେ ବହୁତ ଦୂର ଯିବାକୁ ହେବ ।

-ତେବେ ଆପଣଙ୍କ ସାହାଯ୍ୟ ମୁଁ ପାଇ ପାରିବ ନାହିଁ, ଏଇଆ ତ ?
ବେଶ୍ ଯାଆନ୍ତୁ ।

-କିନ୍ତୁ କ'ଣ ତମେ ଆଶାକର ମୋ ଠାରୁ ? କି ପ୍ରକାର ସାହାଯ୍ୟ ?

-ଅଚ୍ଛା ସୁକାନ୍ତ ବାବୁ, ଆପଣ ମୋତେ ସଙ୍ଗରେ ନେଇ ପାରିବେ ?

-କେଉଁଠାକୁ ?

-ଯେଉଁଠାକୁ ଆପଣ ଯାଉଛନ୍ତି ।

-ବୁଝିଲି, କିନ୍ତୁ ତମେ ଜାଣିନ ଚପଳା, ମୁଁ ଏଠାକାର ବାସିନ୍ଦା ନୁହେଁ ।
ଏଠି ମୁଁ ଆସିଛି କୁଣିଆ ଘର········

-ତେଣୁ ମୋତେ ସଙ୍ଗରେ ନେବା ସମ୍ଭବ ହେଇପାରିବନାହିଁ, ଏଇଆ ତ ?

ଭୁଲ ଥିଲେ କରୁଥିଲେ ଅସମ୍ଭବ ସମ୍ଭବ ହେଇଯିବ ଚେଷ୍ଟା କଲେ । ତା' ଛଡ଼ା ଭୁଲ ଥିଲେ ବି ଆମେ ସମସ୍ତେ ଜଣେ ଜଣେ ଭୁଲିଯା । ଅଚ୍ଛା, ଆପଣ ଯାଆନ୍ତୁ । ମୋତେ ନିରାଶ କଲେ ବୋଲି ମୁଁ ମୋଟେ ଦୁଃଖ କରିବି ନାହିଁ ।

-ତମକୁ ମୁଁ ବୁଝି ପାରୁ ନାହିଁ ଚପଳା ।

-ସେଇଟା ମୋର ଗୋଟାଏ ମସ୍ତବଡ଼ ଅପରାଧ । ଆପଣଙ୍କ ପରି ସମସ୍ତେ ମୋତେ ଏଇ ଗୋଟିଏ କଥା କହିଲେ ।

-ସମସ୍ତେ ବୋଇଲେ ?

-ଏଇ ଧରନ୍ତୁ, ବାପ, ମା, ଭାଇ, ବନ୍ଧୁ, ଆତ୍ମୀୟ, ସ୍ୱଜନ ।

-ସତେରେ ତମେ ଗୋଟିଏ ଅସାଧାରଣା ।

-କିନ୍ତୁ ଆପଣଙ୍କ ପାଖରେ ମୁଁ ସାଧାରଣ ହୋଇ ପାରନ୍ତି ।

-ମାନେ ?

-ଯଦି ଆପଣ ମୋତେ ଗ୍ରହଣ କରନ୍ତେ ।

-ଗ୍ରହଣ ! ତା' ମାନେ ?

ଚପଳା ଖିଲ ଖିଲ ହେଇ ହସି ଉଠିଲା ।

-ଆପଣ ଡର ଯାଆନ୍ତୁ ନାହିଁ ସୁକାନ୍ତ ବାବୁ । ମୁଁ ଆପଣଙ୍କୁ କହୁନାହିଁ ମୋତେ ବିବାହ କରିବାକୁ । ଆଉ ସେ ସ୍ପୃହା ନାହିଁ କି ସେଥିରୁ ମୋତେ ଆନନ୍ଦ ମିଳିବ ନାହିଁ । ମୁଁ କେବଳ କହୁଚି ଆପଣ ଯଦି ମୋ ମତ ଗ୍ରହଣ କରନ୍ତେ ।

ତୁମେ କ'ଣ ତା'ହେଲେ ବିବାହ କରିଛ ?

ନା, ତେବେ ଜଗତ ମୋ ମତ ବିରୁଦ୍ଧରେ ସାକ୍ଷ୍ୟ ଦେବ ।

ଖୋଲି କୁହ, ମୁଁ କିଛି ବୁଝି ପାରୁନାହିଁ ।

-ସେ ସବୁ ଆପଣଙ୍କର ନ ବୁଝିବାହିଁ ଭଲ । କହନ୍ତୁ ରାତିକ ପାଇଁ ମୋତେ ସାହାଯ୍ୟ କରିବେ ? ମୁଁ ସାହାଯ୍ୟ ଲୋଡ଼ି ନ ଥାନ୍ତି, ଯଦି ସେଇ ଦୁଃସ୍ୱପ୍ନଟା ମୋ ପିଛା ଧରି ନ ଥାନ୍ତା ।

-ମୁଁ ତମ କଥାରୁ କିଛି ବୁଝି ପାରୁନାହିଁ ।

-କି ଲାଭ ବୁଝି ଆପଣଙ୍କର ? ରାତିକର ସାଥୀ ହିସାବରେ ମୁଁ ଆପଣଙ୍କୁ ଲୋଡ଼ୁଛି । ତେଣୁ ମୋତେ ବୁଝିବାକୁ ଚେଷ୍ଟା କାହିଁକି କରୁଛନ୍ତି ଆପଣ ? ଥରେ କହିଲି ପରା, ଯଦି ଅତି ଅସାଧାରଣ ମୁଁ ହୋଇଥାଏ, ତଥାପି ଆପଣ ମୋତେ ଅତି ସାଧାରଣ ଭାବରେ ଗ୍ରହଣ କରି ନିଅନ୍ତୁ ।

-ମୋ ପ୍ରତି ତମର ଆସ୍ଥା ଅଛି ?

-ଅଛି ବୋଲି ତ ଏ ଅନୁରୋଧ ।

-ମୁଁ କିଏ ?

-ଜାଣି ଲାଭ ?

-ମୁଁ ଯଦି ତମ ସହିତ ଅସଦ୍ ବ୍ୟବହାର କରେ ?

-ପାରିବେନି ।

-କେମିତି ଜାଣିଲ ?

-ଆପଣ ଏ ପର୍ଯ୍ୟନ୍ତ ମନୁଷ୍ୟତ୍ୱ ହରାଇ ନାହାନ୍ତି ।

-ନିକଟ ଭବିଷ୍ୟତରେ ହରେଇବାର ଆଶଙ୍କା କରୁଛ ନା କଣ ?

-ଅସମ୍ଭବ ନୁହେଁ ।

-ମୁଁ ତମ ସମ୍ବନ୍ଧରେ ଆଉଟିକେ ବେଶୀ ଜାଣିବାକୁ ଇଚ୍ଛା କରୁଛି, ଯଦି କିଛି ମନେ ନ କର........

-ଦେଖନ୍ତୁ ସୁକାନ୍ତ ବାବୁ, ମୋର ଆପତ୍ତି ନ ଥାନ୍ତା, କିନ୍ତୁ କହି କିଛି ଲାଭ ନାହିଁ । ଅକାରଣ ସମୟ ନଷ୍ଟ ହେବ । ଆପଣ ଭୁଲ ପାଉଛନ୍ତି ଯେ

ମୋତେ ରାତ ପାହିବା ଆଗରୁ ବହୁତ ଦୂର ଯାଏ ଅଗେଇ ଯିବାକୁ ହେବ । ଆପଣ କେତେଦୂର ଯିବେ ?

-ଜାଣିନି ।

-ମାନେ ?

-ସେ ବି ଅତି ସହଜ ।

-ତା'ହେଲେ ଆପଣ ବି ଜଣେ ପଳାତକ ?

-ଆପାତତଃ ଧରନ୍ତୁ ତାହାହିଁ ।

-ଆପଣଙ୍କ ପଛରେ ବି ଦୁଃସ୍ୱପ୍ନର ତାଡ଼ନା ଅଛି ?

-ନ ଥିଲେ ବି ସୁଖ ସ୍ୱପ୍ନର ଇଶାରା ନାହିଁ ।

-ଓଃ ବୁଝିଲି, ତା'ହେଲେ ଆପଣ ବି ଜଣେ ନିଃସହାୟ ।

-ନା, ତା' ଅବଶ୍ୟ ଠିକ୍ ନୁହେଁ, ତେବେ ଆଶା କିଛି ନାହିଁ ।

-ଶୃଙ୍କଳା ବାଙ୍କଳା············

-କିଛି ନାହିଁ ।

-କରିବାର ଇଚ୍ଛା ବି ନାହିଁ ।

-ଥିଲା, କିନ୍ତୁ ମରିଯାଇଚି, ନିହତ ହୋଇ ।

-ବାପ, ଭାଇ, ଆତ୍ମୀୟ, ସ୍ୱଜନ, ସ୍ତ୍ରୀ-ପୁତ୍ର ?

-କେହି ନାହାନ୍ତି ।

-ତା' ମାନେ ?

-ମୁଁ କିନ୍ତୁ ଉଦ୍‌ଭ୍ରାନ୍ତ ନୁହେଁ ।

-ଶୁଣି ଭାରି ଖୁସି ଲାଗୁଚି ।

-ମୋର ଏଇ ଦୁଃସମ୍ବାଦ ଶୁଣି ତମେ ହସିବ, ଭାବି ନ ଥିଲି ।

-ଆପଣଙ୍କ ଦୁର୍ଗତି ମୋ ପାଇଁ ଯେ କଲ୍ୟାଣମୟ ।

-ଆପଣ ମୋ ପୋଷାପକ୍ଷୀ ।

-ଚପଳା !!

-ଖାଲି ପଞ୍ଜୁରୀ ଦୁଆର ମୁକୁଳେଇ ଦେଲେ ଆପଣ ଉଡ଼ିଯିବେ । ଉଡରକୁ ପଶିଯିବେ ।

-ଏତେ ଆଗେଇବାର ଅଧିକାର ମୁଁ ତମକୁ ଦେଇନ ଚପଳା ।

-ଆଚ୍ଛା, ଖାଇ ଦିଅନ୍ତୁ ଏଇ ଲଡ଼ୁଟା । ନିଜେ ମୁଁ ହାତରେ କରି ଆଣିଚି ଆପଣଙ୍କ ପାଇଁ । ଯିଏ ପଛରେ ମୋର କେତେ ଆନ୍ତରିକତା ଭରି ରହିଛି ଜାଣନ୍ତି ?

-ତୁମେ ଏଠୁ ଚାଲିଯାଅ ଚପଳା । ମୋ ମୁଣ୍ଡକୁ ଭାରାକ୍ରାନ୍ତ କରନାହିଁ ।

-ଯିବି, ଯିବି । ଆପଣ ମୋଠେ ବ୍ୟସ୍ତ ହୁଅନ୍ତୁନ । ତେବେ ଏଇନେ ଆପଣଙ୍କୁ ଛାଡ଼ି ଯାଉଛି କେମିତି ? ଗଲେ ଆପଣ ବା ବଞ୍ଚିବେ କେମିତି ?

-ମୁଁ ଯେମିତି ବଞ୍ଚି ଆସିଛି ଆଜିଯାଏ ।

-ତାହେଲେ ଆପଣ ଜୀବନର ସ୍ୱାଦ ଚାଖି ନାହାନ୍ତି । ଏପରି ବଞ୍ଚିବା ଓ ମରିବା ଭିତରେ ତଫାତ୍ କ'ଣ ଅଛି ? ଥାଉ, ସେ ସବୁ ପରେ, ଆଗ ଏଇ ଲଡ଼ୁଟି ଖାଇ ନିଅନ୍ତୁତ । ଭାରି ଭୋକ ହେବଣି ।

-ମୁଁ ଖାଇବିନି ତମ ଖାଦ୍ୟ, ତମକୁ ମୋର ସନ୍ଦେହ ହେଉଚି ।

-ମୁଁ ବିଷ ମିଶେଇନି ସୁକାନ୍ତ ବାବୁ । ଆପଣ ମୋତେ ବିଶ୍ୱାସ କରନ୍ତୁ ।

-ତମେ ଜାଣ, ମୁଁ ପୁରୁଷ !

-ମୁଁ ତ ନାରୀ ବୋଲି ଆପଣଙ୍କୁ କହିନାହିଁ ।

-ନାରୀଠୁଁ ମାଡି ଖାଇ ମୁଁ ମୋର ପୌରୁଷକୁ ବଳି ଦେବି ?

-ସେ ଅନେକ ଦିନୁ ବଳି ହେଇ ଯାଇଛି ସୁକାନ୍ତ ବାବୁ । ମୋତେ ମାଫ୍ କରିବେ, କଥା ଗୁଡ଼ାକ ଅପ୍ରୀତିକର ହେଇ ଯାଉଚି ।

-କିନ୍ତୁ ତମେ କ'ଣ ମୋଠୁଁ ବଡ଼ ଚପଳା ?

-ଅନେକ, ଅନେକ ସୁକାନ୍ତ ବାବୁ । ତେବେ ଆପାତତଃ ରାତ୍ରିକର ସାଥୀ ରୂପେ । ପାରିବେନି ? ଏତିକି ଦୟାକରି ପାରିବେନି ?

-କିନ୍ତୁ ମୁଁ ଯେ ଏ ଯାଏଁ ତୁମର ପରିଚୟ ପାଇଲିନି ।

-ଥରେ ପରା କହିଲି ସୁକାନ୍ତ ବାବୁ, କ'ଣ ଲୋଡ଼ା ଅଛି ପରିଚୟରେ । ଦୁଇଟି ଭସାଫୁଲ, ଭାସି ଭାସି ଆସି, ମହାନଦୀର ଏଇ ସ୍ରୋତ ମୁଖରେ ଲାଗିଛନ୍ତି, ପୁଣି ତ ଭାସି ଯିବାକୁ ହେବ ବହୁତ ଦୂର, ଆମକୁ ତ ଜଣାନାହିଁ ସ୍ରୋତ ଆମକୁ ଭସାଇ ନେବ କେଉଁ ଅଜଣା ଅଚିହ୍ନା ବନସ୍ଥଳୀକୁ । ତେଣୁ କେଉଁଠୁ ଭାସି ଭାସି ଏ ଯାଏ ଆସିଲେ, ତାହା ଜାଣି ଲାଭ କ'ଣ !

-ତଥାପି...........

-ଦେଖୁଛ ସୁ, ମହାନଦୀର ଏଇ ପ୍ରଶସ୍ତ ବକ୍ଷ ଉପରେ କିପରି ଅନ୍ୟମାନେ ଅତ୍ୟାଚାର କରି ଚାଲିଛନ୍ତି; ମଣିଷ କେଉଁଠି ରଚିଛି ପଥର ବନ୍ଧ, ତା' ସ୍ୱଚ୍ଛ ପ୍ରବାହକୁ ବନ୍ଦୀକରି ମଣିଷ ହସୁଛି, କିନ୍ତୁ ଜାଣ ସୁ........

-ଚପଳା !

-ତମେ ମତେ ଶ୍ରୀ ବୋଲି ଡାକ ସୁ । ମୁଁ ତମକୁ ଆଉ ଆପଣ ଓ ସୁକାନ୍ତ-ବାବୁ ଡାକି ପାରିବିନି । ମତେ ତୁମକୁ ତମେ କହିବାର ଅଧିକାର ଦିଅ । ତମେ ଜାଣିନି ମୁଁ ଏଇ ଏତିକିର ଅଧିକାର ପାଇବାକୁ କିପରି କାଙ୍ଗାଳିନୀ ସାଜିଛି ।

-ଚପଳା !!

-ନାଁ ତମେ ମୋତେ ଶ୍ରୀ କୁହ । ଚପଳା ମୋ ନା ନୁହେଁ । ନା ଚପଳା ମୋ ନା ନୁହେଁ । ମୋତେ ଶ୍ରୀ ଡାକ । ମୁଁ ଟିକିଏ ଆଶ୍ୱସ୍ତି ଲଭେ ।

ସୁକାନ୍ତ ଧୀରେ ଧୀରେ ସତେ କି ନିଜକୁ ହରାଇ ଥିଲା । ମହାନଦୀର ସ୍ୱଚ୍ଛ ଜଳ ଉପରେ ଚନ୍ଦ୍ରର ନକ୍ସପଟି ଦାନକୁ ସେ ଉପଭୋଗ କରି ପାରୁ ନ

ଥିଲା । ସେ ଅପଲକ ନୟନରେ ଚାହିଁ ଥିଲା ଚପଳା ମୁହଁକୁ । ବନ୍ଧୁ ପରିବର୍ତ୍ତିତ ସେଠି । କାଠିନ୍ୟର ସ୍ତର ତରଳ କାରୁଣ୍ୟରେ ପରିଣତ ହେଲାଣି । ସୁକାନ୍ତର ଧୈର୍ଯ୍ୟ ବନ୍ଧ ଭାଙ୍ଗି ପଡ଼ିଲାଣି । ଆଗକୁ କି ପଛକୁ ପାଦ ବଢ଼େଇବାକୁ ତା ପାଦରେ ବଳ ନାହିଁ ।

–ମଣ୍ଡନ ରହିଲା ସେ ସୁ । ମତେ ଶ୍ରୀ ବୋଲି ଥରୁଟିଏ ଡାକ ।

–ଲାଭ ?

–ତେର, ତମେ ବୁଝି ପାରିବନି । ନର୍କରେ ମୁଁ ସ୍ୱର୍ଗ ସୁଖ ଅନୁଭବ କରିବି । ତୃଷା ମୋର ଅପସରି ଯିବ ।

–ତୃଷା ମେଣ୍ଟେଇବା ପାଇଁ ମହାନଦୀର ପାଣି କଣ ଯଥେଷ୍ଟ ନୁହେଁ ?

–ତମେ ଖେଳନି ସୁ । ତମର ଯିଏ ଖେଳ, ମୋର ସେ କାଳ ହୋଇ ଠିଆ ନ ହୁଏ ଯେମିତି । ଚାଲ ରାତି ଅନେକ ହେଲାଣି । ମହାନଦୀର ସେପାଖରେ ଗୋଟିଏ ପରିତ୍ୟକ୍ତ ଘର ଅଛି, ସେଇଠି ରାତିଟା କଟେଇବା । ଚାଲି ଆସ, ମୋ ହାତ ଧରି ଚାଲି ଆସ ।

ଚପଳା ଉଠିଲା । ମହାନଦୀର ଖରାହନିଆ ରାସ୍ତା ଉପରେ ବୁଢ଼େଇଁ ଆଗକୁ ପାଦ ବଢ଼ାଇଲେ । ସୁକାନ୍ତ ଆପତ୍ତି କଲା ନାହିଁ । ଭାରି ଥକି ପଡ଼ି ଥିଲା ସେ । ଦେହରେ ଶ୍ରାନ୍ତି ଘାରି ଯାଇଥିଲା, ମନକୁ କ୍ଷାନ୍ତି ଲାଭ ଆସୁଥିଲା । ଚପଳା ଆଗେ ଆଗେ ସୁକାନ୍ତ ପଛେ ପଛେ । ଠାଏଁ ଠାଏଁ ମହାନଦୀର କ୍ଷୀଣସ୍ରୋତ କେଉଁ ଅଜଣାଗୀତ ଗାଇ ବହି ଯାଉଥିଲା । ସୁକାନ୍ତ ସେ ସବୁ କିଛି ଅନୁଭବ କରି ପାରୁ ନ ଥିଲା । ସେ ଯେମିତି ଜଡ଼, ସ୍ଥାଣୁ ପାଲଟି ଯାଇଥିଲା ଗୋଟିପଣ । ଚପଳା ନୀରବତା ଭାଙ୍ଗି ପଚାରିଲା—

–ତମେ ଡରୁଚ ସୁ ?

ାକୁ ?

ିତ, ମାନେ ମୋର ଏହି ଆଚରଣକୁ । କିନ୍ତୁ ତମେ ଜାଣନ ସୁ
ର୍ଷ ଧରି କେତେ ଉନିଦ୍ର ରଜନୀ ବିତେଇଚି, ତମଙ୍କୁ ଅପେକ୍ଷା କରି
ାଗମନର ପଦଧ୍ୱନି ବାରିଚି । କିନ୍ତୁ ନିଷ୍ଠୁର ତମେ ! ଆସିନାହିଁ ।
ିର ଦୀର୍ଘଶ୍ୱାସ ସମ୍ବଳ କରି ଲେଉଟିଚି । ମୁଁ ଜାଣେ ତମେ
ଏହି ଉକ୍ତିକୁ ଅବିଶ୍ୱାସ କରିବ । କିନ୍ତୁ ଏ ଅବିଶ୍ୱାସ ତମ
ଧୁଞ୍ଚିଯିବ ଦିନେ । ଯେତେବେଳେ ତମେ ମତେ ଚହ୍ନିବ, ଜାଣିବ
ାମୁଙ୍କୁ କେତେ ଖୋଜେ, ମୋ ପ୍ରାଣ ତମଙ୍କୁ କେମିତି ଲୋଡ଼େ ।
ାସି, ହେଲା କରନି । ମୋ ସାଙ୍ଗେ ସାଙ୍ଗେ ତୁମେ ଥିଲେ ସେଇ
ୂଟା ମୋ ପଛରେ ଆଉ ଧାଇଁ ପାରିବନି । କିଏ ?

ପଳା ଚହିଙ୍କି ପଡ଼ି ସୁକାନ୍ତ ଉପରକୁ ଆଉଜି ପଡ଼ିଲା । ସୁକାନ୍ତର
। ତୋର ଛୁଡ଼ି ଗଲା । ସେ ପ୍ରକୃତିସ୍ଥ ହୋଇ ଚପଳାର ଦେହ
ାରିଲା ତା' ଦେହକୁ । ଚପଳା ଗୋଟି ପଣ ଥରୁଚି ।

ିହେଲା ଚପଳା ?

ସେଇ ଚପଳା ? ନାଁ । ତମେ ମୋତେ ଶ୍ରୀ ବୋଲି ଡାକ ।

ହେଲା କଣ ? ତମେ ଏମିତି ଚମକିଲ କାହିଁକି ?

କିଛି ଦେଖି ପାରିଲନି ସୁ । ସେଇ ଦୁଃସ୍ୱପ୍ନଟା ମୋ ପଛେ ପଛେ
। ନା, ନା, ତମେ କରେ କରେ ଥିଲେ ସେ କୌଣସି ଅନିଷ୍ଟ
କରି ପାରିବନି ମୋର । ମଝିରେ ମଝିରେ ତା'ର ଅସ୍ତିତ୍ୱ
ଇ ଦେଇ ପୁଣି ଲୁଚି ଯାଉଚି । ଏଇ ପବନର ସ୍ତରେ ସ୍ତରେ
ଯେମିତି ଉଙ୍କି ବୁଲୁଚି । ମୋଠୁ ପ୍ରତିଶୋଧ ନେବ ।

ଆସିବନି, ନାଁ ପାରିବନି ମୋଠୁ ପ୍ରତିଶୋଧ ନେଇ ।
ଯେଉଁ ତୀବ୍ର ଦହନ ଜ୍ୱାଳାରେ ଦଗ୍ଧ କରୁଛି, ସେ ଭୁଲିଯି
ଜାଣିବ । ଠିକ୍ ହୋଇଛି । ମୋ କଣ୍ଠା ହାତର ଲକ୍ଷ୍ୟ
ହୋଇଛି । ଆଃ........ମୋତେ ବଞ୍ଚାଅ ସୁ—ରକ୍ଷାକର ।
ପାରୁଛ ସେ କେମିତି ତାର ବିକଟ ଦାନ୍ତ ଦେଖେଇ ମୋ
ଧାଇଁ ଆସୁଛି । ଅଲରା ବାଲ, ବିକଟ ହସ; ଉଃ କେଡ଼େ
ନଖ—ହୋଇ ଆସିଲା ଧାଇଁ ଆସିଲା, ମୋ ଗଳା ଚିପି ରକ୍ତ ପି
ମୋତେ ବଞ୍ଚାଅ, ମୁଁ ମୁଁ ମୁ.....ମ...ମ...ମରିଯିବି ।

ଚପଳା ସୁକାନ୍ତଙ୍କୁ ସେଇମଝି ପଥରେ ଜାବୁଡ଼ି ଧରି ଧୀରେ
ଚେତନା ହରାଇଲା । ସୁକାନ୍ତ ଆଗପଛ ନ ବିଚାରି ଚପଳାର
ଦେହଟାକୁ କାନ୍ଧଉପରେ ପକାଇ ଧାଇଁଲା । ଭାବି ପାରୁନଥିଲ
ଙ୍କ ଦୁଃସ୍ୱପ୍ନ ଚପଳାର ପଛେ ପଛେ ଘୁରି ବୁଲୁଛି ।
କାହିଁକି ସେ ପାଗିଳିନୀ ପରି ଏକାକିନୀ ଘୁରି ବୁଲୁଛି ।

ସୁକାନ୍ତ ଆରପାରିରେ ପହଞ୍ଚିଲା । ଅଳ୍ପ ଦୂରରେ
ଦେଉଳ, ଦେଉଳକୁ ଲାଗି ଗୋଟାଏ ପରିତ୍ୟକ୍ତ ଘର ।
ସବୁ ଦିଶୁଛି । ସୁକାନ୍ତ ଚପଳାକୁ ନେଇ ସେଇ ଘର
ପିନ୍ଧା କାନରେ ବିଞ୍ଚି ଦେଲା ଚପଳାକୁ । ଧୀରେ ଧୀରେ
ଡାକିଲା—ଚପଳା, ଚପଳା !

ଅସ୍ତେ ଚପଳାର ଦେହ ଥରି ଉଠିଲା । ସେ ସୁକା
ଜାବୁଡ଼ି ଧରି କରୁଣ ସ୍ୱରରେ ମିନତିକଲା—

-ନା, ନା ମୁଁ ଚପଳା ନୁହେଁ, ମୁଁ ଶ୍ରୀ । ମତେ ଥରେ ଶ୍ରୀ ବୋ
ସୁ । ମୁଁ ତମ ପାଦ ଧରୁଛି । ମୋତେ ଖାଲି ଶ୍ରୀ ବୋଲି ଥରଟି

-ଅନେକ, କେବଳ ଏଇ ଦଣ୍ଡକ ପାଇଁ ମନ ଜିଣିବାକୁ ।

-ଏଇ କଣ ତମ ଅନ୍ତର କଥା ?

-ହୁଁ

-ମୁଁ ଜାଣେ ଶ୍ରୀ—ତମେ ପରିହାସ କରୁଛ । କିନ୍ତୁ ଅନ୍ତର ସ୍ୱତନ୍ତ୍ର ମନେ ରଖିବାକୁ ହେବ ଜୀବନ ଭରି ।

-ତେବେ ରଖି ପାରିଲେ ହେଲା ।

-ତମେ ପାରିବତ ?

-ଖୁବ୍ । ପୁରୁଷ ଯାହା ନ ପାରେ, ନାରୀ ତାହା ପାରେ ।

-ମୁଁ ଯଦି କୁହେ ନାରୀ ଯାହା ନ ପାରେ ପୁରୁଷ ତାହା ପାରେ ।

-ତା' ହେଲେ ତର୍କ ଛୁଟିବ ନାହିଁ ।

-ନ ଛୁଟୁ !

-କିନ୍ତୁ ଅନ୍ତର ଏ ସ୍ୱର୍ଗିକ ଜୀବନରେ କେବଳ ଅନୁପଥରେ ଅଟି ନ ପାରେ ।

-ଶ୍ରୀ

-ସୁ

-ଆଉ ଟିକେ ନଇଁଆସ । ଇନ୍ଦୁ ଇନ୍ଦୁ ଘଣ୍ଟା ଥର ଉଠୁଛି, ଏକୁ ଅମଙ୍ଗଳର ସୂଚନା ନୁହେଁ ତ ?

-ଜୀବନ ମାନେହିଁ ତ ଅମଙ୍ଗଳ ।

-ତା' ହେଲେ ?

-ଲଢିବାକୁ ହେବ ।

-କାହା ସଂଗରେ ?

-ଜୀବନ, ସମାଜ, ଜାତି; କୁଟୁମ୍ବ ।

-ତୁମେ ପାରିବକି ? ନାରୀର ଦୁର୍ଭୋଗର ସୀମା ରୁହେନ । ଥରେ କଳଙ୍କ

ବାଉଦ ବାଜିଲେ ଅନ୍ଧ ତାଙ୍କ ହୁଏନା । ସେଇଥି ପାଇଁ ମୁଁ ଡରୁଛି ।

-ପୁରୁଷ ବୃକ୍ଷ, ନାରୀ ଲତା, ସେ ଯଦି ଠାଣୁଆ ଗଛ ପାଏ, ଲଟେଇ ଯିବ ।

-ଯିତ କହୁଛ ଶ୍ରୀ ? ଝଡ଼, ଝଞ୍ଜା, ବାଆ, ବତାସ……

-ସବୁ ସହି ନେବ । ଯଦି ଗଛ ଉପୁଡ଼େ, ତା' ସହିତ ଲତାବି ଛିଡ଼ି ଯିବ; ତା' ପୂର୍ବରୁ ନୁହେଁ ।

-କିନ୍ତୁ ମୁଁ ବୁଝି ପାରୁନି ଶ୍ରୀ ! ଜଗତର ଗୋଟିଏ ଅବହେଳିତ ପ୍ରାଣ,

-ତମର ଏତେ ଦରଦ କାହିଁକି ?

-ମୁଁ ଜାଣିନି, ସେମିତିଆ କଥାର ମୁଁ ଜବାବ ଦେଇ ପାରିବିନି ।

-ଶ୍ରୀ ଆଜି ବି ସମୟ ଅଛି, ତମେ ଭଲ କରି ଭାବି ସିଦ୍ଧାନ୍ତ କର, କ୍ଷଣିକର ଏହି ଉନ୍ମାଦନା, ଚିର ଜୀବନର ଭୁଲ୍ ଯେମିତି ନ ହୁଏ । କାରଣ ତମେ ଆକାଶର ଚନ୍ଦ୍ର, ଆଉ ମୁଁ……

-ସୁ, ତମେ ବୁଝିନ ସେମିତି । କେତେ କଷ୍ଟ ଦେଉଛ ମୋତେ ଜାଣ ? ମତେ ସବୁବେଳେ ଦୁଃଖ ଦେବାକୁ ତମେ କ'ଣ ପ୍ରସ୍ତୁତ ହୋଇ ଥାଅ ?

-କିନ୍ତୁ ଶ୍ରୀ, ମୁଁ ଭାବି ପାରୁନାହିଁ, ଏତେବଡ଼ ସୌଭାଗ୍ୟର ଅଧିକାରୀ ହୋଇ ବଂଚି ପାରିବିତ ? ଜଗତ କ'ଣ ମୋର ଶିରୀ ଦେଖି ପାରିବ ?

-ପୁଣି ସେଇକଥା । ତମ ଗୋଡ଼ ଧରୁଚି ସୁ, ଆଜିର ଏଇ ସୁନ୍ଦରତାକୁ ଉପଭୋଗ କରିବାକୁ ଦିଅ, କେତେ ବର୍ଷର ତପସ୍ୟାର ଏଇ ଫଳଟି । ଛାତିର ଛିଡ଼ର ଉହାକ ନ କମେଇ ତମେ ଯଦି ବଢ଼େଇ ଯାଅ, ତା' ହେଲେ ସତ କହୁଚି ସୁ, କାନ୍ଦି କାନ୍ଦି ଭଗ୍ନ ନଇକୁ ଡେଇଁ ପଡ଼ିବ !

-କିନ୍ତୁ ମୁଁ ବୁଝୁନି ଶ୍ରୀ, ତମର ମୋ ପ୍ରତି ଏତେ ଦରଦ କାହିଁକି ।

-ପୁଣି ସେଇ କଥା ? ସେତିକି ନ ପଚାରିଲେ ହୁଅନ୍ତାନି ?

-ନା, ନା ଶ୍ରୀ, ମତେ ମୁଁ ବିଶ୍ୱାସ କରି ପାରୁନି ।

-ଯଦି କୁହେଁ ମୁଁ ତୁମର ଗୁଣ ମୁଗ୍ଧା ?

-ତା ହେଲେ ହସିବି ।

-କାହିଁକି ?

-କାରଣ ତମ ଭଳି ଗୋଟିଏ ଝିଅକୁ ମୁଗ୍ଧ କରିବାକୁ ମୋ ଠାରେ କୌଣସି ଗୁଣ ନାହିଁ ।

-ଯଦି କୁହେ ମୁଁ ତମକୁ ଭଲପାଏ ?

-ତା ହେଲେ ନିହାତି ପରିହାସ କରୁଛ ।

-ନୁ, ତମେ ମତେ ଭୁଲ ବୁଝନି, ମୁଁ ତମକୁ ବୁଝାଇ ପାରିବିନି, ଆଉ ତମେ ଯେତେବେଳେ ଯାହା ବି କହି ପାରିବ, ତମ ଅନ୍ତରରେ ମୋ ପାଇଁ ମୋଟେ ସ୍ଥାନ ନାହିଁ; ତମେ ଭୁଲରେ କେବେ ମୋ କଥା ଭାବନି, ନିରୋଳାରେ କେବେ ମୋ ସଙ୍ଗେ ଖେଳନି, କଳ୍ପନାରେ କେବେ ମୋ ମୂର୍ତ୍ତି ଆଙ୍କି ବିଭୋର ହୁଅନି ? ଆଉ........

-ଥାଉ ଶ୍ରୀ । କଳ୍ପନା ସହିତ ବାସ୍ତବର ମୋଟେ ସମ୍ପର୍କ ନାହିଁ । ଦୁହିଁଙ୍କର ପଥ ଭିନ୍ନ, ଗୋଟିଏ ସୁନ୍ଦର ଅନାସକ୍ତ ତୃପ୍ତି, ଗୋଟିଏ ସ୍ୱାର୍ଥ ଅନାସକ୍ତ ତପସ୍ୟା । ଦୁହିଁଙ୍କର ତୁଳନା ହୁଏନା, ହୋଇ ପାରେନା । ଠିକ୍ କଳ୍ପନା ଆଉ ବାସ୍ତବ ପରି ତମ ମୋର ସମସ୍ୟା, ମୁଁ ଯେ ତମକୁ ପ୍ରାଣେ ପ୍ରାଣେ ମନେ ମନେ କେତେ ଶ୍ରଦ୍ଧେ, ତାହା ଭାଷାରେ ବ୍ୟକ୍ତ କରିବାର ଭାଷା ମୋ ପାଖରେ ନାହିଁ ।

-ନୁ, ତମେ ଫେରି ଆସ, ଫେରି ଆସ। ଆମର ଏହି ଟିକି ଦୁନିଆଁ ଭିତରକୁ । ଆଜିର ଏଇ ମୁହୂର୍ତ୍ତ ଗୁଡ଼ାକ ଅନ୍ତତଃ ଉପଭୋଗ୍ୟ ହୋଇ ଉଠୁ, ଜଗତରେ ତୁମର ଓ ମୋର ସମ୍ପର୍କ ତୁଳନା କରିବାକୁ ପରେ

ଯଥେଷ୍ଟ ସମୟ ମିଳିବ, କିନ୍ତୁ ଆଜିକର ଏଇ ମୁହୂର୍ତ୍ତଟି [illegible] ଦେଉଛ । ଯେ ଦ୍ୱିତୀୟ ଥର ପାଇଁ ନ ଆସି ପାରେ । [illegible]ବସରେ

-ତଥାପି ମୁଁ ଚିନ୍ତା କରି ପାରୁନି ଶ୍ରୀ, ମୁଣ୍ଡଟା ମୋର ଗୋଳମାଳ ଯାଉଛି ।

-ହେଉ ତେମେ ମୋ ଜଙ୍ଘ ଉପରେ ମୁଣ୍ଡ ଥାପି ଟିକିଏ ବିଶ୍ରାମ କର, ଶୀତଳ ପବନ, ଫୁଲର ମହକ ଆକାଶର ତାରା, ସମସ୍ତେ ମିଶି ମନରେ ତମର ମହକ ଭରି ଦେବେ ।

-ଶ୍ରୀ

-ଉଁ

-ମତେ କିନ୍ତୁ ଭାରି ଡରି ମାଡୁଛି ।

-ମୁଁ ପାଖରେ ଅଛି ପରା !

-ସେଇଥି ପାଇଁତ ଡର । କିଏ ଜାଣେ ତୁମେ ହୁଏତ ସବୁ ଦିନ ମୋ ପାଖରେ ରହି ପାରିବ ନାହିଁ ।

-ମୁଁ କଥା ଦେଉଛି ସୁ । ଜଗତର କୌଣସି ଶକ୍ତି ତମ ପାଖରୁ ମୋତେ ଅଲଗା କରି ପାରିବ ନାହିଁ ।

-ଶ୍ରୀ, ତମର ଏହି ହସିଲା ମୁହଁରେ ହସ ମୁଁ କ'ଣ ସବୁଦିନ ଉଜ୍ଜ୍ୱଳ ରଖି ପାରିବି ?

-ତେମେ ବ୍ୟସ୍ତ ହୁଅନି ସୁ, ତମେ ନ ପାରିଲେ ବି ମୁଁ ହସିବି । ଦୁଃଖ କଷ୍ଟ, ବାଧା ବିପତ୍ତି, ସବୁଥିରେ ମୋ ହସ ଅମ୍ଳାନ ରହିବ । କିନ୍ତୁ ମୁଁ ଆଜି ତମଠାରୁ ଶେଷ କଥା ପଦିଏ ଆଦାୟ କରିବାକୁ ଆସିଛି । ତମେ ମତେ ନିରାଶ କରିବ ନାହିଁ ତ ?

-ନା ଶ୍ରୀ, ତମର ଏହି ହସିଲା ମୁହଁରେ ମୁଁ ଆଜି ଆଉ ଦୁଃଖ ଉକୁଟେଇ

ପଞ୍ଚମୀର ମୃଣ୍ମି ଚନ୍ଦ୍ର ହସୁଛି, ଅକାଶରେ ତାରା ହସୁଛନ୍ତି,

-ଯଦି କୁହେଁ ମୁଁ ଲ ହସୁଛନ୍ତି, ଜଗତ ହସୁଛି ମୁଁ ମୋ ମୁହଁରେ ଦୁଃଖ

-ତା' ପ୍ରକାଶିବ କେମିତି !

-କାହିଁକି କହୁଛ ସୁ ? ମୋ ଦାଦା ଛୁଇଁ କହିଲ, ତମେ କଥା ରଖିବ ?

-ରଖିବ, ରଖିବ ଶ୍ରୀ । କଥା ଦେଉଛି ସେତେବେଳେ, ଶପଥର ଲେଖା କଣ ?

-କିନ୍ତୁ ସୁ……

-ଛାଡ଼, ଅଟକନା ।

-ଗତ ପାଞ୍ଚ ବର୍ଷର ପ୍ରତୀକ୍ଷା ପରେ ମୁଁ ଆଜ ତମକୁ ନବେଲାରେ, ଏତେ ନିକଟରେ ପାଇଛି । କିନ୍ତୁ କାଲିର ଆବେଗ, କାଲିର ଉତ୍କଣ୍ଠା ଆଜ ତମ ସ୍ପର୍ଶରେ ସବୁ ସତେକି ଉଭେଇ ଯାଇଛି । ଏଣେ କହୁଁଛ ସୁ ! ମୋ ମୁହଁରୁ ପାଞ୍ଚ ବର୍ଷର ସେଇ ପ୍ରତୀକ୍ଷାର ଛାପ ମିଳେଇ ଯାଇନି ?

-ଯାଇଛି, କିନ୍ତୁ ତା' ଜାଗାରେ ଦେଖା ଦେଇଛି ଗୋଟିଏ ନୂଆ ଛାପ ।

-ତମେ କ'ଣ ସ୍ପଷ୍ଟ ଦେଖି ପାରୁଛ ସୁ ?

-ଖାଲି ଦେଖି ପାରୁଛି ନୁହେଁ, ପଢି ବି ପାରୁଛି । ସ୍ପଷ୍ଟ ଅକ୍ଷରରେ ସରଳ ଭାଷାରେ ଲେଖା ହୋଇଛି………

-କଣ ?

-ନା, କହିବିନି ଶ୍ରୀ, କହି ଅକ୍ଷର ଚିତ୍ରଟିକୁ ବଦଳ କରିବି ନାହିଁ - ତମ ହସିଲା ମୁହଁରେ ଚିନ୍ତାଗାର ଟାଣିବି ନାହିଁ । ତମେ ବଞ୍ଚିରୁହ, ଅମ୍ଳାନ ରହୁ ତମ ମନର ଲକ୍ଷ ମାନସ ଫୁଲ ।

-ଏ ସବୁ କ'ଣ କହୁଛ ସୁ ? ମୋର ଯେମିତି ମନେ ହେଉଛି……

-ମୁଁ ତମକୁ ପରିହାସ କରୁଛି ? ନା ନା ଶ୍ରୀ । ମୁଁ ତୁମକୁ ଉତ୍ସାହ

ଦେଉଛ, ପ୍ରେରଣା ଦେଉଛ, ଆଶା, ଭରସା, ଥଳ, ବଳ, ସବୁ ଦେଉଛ । ତମ ମାନସ ମନ୍ଦିର ଗଢି ଉଠୁ । ତମେ ହସ; ମୁଁ ହସେ । ଆମ ହସରେ ଜଗତ କାନ୍ଦୁ ।

-ସୁ, କ'ଣ କହୁଛ ଏ ସବୁ । ମୁଁ ଯେ କିଛୁ ବୁଝି ପାରୁ ନାହିଁ ?

-ତମେ କ'ଣ ମୋତେ ସନ୍ଦେହ କରୁଛ ?

-......................

-ଅର୍ଥରୁ ଅନର୍ଥ ବାଛୁଛ ?

-..................

-ଲୁହ, ଲୁହ ଶ୍ରୀ, ନୀରବ ରହିଲ ଯେ ।

-କିନ୍ତୁ ସୁ, ତମୁକୁ ଆଜ ମୋର ଗୋଟିଏ କଥା ରଖିବାକୁ ହେବ ।

-ଗୋଟିଏ ନୁହେଁ ଶ୍ରୀ; ମୁଁ ଆଜ ତମର କୋଟିଏ କଥା ରଖିବା ପାଇଁ ପ୍ରସ୍ତୁତ ହୋଇ ଆସିଛ । ଲୁହ, ଲୁହ କ'ଣ ଚାହଁ ତମେ ।

-ତା' ହେଲେ ଉଠ ।

-ମାନେ ?

-ଉଠ ମୁଁ କହୁଛ ।

-ଲୁହ ।

-ଆସ ମୋ ସଙ୍ଗରେ ।

-କେଉଁଠାକୁ ?

-ମୋ ହାତ ଧର ଚାଲିଆସ ।

-କିନ୍ତୁ କେଉଁଠାକୁ ?

-ଠାକୁର ମନ୍ଦିରକୁ ।

-ଏତେ ରାତିରେ......

-ହିଁ, ଶିବାଙ୍କୁ ଦେବ ତୁମକୁ । ଲୋକଙ୍କ ଆଗରୁ କହୁଛ ପରା ଆଜି ମୋର କୋଟିଏ କଥା ରଖିବାକୁ ପ୍ରସ୍ତୁତ ହୋଇ ଆସିଛ, ଏଇ ଗୋଟିକ ରଖି ପାରିବ ନାହିଁ ?

-ବେଶ୍, ଚାଲ ।

× × × × ×

-ଏଇଠି, ଏଇ ଜଗନ୍ନାଥଙ୍କ ସମ୍ମୁଖରେ ଶପଥ କରି କୁହ, "ଆଜିଠାରୁ ମୁଁ ତୁମକୁ ସ୍ତ୍ରୀ ରୂପେ ଗ୍ରହଣ କଲି," ଆଉ ମୁଁ କହୁଛି 'ତୁମକୁ ସ୍ୱାମୀ ରୂପେ ଗ୍ରହଣ କଲି ।"

-ସ୍ୱୀକାର କରୁଛି ।

-ସୁ, ଆଜି ବହୁଦିନର ଈପ୍ସିତ ବାସନା ମୋର ପୂର୍ଣ୍ଣ ହୋଇଛି । ଏଥର ମୁଁ ନିଶ୍ଚିନ୍ତ । ହସି, ନାଚି, ଗାଇ ଗାଁ ଭୂଇଁ ଥରେଇ ଦେବ ।

-ଯେତେବେଳେ ସବୁ କଥା ଜଣା ପଡ଼ିଯିବ ।

-ପଡ଼ୁ, ମୁଁ ତ ଅନ୍ୟାୟ କିଛି କରିନାହିଁ ।

-ସମାଜପତି ଯେତେବେଳେ ଦାଉଆ କଟୁରୀ ଧରି ଆମ ଆଡ଼କୁ ମାଡ଼ି ଆସିବେ ? ତାଙ୍କ ଲାଲ ଲାଲ ଆଖିରୁ ଯେତେବେଳେ ଅଗ୍ନିସ୍ଫୁ-ଲିଙ୍ଗର ପ୍ରସ୍ରବଣ ଆରମ୍ଭ ହେବ ? ଜାତି, ବନ୍ଧୁ, କୁଟୁମ୍ବ ଯେତେବେଳେ କୈଫିୟତ ଲୋଡ଼ିବେ, କି ଜବାବ କି ଜବାବ୍ ଦେବ ସେତେବେଳେ ?

-ଶାନ୍ତ ହୁଅ ବନ୍ଧୁ, କୈଫିୟତ୍ ତଲବ କରିବାର ବେଳ ଗଡ଼ିଯାଇଛି । ଆସ ଜଗନ୍ନାଥଙ୍କ ଚରଣ ତଳେ ମୁଣ୍ଡ ନୋଇଁ ଆମର ଗୁହାରି ଜଣେଇବା, ସେ ଜଗତର ନାଥ, ଆମ ମନ କଥା ବୁଝିବେ ।

-ଶୀ, ଏଣେ ଚାହିଁତ, କିଏ; କିଏ ସେଇ ଛାୟାମୂର୍ତ୍ତିଟା ! ଏ ଧୀରେଧୀରେ ଆମର ଆଡ଼କୁ ମାଡ଼ି ଆସୁଛି ଯେ । ହାତରେ ଗୋଟାଏ ଶାଣିତ ଛୁରୀ;

ଦେହସାରା କଳା ପୋଷାକରେ ଆବୃତ; କଏ ? କଏ ସେଇ ଛାୟା·····

-ଆଃ···ବଂଚାଅ; ବଂଚାଅ·····

ଚପଳା ଗୋଟାଏ ଆର୍ତ୍ତ ଚିତ୍କାର କରି ସୁକାନ୍ତକୁ ଜାବୁଡ଼ି ଧରିଲା । ସୁକାନ୍ତର ନିଦ ଶୃଙ୍ଖଳା ଭାଙ୍ଗିଗଲା । ସେ ଦେଖିଲା ଚପଳା ଥୋଟ୍ଟପଣ ଥରୁଛି । ଦେହରୁ ଗମ୍ ଗମ୍ ହୋଇ ଝାଳ ବହି ଯାଉଛି ।

-କ'ଣ କ'ଣ ହେଲା ଚପଳା ?

ଚପଳା ଟିକିଏ ସୁସ୍ଥ ହୁଅନ୍ତି କହିଲା ।

-ଗୋଟାଏ ଭୟଙ୍କର ସ୍ୱପ୍ନ ଦେଖିଲି ସୁକାନ୍ତବାବୁ । ଆଉ କିଛି ନୁହେଁ ।

-କିନ୍ତୁ ତମେ ଥୋଟ୍ଟପଣ ଥରୁଛ ଯେ !

-ମୋ ଜୀବନରେ ଏଇଟା ନୂଆ ନୁହେଁ, ସୁକାନ୍ତବାବୁ । ଦେହସୁଦ୍ଧା ହୋଇଗଲାଣି । ଏଇ ସ୍ୱପ୍ନ ଭିତରେ ମୁଁ ଅତୀତ ଜୀବନକୁ ଦେଖି ପାରୁଛି । ତଥାପି ସ୍ୱପ୍ନ ମୋ ସଙ୍ଗ ଛାଡ଼ୁନି । ଆପଣ ଖୁବ୍ କ୍ଳାନ୍ତ । ଶୋଇ ପଡ଼ନ୍ତୁ ।

ସୁକାନ୍ତ ଶୋଇଛି । ଆଖିରେ ତା'ର ଲକ୍ଷେ ଦିନର ତନ୍ଦ୍ରା । କପାଳରେ ଚିନ୍ତାର ନିଶାଣ । ରହି ରହି ଆଖିପତା ଯୋଡ଼ାକ ଥରି ଉଠୁଛି । ବାହାରେ ଖରା ମାଡ଼ି ଗଲାଣି । ଚପଳା କେତେବେଳେ ନିଦରୁ ଉଠି ଗାଧୁଆ ପାଧୁଆ ଶେଷ କଲାଣି । ତା ଦିବ୍ୟ ମୁହଁରେ ଫୁର୍ତ୍ତିର ରେଖା ଭରି ଯାଇଛି । ହାତ ପାଦରେ ଚଞ୍ଚଳତାର ଛନ୍ଦ ଫୁଟି ଉଠିଛି । ସତେ ଯେମିତି ସେ ଆଜି ତା ଅଯୁତ ଦିନର ହଜାନିଧି ଫେରି ପାଇଛି । ପାଖ ବଜାରରୁ ଯାଇ ଦରକାରୀ ଜିନିଷପତ୍ର କେତେକ କିଣି ଆଣି ସାରିଲାଣି । ଶୁଖିଲା ତାଳପତ୍ର ସାଉଁଟି ଚୂଲି ଜଳେଇଲାଣି । ତଥାପି ସୁକାନ୍ତର ଘୁମ ଭାଙ୍ଗି ନାହିଁ । ସେ ହୁଏତ ଗତ ରାତ୍ରିର ଘଟଣାକୁ ଶୋଇ ଶୋଇ ସ୍ୱପ୍ନ ଦେଖୁଛି । ସେ ହୁଏତ କଳ୍ପନା କରି ପାରୁନାହିଁ ତା'ର ସ୍ଥିତି, ଅବସ୍ଥିତିକୁ ।

ଚପଳା ମୁହଁରେ ହସର ପରାଗ ବୋଳି ଧୀରେ ଗୋଡ଼ ଟିପି ଟିପି ଆସିଲା । ସୁକାନ୍ତ ଶୋଇଛି । ହଁ ଶୋଇଛି ସେ । ଶୋଇଥାଉ । ଏତିକି-ବେଳେ ଏଠାରୁ ଖସି ଚାଲିଗଲେ ସୁକାନ୍ତ ହୁଏତ ଉଠି ଚହଙ୍କି ପଡ଼ିବ । ଯେତେବେଳେ ଗତ ରାତ୍ରିର ଘଟଣା ତା ମନରେ ଫୁଟି ଉଠିବ କିଛୁ ସେ କଳନା କରି ପାରିବ ନାହିଁ । ଭାବିବ ସବୁ ଅସତ୍ୟ, ସବୁ ଗୋଟାଏ ନିରାଟ ଦୁଃସ୍ୱପ୍ନ ।

ଚପଳା ଖିଲ ଖିଲ ହୋଇ ହସି ଉଠିଲା । ହସର ତରଙ୍ଗାୟିତ ଧ୍ୱନି ପ୍ରତିଧ୍ୱନିତ ହୋଇ ଗୋଟାଏ ଉଚ୍ଛୃଙ୍ଖଳତା ସୃଷ୍ଟି କଲା । ସୁକାନ୍ତର ନିଦ ଶୃଙ୍ଖଳା ଭାଂଗିଗଲା । ସେ ବିଚଳିତ ହୋଇ ଉଠି ବସିଲା ବେଳକୁ ଚପଳା ହସୁଛି । ସୁକାନ୍ତ ଚହଲି ପଡ଼ିଲା । ଆଗରେ ଷ୍ଟୁ’ କପରୁ ଧୂଆଁର କୁଣ୍ଡଳୀ ଉଠି ଉପରେ ଗୋଟାଏ ଆଶ୍ଚର୍ଯ୍ୟ ପରିସ୍ଥିତି ସୃଷ୍ଟି କରୁଛି । ସକାଳର କଅଁଳ ଖରାରୁ ଟିକିଏ ପଡ଼ୁଛି ଚପଳାର ହସନ୍ତା ମୁଖ ମଣ୍ଡଳ ଉପରେ । ସଜଫୁଟା ନାଲି ଗୋଲାପ ପରି ଚପଳାର ମୁହଁଟି ଦିଶୁଛି ଲୋଭା । ଶୋଭା ତାର ବଢ଼େଇ ଦେଇଛି ଅଲରା ବାଳ କେରାକ । ସୁକାନ୍ତ ଆଖିରେ ପ୍ରଶ୍ନବାଚୀ ।

-ତତେ ବୁଝି ପାରୁନାହିଁ ବୋଧହୁଏ ।

ଚପଳା ପଚାରିଲା ହସି ହସି ।

-କେବଳ ଏଇ ଷ୍ଟୁ’କୁ ଛାଡ଼ିଦେଲେ; ବାକି ସବୁର ଗୋଟାଏ ଅନୁମାନିକ କଳନା କରି ପାରୁଛି ।

ସୁକାନ୍ତ କହିଲା ଉପର ନିଃସହାୟ ସ୍ୱରରେ ।

-ବେଳ କେତେ ହେଲାଣି ଜାଣ ?

-ହୁଏତ ଅଠଟା ନ’ଟା ହେବ । କିନ୍ତୁ ବେଳ ସହିତ ଏ ଷ୍ଟୁ’ର କୌଣସି ସଂପର୍କ ଥିଲା ପରିତ ମନେ ହେଉନି ।

ଚପଳା ଖାଲି ହସିଲା ।

ସୁକାନ୍ତ ବିସ୍ମିତ ହୋଇ ପଚାରିଲା—

-ହସିଲ ଯେ !

-ସେଇତ ମୋର ବିଶେଷତ୍ୱ ।

-ବୁଝିଲି, କିନ୍ତୁ ବିଛଣାରୁ ଉଠି ଏତେଟା ଆଶା କରି ନ ଥିଲି

—ମଣିଷର ଆଶା ତ କେବେ ପୂରଣ ହୁଏ ନାହିଁ, କିନ୍ତୁ ଯେତେବେଳେ ଆଶାତୀତ କିଛି ଯଦି ଘଟିଯାଏ ତା'ହେଲେ ମଣିଷ କୃତଜ୍ଞ ହେବା ଉଚିତ; ନୁହେଁ କି ?

ସୁକାନ୍ତ ଚାହିଁଲା ଅନେଇଲା ଚପଳା ଆଡ଼େ । କେବଳ ହାସ୍ୟର ହାଲ୍‌କା ଲହରୀ ଛଡ଼ା ଅନ୍ୟ କିଛି ନାହିଁ । ସୁକାନ୍ତ ଭାବିଲା—କାଲି ରାତିର ଚପଳା ଆଉ ଆଜି ସକାଳର ଚପଳା ଭିତରେ ଯେପରି ବହୁ ତଫାତ୍ । କାଲି ସେ ଥିଲା ଚିନ୍ତିତା, ଶଙ୍କିତା ଆଉ ବ୍ୟଥିତା । କିନ୍ତୁ ଆଜି ? ସତେ ଯେମିତି ଜଗତର ଦୁଃଖ ତା' ଛୁଇଁ ପାରେନା । ସୁକାନ୍ତ ତୁଳନା କରି ପାରିଲା ନାହିଁ । ଚପଳା ଆଖି ମୁହଁ ଫେରାଇ ନେଇ କ'ଣ ଯେମିତି ଖୋଜିଲା ସୁକାନ୍ତ ।

ଚପଳା ଗୋଟିଏ ପ୍ୟାକେଟ୍ କ୍ୟାପ୍‌ଷ୍ଟେନ୍ ଆଉ ଦିଆସିଲିଟିଏ ବଢ଼େଇ ଦେଲା ତା' ହାତକୁ ।

ସୁକାନ୍ତର ଆଖି ଯୋଡ଼ାକରୁ ବିସ୍ମୟର ପାଖୁଡ଼ା ଝରି ପଡ଼ିଲା, କିନ୍ତୁ ଚପଳା ଆଖିରେ ଦରଫୁଟା ଗୋଲାପର ଆଭା ।

ଚପଳା ଚାଲି ଯାଉଥିଲା । ସୁକାନ୍ତ ଡାକିଲା—

—ଶୁଣ !

—ନା, ମୋର ସମୟ ନାହିଁ ।

—ମାନେ ?

—ଡାଲି, ଲୁଣ ଆଉ ହଳଦୀର କୌଣସି ମାନେ ନଥାଏ ।

—ଚପଳା ! ଚପଳାମୀ ସବୁବେଳେ ଶୋଭା ପାଏନା ।

—ସତକଥା । ଯେବେ ଚପଳାମୀ ହୁଏ, ତା'ହେଲେ ଆପଣ ଉଠି ଆସନ୍ତୁ ଦେଖିବେ ଚୁଲିରେ ଡାଲି, ଲୁଣ, ହଳଦୀ ଦିଅଛି କି ନାହିଁ ।

-କିନ୍ତୁ ମୁଁ ପଚାରୁଚି ଏ ସବୁ ତୁମେ ସଂଗ୍ରହ କଲ କେଉଁଠୁ ?

-ଓଃ—ଏଇ କଥା । ମୋ ପାଖରେ ସାମାନ୍ୟ କିଛି ଟଙ୍କା ଥିଲା । ମୁଁ ସକାଳୁ ଯାଇ ପାଖ ବଜାରରୁ ଆମର ଆବଶ୍ୟକୀୟ ଜିନିଷପତ୍ର କିଣି ଆଣିଛି ।

-ହୁଁ, ତା' ହେଲେ ତୁମ ଓଟେଲର ଗଲଣି କାହିଁକି । ହେଉ, ଭଲ କଥା । ମୁଁ କିନ୍ତୁ ଏଠାରେ ତମ ସହିତ ସାମିଲ୍ ହେବି ଏକଥା ଭାବି ପାରିଲ କେମିତି ?

ଚପଳା ପୁଣି ହସିଲା । ଚେୟାରୁ ଯାଇ ସୁକାନ୍ତ ପାଖରେ ବସି ଲୁଗା କାନିରେ ବିଞ୍ଚିଦେଲା । କଥାରେ ମୋଡ଼ ବୁଲେଇ କହିଲା—

-ଗରମଟା ଭାରି ପଡ଼ୁଚି ନୁହେଁ ସୁକାନ୍ତ ବାବୁ ? ବେଳ ପହଞ୍ଚେ ହୋଇ ନାହିଁ, ଅଥଚ ଖରା ଗରମ ଗରମ ହୋଇ ବାହାରିଲାଣି । ଯା' ହେଉ ଆପଣ ଇଚ୍ଛା କଲେ ଆଉ ଅଧଘଣ୍ଟାଏ ଶୋଇ ପାରନ୍ତି । ମୁଁ ତେଣେ ଡାଲମା ବଘାର ଦିଏଁ । ଆଉ ସବୁ ପ୍ରାୟ ଶେଷ ହୋଇ ଗଲାଣି । ତା'ପରେ ଡାକିବି ଗାଧୋଇ ଯିବେ ।

ଚପଳା ଚାଲିଗଲା ।

ସୁକାନ୍ତ ଶୋଇ ଶୋଇ ଭାବୁଥିଲା । କେଉଁଠୁ ଭାସି ଆସି କେଉଁଠି ସେ ଲାଗିଲା । ପୁଣି କେଉଁଆଡ଼େ ଭାସିଯିବ କିଏ ଜାଣେ ? ସୁକାନ୍ତ ସିଗାରେଟ୍‌ରେ ଅଗ୍ନି ସଂଯୋଗ କରି ଉପରକୁ ଅନାଇ ଭାବି ଚାଲିଥିଲା । କିଏ ଏହି ଚପଳା ! କାହିଁକି ମୋ ପ୍ରତି ତାର ଏ ଦରଦ ! କାଲି ଯାହା ଆଖିରେ ଦୁଃସ୍ୱପ୍ନର ଛାଇ ଦେଖୁଥିଲି, ଆଜି ତା ଆଖିରେ ସୁଖ ସ୍ୱପ୍ନର ଇସାରା ! କାଲି ଯିଏ ପୋଲିସ୍ ଡରରେ ଏଠାକାର କି ସୀମାନା ପାର ହୋଇ ଯିବାକୁ ସଜ ହେଉଥିଲା, ଆଜି ସେ ଏହି ପରିତ୍ୟକ୍ତ

ଘରଟାରେ ସଂସାର ମେଲିଲଣି । ଅଥଚ…………

ସୁକାନ୍ତ ଧୀରେ ଧୀରେ ଉଠିଲ । ଗୋଟିଏ ମହଲ । ମହଲଟି ଛୋଟ ପାଞ୍ଚ ବଖରା ଘର । ଚାରିଆଡ଼େ ଧୂଳି ଜମି ଯାଇଛି । ଇଟା-ଗୁଡ଼ାକ କେଉଁଠୁ କେମିତି ଖସିବାକୁ ଆରମ୍ଭ କଲଣି । ସୁକାନ୍ତ ଦେଖିଲ ସେଇ ଘର ମଧ୍ୟରୁ ଦୁଇଟି ବଖରା ସଫା ସୁତୁରା । କେତେକ ଚଳନ୍ତି ଉପଯୋଗୀ ପଦାର୍ଥ ରଖାଯାଇଛି । ଆଉ ଘରେ ଚପଳା ବସି ଭୂଲ ଜାକୁଚ । ତା' ଦେହ ମନରୁ ବିଷାଦର କାଳିମା ଲିଭି ଯାଉଚ ।

ସୁକାନ୍ତ କେବଳ ଲକ୍ଷ୍ୟ କରିଗଲ । ଗୋଟିଏ ସଂସାର ଚଳିବା ପାଇଁ ଯାହା ଯାହା ପଦାର୍ଥ ଆବଶ୍ୟକ, ସବୁ ପ୍ରାୟ ସଂଗ୍ରହ ହୋଇଯାଇଚି । କେଉଁଠୁ ସେ ପାଇଲ ଏତେ ଟଙ୍କା ପଇସା ? କିନ୍ତୁ ସବୁଠାରୁ ବିସ୍ମୟର କଥା କିଏ ଏହି ଚପଳା ? ସୁକାନ୍ତ ସିଗାରେଟ୍‌ରୁ ଧୂଆଁ କାଢ଼ି ଉପରକୁ ଚାହିଁ ଭାବୁଥିଲ ।

କାହାର କୋମଳ ସ୍ପର୍ଶରେ ସୁକାନ୍ତ ଚିହ୍ନିକି ପଡ଼ିଲ । ପଛ ଆଡ଼କୁ ବୁଲି ଅନେଇଲ, ଚପଳା ତା' ଦେହରେ ହାତ ଥାପି ହସୁଚି ।

-ଭାରି ଅଡୁଆରେ ପଡ଼ିଗଲେ, ନା ସୁକାନ୍ତ ବାବୁ ?

ସୁକାନ୍ତ କିଛି କହିଲ ନାହିଁ । ସେଠାରୁ ଉଠି ଯିବାକୁ ଚେଷ୍ଟା କରୁଥିଲ । ଚପଳା ତା' ହାତ ଧରି ଅଟକାଇଲ ।

-ଯାଆନ୍ତୁ ଆପଣ, ଗାଧୋଇ ପଡ଼ି ଆସିବେ । ସେ ପାଖରେ ଗୋଟିଏ ସୁନ୍ଦର ପୋଖରୀ ଅଛି । ପାଣି ଭାରି ନିର୍ମଳ । କାଲିଠୁଁ କିଛି ଖାଇ ନାହାନ୍ତି, ଭୋକ ହେବଣି । ଯାଆନ୍ତୁ । ଖାଇ ସାରିଲେ ଅନେକ କାମ ଅଛି । କେତେକ କଣାକଣି କରିବାକୁ ମଧ୍ୟ ବାକି ଅଛି । ଦ'ଜଣ-ଯାକ ଯାଇ କିଣି ଆଣିବା ।

ସୁକାନ୍ତ ଚପଳାକୁ ଚାହିଁଲା । ସେ ଏତେବେଳ ଯାଏ ଭଲ ଭାବରେ ତାକୁ ଦେଖି ନ ଥିଲା । ବାହାରେ, ମୁକ୍ତ ଆଲୋକରେ ଚପଳା ଆଖି ସହିତ ଆଖି ମିଶାଇ ସୁକାନ୍ତ ଶିହରି ଉଠିଲା । ଏତେ ରୂପ !

ଚପଳା ଭ୍ରୂରୁ ନଚାଇ ତଳକୁ ଆଖି ନୋଇଁଲା ।

-ଯାଆନ୍ତୁ ସୁକାନ୍ତ ବାବୁ, ବେଳ ବଢୁଚି । କାମ ବହୁତ ବାକି ପଡ଼ିଛି ଯେ !

-କିନ୍ତୁ ତମେ କ'ଣ ଚାହଁ ଚପଳା ? ମୁଁ ବନ୍ଧନ ମୋଟେ ପସନ୍ଦ କରେ-ନାହିଁ । ଡେଣା ମେଲି ଉଡ଼ିବାରେ ହିଁ ମୋର ଆନନ୍ଦ ।

-ମୁଁ ତ ବାଧା ଦେଉନି । କେବଳ ଚାହୁଁଚି ଆପଣଙ୍କ ପଛେ ପଛେ ଉଡ଼ି ବୁଲିବାକୁ । ଡେଣାରେ ବଳ ଥିବା ଯାଏ ଉଡୁଥିବି । କ୍ଲାନ୍ତ ହୋଇ ପଡ଼ିଲେ ମୁଁ ମୋର ପଡ଼ି ରହିବି ପଛରେ, ଆପଣ ଉଡ଼ିଯିବେ କାହିଁ ବାଟରେ ।

-ତାହାହିଁ ଯଦି ଜାଣ, ତେବେ ଏ ସଂସାର ଯୋଡ଼ିବାର ଫନ୍ଦି କାହିଁକି ?

-ଇଏତ ସାମୟିକ । ସ୍ୱାସ୍ଥ୍ୟରକ୍ଷାର ଗୋଟାଏ ଅଂଶ ।

-ଇଏ ଗୋଟାଏ ଜୀବନ, ଆଉ ଏ ଜୀବନରେ ପୁଣି ସ୍ୱାସ୍ଥ୍ୟ ଚର୍ଚ୍ଚା ।

-ଦରକାର ଅଛି ସୁକାନ୍ତ ବାବୁ, ସବୁ ଅବସ୍ଥାରେ ଓ ସବୁ ବୟସରେ ସ୍ୱାସ୍ଥ୍ୟର ପ୍ରୟୋଜନ । ନୋଇଲେ ଡେଣା ଆପଣଙ୍କର ଶିଥିଳ ହୋଇଯିବ । ଆପଣ ଉଡ଼ି ପାରିବେ ନାହିଁ ମୁକ୍ତ ଆକାଶରେ ।

-କିନ୍ତୁ ମୋ ପାଇଁ ତମର ଏତେ ଚିନ୍ତା କାହିଁକି ?

-ଥାଉ, ତା'ର ବିଶ୍ଳେଷଣ ମୁଁ କରି ପାରିବି ନାହିଁ । ଆପଣ ମଧ୍ୟ ବୁଝି ପାରିବେ ନାହିଁ । ଛାଡ଼ନ୍ତୁ ସେ କଥା । ବସନ୍ତୁ ତ ଏଇଠି । ମୁଁ ତେଲ ଲଗେଇ ଦିଏଁ । ଆପଣ ଗାଧୋଇ ଆସିବେ ।

ଚପଳା ସୁକାନ୍ତଙ୍କ ହାତ ଟାଣି ସେଇଠି ବସାଇଲା । ଦହରୁ ଗେଞ୍ଜିଟା କାଢି ଠେଲ ଲଗାଇ ଦେଲା । ସୁକାନ୍ତ ଶିଶୁ ପିଲାଟି ପରି କେବଳ ଲକ୍ଷ୍ୟ କରୁଥିଲେ ଚପଳାର ଆଚରଣ । କେତେ ଆପଣାର ପରି ମନେ ହେଉଚି ତା'ର ବ୍ୟବହାର । ସତେ ଯେମିତି ଜନ୍ମ ଜନ୍ମାନ୍ତରର ସାଥୀ ସେ ।

ତଥାପି ସୁକାନ୍ତ ପ୍ରକୃତସ୍ଥ ହୋଇ ପାରୁ ନ ଥିଲେ । ତା' ମନ ତଳେ ନାଚୁଥିଲା କେତେ ତେଉତେଉକା ଲହରୀ । କିଏ ଏହି ନାରୀ ! ଏତେ ଶୋଭା, ଏତେ ରୂପ, ଯାହାର ହୁଏତ ତୁଳନା ନାହିଁ; ସେ ଏପରି ଏକାକିନୀ, ଏପରି ପଳାତକା । କାହିଁକି ? କାହିଁକି ??

## ସମସ୍ୟା ! ଖାଲି ସମସ୍ୟା !!

ଚପଳା ବିଞ୍ଚି ଦେଉଥିଲା । ସୁକାନ୍ତ ଭାତରେ ଡାଲି ଗୋଳେଇ ହାତଟାକୁ ଘସୁଥିଲା କଦଳୀ ପତ୍ର ଉପରେ । ଭାତରୁ ବାମ୍ଫ ଉଠୁଥିଲା । ଚପଳା ହାତର ବିଚଣାଟା ଅଦ୍ଭୁତ ଯୋରରେ ଘୁରୁଥିଲା । ତା'ଠାରୁ ଅଧିକ ଗତିରେ ବୁଲୁଥିଲା ସୁକାନ୍ତର ମୁଣ୍ଡଟା । ଚପଳା ସୁକାନ୍ତ ମୁହଁକୁ ଚାହିଁଥିଲା ଏକ ଲୟରେ ।

-କ'ଣ ଏତେ ଭାବୁଚନ୍ତି ଆପଣ ?

-ଉଁ ! ମୁଁ ? ନା ।

ସୁକାନ୍ତ ଟିକିଏ ଚଞ୍ଚଳ ହୋଇ ପଡ଼ିଲା । ଭାତ ଗୁଣ୍ଡାଟା ପାଟିରେ ପୂରେଇ ତରକାରୀ ଚାଟିଆକୁ ହାତ ବଢ଼େଇଲା ।

-କେମିତିଆ ହେଇଚି ?

ଚପଳା ଅତି ଆଗ୍ରହରେ ପଚାରିଲା ।

ସୁକାନ୍ତ ତରକାରୀରୁ ଟିକିଏ ପାଟିରେ ଦେଇ କହିଲା,

-ବେଶ୍ ଭଲ ହେଇଚି ।

ପୁଣି ନୀରବ । ସୁକାନ୍ତ ନୀରବରେ ଖାଇବା ଶେଷ କଲା । ଚପଳା ଆଉ ସେଠାରୁ ଉଠିନାହିଁ । ସେ ବିଞ୍ଚି ଦେଉ ଦେଉ ଲକ୍ଷ୍ୟ କରୁଥିଲା ସୁକାନ୍ତର ଭାବଭଂଗୀ ।

ହାତ ଜାକି ବହିଲା ସୁକାନ୍ତ । ଚପଳା ଉଠିଯାଇ ପାଣି ଆଣିଲା । ହାତ ଧୋଇ ଦେଲା । ପଣତରେ ପୋଛି ଦେଲା ସୁକାନ୍ତର ହାତ । ସୁକାନ୍ତ ଖାଇ ଥରଟିଏ ଚାହିଁଲା ଚପଳା ମୁହଁକୁ । ଦେଖିଲା ହସ ଫୁଲଟିଏ ଫୁଟୁଛି । ସେ ତା'ର ଆଘ୍ରାଣ ଗ୍ରହଣ କରି ପାରିଲା ନାହିଁ । ଉଠିଗଲା । ଚପଳା ଆଖି ବଢ଼େଇ ଦେଲା ତଥାପି ଓ ଦିଗରେ । ସୁକାନ୍ତ ଆପତ୍ତି କଲା ନାହିଁ ।

ମନ କ'ଣ ! ଏତେ ଆଦର, ଯତ୍ନ, ସେବା କେଉଁଜଣଙ୍କ କପାଳରେ ଜୁଟେ ? ଧୂଆଁ ଫାଙ୍କେ ଫାଙ୍କେ ସେ ଦେଖୁଥିଲା ଚପଳାର ଲୋଭି ମୁହଁଟିକୁ । ଯେମିତି ନିର୍ମଳ ଆକାଶରେ ମେଘ ଫାଙ୍କେ ଫାଙ୍କେ ଚନ୍ଦ୍ର ଝଲକି ଲୁଚିଯାଏ, ପୁଣି ଝଲକେ ।

-ସୁକାନ୍ତ ବାବୁ ?

-ଉଁ ।

-ଇଆଡ଼େ ଆସନ୍ତୁ । ମୁଁ ବିଛଣା ବିଛେଇ ଦେଲିଣି । କାଲି ରାତିରେ ଗୋଟେ ସୁଖ ନିଦ ହୋଇ ନ ଥିବ । ଟିକିଏ ବିଶ୍ରାମ କରନ୍ତୁ । ମୁଁ ହଟା ଖାଇ ଦଏଁ !

-ହୁଁ ।

ସୁକାନ୍ତ ନୀରବରେ ଆଗେଇ ଗଲା । କ୍ଲାନ୍ତି ବି ଲାଗୁଥିଲା ଟିକିଏ । ତନା ଓଜନର ଆପତ୍ତିରେ ବିଛଣାରେ ଦେହଟାକୁ ଲମ୍ବେଇ ଦେଲା । ଭାବନା ଭାରରେ ମୁଣ୍ଡଟା ଝିମ୍ ଝିମ୍ ହେଉଥିଲା । କେତେବେଳେ ସେ ଭାବନାର ଫାଙ୍କ ଅତେଇ ନିଦ ଆସି ଯାଇଛି, ସୁକାନ୍ତ ଆଉ ତା' ଖବର ରଖି ପାରିନାହିଁ ।

ହୁଏତ ପାରି ନ ଥାନ୍ତା ବହୁକ୍ଷଣ ଯାଏ । ମାତ୍ର କେମିତିଆ ଗୋଟାଏ

ସ୍ପର୍ଶ ଅନୁଭବ କଲ ସୁକାନ୍ତ । ମୁହଁ ମାଡ଼ି ଶୋଇଥିଲ ସେ । ପିଠି ଉପରେ ଅନୁଭବ କଲ କାହାର ସ୍ପର୍ଶ । କଡ଼ ଲେଉଟାଇବାକୁ ଚେଷ୍ଟା ନ କରି ଅନୁଭବ କଲ—ଚପଳା ତା' ପିଠିରୁ ଝାଳ ପୋଛି ଦେଉଛି । ବିଞ୍ଚି ଦେଉଛି । ସୁକାନ୍ତ କଡ଼ ଲେଉଟାଇଲ । ନିଦୁଆ ଆଖିରେ ଥରେ ସେ ଚାହିଁଲ ଚପଳା ମୁହଁକୁ । ସେଇ ହସ ଫୁଲଝରିଏ । ପୁଣି ସେ ଶୋଇ ପଡ଼ିଲା ଆଖି ବୁଜି ।

ଚପଳା ହାତ ଥମିଲ ନାହିଁ । ଏଥର ପେଟ ଓ ଛାତିରୁ ଝାଳ ପୋଛି ଦେଲା ପଣତରେ । ଧୀରେ ଧୀରେ ଚିପି ଦେଲା ହାତ, ମୁଣ୍ଡ । ବାଳରେ ଆଙ୍ଗୁଳି ଚଳେଇ ସୁକାନ୍ତର ମୁଣ୍ଡଟାକୁ ହାଲୁକା କରିଦେଲା । ସୁକାନ୍ତକୁ ଭଲ ଲାଗୁଥିଲା ସବୁ । ତା' ତନ୍ଦ୍ରା ଜଡ଼ିତ ଦେହରେ ଚନ୍ଦନ ଲେପା ହେଉଥିଲା ସତେ । ନିଦ ଘୋଟି ଆସୁଥିଲା । ମନେ ହେଉଥିଲା—ଯୁଗ ଯୁଗ ଧରି ସେ ଏମିତି ଶୋଇ ପାରନ୍ତା କି ! ଚିନ୍ତା, ଭାବନା, ସବୁ ଅପସରି ଯାଇଥିଲା ତା' ମାନସ ପଟରୁ । ସେ ସତେକି ତୁଳାସମାନ ମେଘ ଖଣ୍ଡ ପରି ଭାସି ଯାଉଥିଲା ନୀଳ ଆକାଶରେ, ହାଲୁକା ପବନର ଧୀର ସ୍ପର୍ଶରେ । ଚପଳା ଧୀରେ ଡାକିଲା,

-ସୁକାନ୍ତ ବାବୁ !

ସୁକାନ୍ତ ଶୁଣିଲା, କିନ୍ତୁ ବୁଝି ପାରିଲା ନାହିଁ । ଉତ୍ତର ଦେଲା ନାହିଁ କିଛି । ସେ ହୁଏତ ଚାଖୁଥିଲା ଚପଳା ସୁଆଦିଆ ହାତର ସ୍ପର୍ଶ । ସେ ହୁଏତ ବାରୁଥିଲା ଅପୂର୍ବ ଅନୁଭୂତି । ସେମିତି ପଡ଼ିଥିଲା ସୁକାନ୍ତ । ଚପଳା ଆଉଥରେ ଡାକିଲା,

-ସୁକାନ୍ତ ବାବୁ !!

ସୁକାନ୍ତ ଆଖିପତା ଯୋଡ଼ିକ ଥରି ଉଠିଲା । ଖୋଲି ପାରୁ ନ ଥିଲା

ସେ । ଭାରି କଷ୍ଟ । ସତେ ଯେମିତି ପାଞ୍ଚମହଣିଆ ପଥର ଯୋଡ଼ା
ଟଙ୍କା ହୋଇଛି ତା’ ଆଖିପତା ଯୋଡ଼ାକରେ । ବହୁ କଷ୍ଟରେ ପତ
ଯୋଡ଼ାକ ଖୋଲି ଅନେଇଲା ଖାଲି । ଚପଳା ଆଖି ମିଳେଇ ଖାଲି
ଟିକଏ ହସିଦେଲା ।

ସୁକାନ୍ତ ଅନୁଭବ କଲା ତା’ ଦହଠା ଆହୁରି ହାଲୁକା ହେଇଯାଇଚି
ଶିମିଳି ତୁଳା ପରି । ଫୁଙ୍କି ଦେଲେ ଉଡ଼ିଯିବ ହୁଏତ ଯୋଜନେ ଦୂରକୁ ।
ସୁକାନ୍ତ ଆଖି ପିଞ୍ଚାଡ଼ି ପାରିଲାନି ଆଉ । ଚପଳା ଆଖି ନୁଆଁଇ ଦେଲା
ତଳକୁ ।

-ଉଠନ୍ତୁ ବେଳ ଅନେକ ହେଲାଣି । କେତେ କାମ ବାକି ପଡ଼ିଚି ।

ଚପଳା ଉଠିଗଲା । ଆଉ ଚାହିଁଲାନି ସୁକାନ୍ତ ମୁହଁକୁ ।

ଧୀରେ ଧୀରେ ସୁକାନ୍ତର ତନ୍ଦ୍ରା କଟି ଯାଉଥିଲା । ଚେତନା ଫେରି
ଆସୁଥିଲା । ମନେ ପଡ଼ୁଥିଲା ତାର ଅବସ୍ଥିତି ।

ସୁକାନ୍ତ ଉଠି ବସିଲା । ଚପଳା ପାଣି ଆଣି ଥୋଇ ଦେଲା ସୁକାନ୍ତ
ପାଖରେ । ମଧ୍ୟାହ୍ନ ଭୋଜନର ମଧ୍ୟ ଆୟୋଜନ କରି ସାରିଥିଲା ।
ସେଗୁଡ଼ିକ ଆଣି ଥୋଇଲା ସୁକାନ୍ତ ଆଗରେ । ସୁକାନ୍ତ ପୁଣି ଥରେ
ଚାହିଁଲା ଚପଳା ମୁହଁକୁ । ଉଠି ଯାଇ ହାତ ଧୋଇ ଆସି ବସିଲା
ଖାଇବା ପାଇଁ । ଏଥର କିନ୍ତୁ ଖାଇ ପାରିଲାନି ସେ । ଚପଳାକୁ
ଡାକିଲା ।

ଆସିଲା ଚପଳା । ପଙ୍ଖାଟି ହାତରେ ଥିଲା । ପବନ କଲା ସୁକାନ୍ତକୁ ।
ସୁକାନ୍ତ କହିଲା,

-ଏଥିପାଇଁ ମୁଁ ତମକୁ ଡାକିନି ।

-ଆଉ ?

ମୋ ସଙ୍ଗରେ ଖାଅ ।

ନା, ଆପଣ ଖାଇ ଦିଅନ୍ତୁ । ମୋ ପାଇଁ ମୁଁ ରଖିଚ ଯେ ! ଖାଇ ାଥିବୁ । ମାଛଗୁଡ଼ା ବସୁରନ୍ତି, ମୁଁ ବଞ୍ଚୁଦିଏଁ ।

ତାହେଲେ ତମେ ଖାଇବନ ?

ଖାଇବି ଯେ, ଆପଣଙ୍କ ସଙ୍ଗରେ ନୁହେଁ । ଅସୁନ୍ଦର ହେବ ।

ସୁକାନ୍ତ ହାତ ଜାକ ଦେଇ ବସିଲା । ମୁହଁ ବୁଲେଇ ଦେଲା ାନ୍ତୁ ଅଚ୍ଛେ । ମନେ ମନେ ହସିଲା ଚପଲା । ବଡଣାଠା ଦୂରକୁ ୈଁ ଦେଇ ଗୋଟିଏ ବୁନ୍ଦିଆ ନେଇ ସୁକାନ୍ତ ମୁହଁରେ ମାଡ଼ ଧରିଲା । ାଥମେ ସୁକାନ୍ତ ଦାନ୍ତ ଯାକି ଧରିଥିଲା । ଶେଷକୁ ଆଉ ପାରିଲା ନାହିଁ । ାକାନ୍ତ ସେମିତି ହାତ ଠେକ ବସିଲା । ଚପଲା ନିଜ ହାତରେ ଖୁଆଇ ାଲା । ମୁହଁ ଧୋଇଦେଲା । ହାତ ପୋଛି ଦେଲା । ସେଇଥିରେ ାମିତି ଚପଲାର ପରମ ତୃପ୍ତି । ପରମ ଶାନ୍ତି । ସୁକାନ୍ତ ଗୋଟିଏ ାରେଇ ଧରାଇ କହିଲା,

ା'ପରେ ? କାର୍ଯ୍ୟସୂଚୀ ବୋଧହୁଏ ଆଗରୁ ନିର୍ମାଣ ସରିଛି ।

ାରିଛି ।

ାଡିଣ ।

ାଲୀ କିଛି ଲାଭ ନାହିଁ । ବରଂ ପ୍ରସ୍ତୁତ ହୁଅନ୍ତୁ ।

ା ପ୍ରସ୍ତୁତ ହୋଇ ରହିଛି । ଖାଲି ସାର୍ଟଟା ଦେହରେ ଦେଲେ କାମ ାଷ । ତୁମେ ବରଂ.........

ଚପଲା ସେଠୁ ଚାଲି ଯାଇଥିଲା । ସୁକାନ୍ତ କଥା ଅଧା ରଖି ାନେଇ ରହିଲା ତା'ର ଚାଲିଯିବା ବାଟକୁ । ଚମତ୍କାର ଜୀବନ । ାଣ, କାହିଁକି ଓ କେଉଁଥିପାଇଁ, କିଛି ସେ ଜାଣି ପାରୁ ନ ଥିଲା ।

ବର୍ତ୍ତମାନ ଯଦି ସୁନ୍ଦର, ହେଉ । ଅତୀତ, ଭବିଷ୍ୟତ କିଛି କାମରେ ଲାଗିବ ନାହିଁ ।

ଚପଳା ସୁକାନ୍ତର ସାର୍ଟ ଖଣ୍ଡିକ ଧରି ଫେରି ଆସିଥିଲା । ଚପଳାର ବେଶ ପୋଷାକର କୌଣସି ପରିବର୍ତ୍ତନ ହୋଇ ନ ଥିଲା । କେବଳ କପାଳରେ ବିନ୍ଦୁଏ ସିନ୍ଦୁର ସୁକାନ୍ତ ଲକ୍ଷ୍ୟ କଲା । ଚପଳାର ସୌନ୍ଦର୍ଯ୍ୟ ଆହୁରି ବଢ଼ାଇ ଦେଇଥିଲା ସେଇ ବିନ୍ଦୁଟି ।

-ଚାଲନ୍ତୁ, ଡେରି ହେଉଚି ।

ସୁକାନ୍ତ ମୋଟେ ଆପତ୍ତି କଲା ନାହିଁ । ଚପଳାର ପଛେ ପଛେ ବାହାରି ପଡ଼ିଲା । କିଛି ଦୂର ଆଗେଇ ଗଲା ପରେ ଗୋଟିଏ ରିକ୍ସାରେ ଉଠିଲା ଚପଳା । ସୁକାନ୍ତ ମଧ୍ୟ । ଚପଳା କହିଲା,

-ମୁଁ ରିକ୍ସା ବାଲାକୁ ସକାଳେ କହିଥିଲି, ଅପେକ୍ଷା କରିବାକୁ ।

ରିକ୍ସା ଆଗେଇଲା । ସୁକାନ୍ତ ଅନେଇଲା ବାଁ ପାଖକୁ, ଚପଳା ଚାହିଁଥିଲା ଡାହାଣ ପଟକୁ । ଛୋଟ ଛୋଟ ବୁଦା, ବଣ, ପାହାଡ଼ ଗଛ, ଲତା, ପତ୍ର । ଗୋଟିଏ ପରେ ଗୋଟିଏ ପଛେଇ ଯାଉଥିଲା ଗୋଟିଏ ପରେ ଗୋଟିଏ ଆଗେଇ ଆସୁଥିଲା ।

ନୀରବତା ଭାଙ୍ଗି ସୁକାନ୍ତ ପଚାରିଲା

-କୁଆଡ଼େ ଯାଉଛେ ଆମେ ?

-ମେଳାକୁ ।

-ମେଳା ?

-ହଁ ମେଳା ।

ଚପଳା ହସିଲା । ସକାଳେ ଶୁଣିଲି ଏଇ ପାଖରେ ଗୋଟାଏ ବିରାଟ ମେଳା ହେଉଛି । ଜଣେ ବାବାଜୀ ଆସି ଯଜ୍ଞ କରୁଚନ୍ତି । ୨୧ ଦି

ହେବ । ସାତ ଦିନ ଶେଷ ହେଲଣି । ସେଇ ଉପଲକ୍ଷେ ଏ ମେଳାର ଆୟୋଜନ । ଆପଣଙ୍କୁ ଭଲ ଲଗିବନି ?

-ଭଲ, ମୋର ଆପତ୍ତି ନାହିଁ । ଯେପରି ବନ୍ଧନରେ ତମେ ବାନ୍ଧିଲଣି, ଦେଖୁଚି ଦିନେ ଗୋଟାଏ ଧାରୁଆ ଛୁରୀରେ ତାକୁ କାଟି ଦେଇ ଏକମୁହାଁ ହେଇ ପଳେଇବା ଛଡ଼ା ଅନ୍ୟବାଟ ନାହିଁ ।

-ହଉ, ଦେଖାଯିବ । କିଏ ହାରୁଚି, କିଏ ଜିତୁଚି ।

-ଆଚ୍ଛା !

ସେମାନେ ପାଖେଇ ଆସିଥିଲେ । ଦୂରରୁ ବାଜା ଶୁଭୁଥିଲା । ପାଟିଗୋଳ ଶୁଭୁଥିଲା । ସୁକାନ୍ତ ଲକ୍ଷ୍ୟ କରୁଥିଲା ଚପଳା ମନରେ ଯେମିତି ବସନ୍ତ ଲାଗି ଆସୁଚି । ସେ ଧୀର ହେଇ ବସି ନ ପାରି କହିଲା,

-ମେଳା, ମହୋତ୍ସବ—ମତେ ଭାରି ଭଲ ଲାଗେ ।

ସୁକାନ୍ତ କିଛି କହିଲା ନାହିଁ ।

-ମେଳାରୁ ମତେ କ'ଣ କିଣି ଦେବେ ?

ସୁକାନ୍ତ ହସିଲା । କହିଲା,

-ତମକୁ ମେଳାରେ ବିକି ଦେଇ ପାରିଲେ ବଞ୍ଚିଯିବି ।

ଦୁହେଁ ରିକ୍‌ସାରୁ ଓହ୍ଲେଇଲେ । ଗହଳ ଚହଳରେ ପଡ଼ିଆଟା ଫାଟି ପଡୁଚି । ହୁଏତ କେଉଁ ଅନାଦି କାଳରୁ ସେଠି ମଣିଷର ପାଦ ପଡ଼ି ନ ଥିଲା । କିନ୍ତୁ ଜଣେ ମହାପୁରୁଷଙ୍କ କୃପାରୁ ସେଠାରେ ଆଜି ଲକ୍ଷ ଲକ୍ଷ ନରନାରୀ ନିତି ପାଦ ଧୂଳି ଦେଇ ଯାଉଛନ୍ତି । ଧନ୍ୟ ହୋଇଛି ସେଇ ଠାଁର ଭୂଇଁ ।

ଆଖି ଝଲସି ଯାଉଛି । ଦୋକାନ, ବଜାର, କିଣା ବିକା ଠାରୁ ଗହଳ ଚହଳ ଅଧିକ ବଢି ଯାଇଚି । ଅମ୍‌ଲିଫାୟାର ଗାଇ ଚାଲିଚି

କେଉଁ ହିନ୍ଦୁସ୍ତାନୀ ରମଣୀର କଣ୍ଠ ସଂଗୀତ । କେଉଁଠି, କଣ, କେମିତି ଜମି ଯାଇଚ ଅସି, ମାସକ ଆଗରୁ ଯିଏ ସେ ପଡ଼ାଅଲୁ ଦେଖିଥିଲା, ଅଜ ସେ କଳନା କରି ପାରିବ ନାହିଁ ।

ଚପଳା ସୁକାନ୍ତର ହାତ ଟାଣି ଆଗଉଥିଲା । ବେଳେ ବେଳେ ପଛକୁ ସୁକାନ୍ତ ମୁହଁକୁ ଚାହିଁ ହସି ଦେଉଥିଲା । ତାର ପର କେତେ ତରୁଣୀ-ତରୁଣଙ୍କ ଭିଡ଼ରେ ବାଟ ଚାଲିବା ଅସମ୍ଭବ ହୋଇ ପଡୁଥିଲା ।

ଚପଳା କିନ୍ତୁ ଭିଡ଼ ଠେଲି ଆଗଉଥିଲା । ମନେ ହେଉଥିଲା ସେ ଯେପରି ଦ୍ୱାଦଶ ବର୍ଷୀୟା କିଶୋରୀଟିଏ । ଆଖିରେ ତାର ପୂରିଥିଲା କେତେ ଅଜ୍ଞାତ ପ୍ରଶ୍ନବାଚୀ । ଚାଲିରେ ତାର ଫୁଟୁଥିଲା ତରଙ୍ଗାୟିତ ଧାରା—ଆଉ ଚପଳାମୀ ଝରୁଥିଲା ପ୍ରତ୍ୟେକ ଅଙ୍ଗ ଅବୟବରୁ । ଗୋଟାଏ ମନୋହରୀ ଦୋକାନ ପାଖରେ ଠିଆ ହୋଇ କହିଲା,

-ସୁକାନ୍ତ ବାବୁ, ଏଇ ଚୁଡ଼ିବନ ହ'ଟଜ କିଣି ଦିଅନ୍ତୁ । ଦେଖନ୍ତୁନ କେଡ଼େ ସୁନ୍ଦର ଗୋଲାପୀ ରଂଗ, ଆଉ ଏଇ ବ୍ଲାଉଜ୍‌ଟା । ମୋ ଦେହ ରଙ୍ଗକୁ ବେଷ୍ ଖାପ ଖାଇବ । କିଣି ଦେବେନ ସୁକାନ୍ତ ବାବୁ ?

ସୁକାନ୍ତ ଆପତ୍ତି କଲା ନାହିଁ । କାରଣ ତା ଛାତି ପକେଟରେ ଅନେକ ଟଙ୍କା । କେଉଁଠୁ ଆଉ କିପରି ଭାବରେ ତା' ପକେଟ ଅଧିକାର କରିଥିଲେ ସେମାନେ, ସେଇ କଥା ବାଟରେ ଥରେ ସେ ପଚାରିଥିଲା ଚପଳାକୁ—ସେ ଖାଲି ହସିଥିଲା, ଉତ୍ତର ଦେଇ ନ ଥିଲା କିଛି ।

-ଏଇ ଚୁଡ଼ି ଯୋଡ଼ାକ, ମାନିବନି ମୋ ହାତକୁ ? ନା ଆପଣ ପସନ୍ଦ କରନ୍ତୁ ଯୋଡ଼ାଏ । ଚୁଡ଼ିଟା ଆପଣଙ୍କ ପସନ୍ଦ ଅନୁସାରେ କିଣିବ ।

ସୁକାନ୍ତ ଆଗେଇ ଯାଉଥିଲା । ଚପଳା ପଛରୁ ଟାଣି ଧରିଲା

-କ'ଣ ହେଲା ? ଗ୍ଳଲ ଯାଉଚ ଯେ !

-ନାଁ—ଏ ଦୋକାନରେ ଭଲ ଚୁଡ଼ି ନାହିଁ ।

ଦଢ଼ ଠେଲି ଦୁହେଁ ଆଗେଇ ଯାଉଥିଲେ । ଚପଳା ପୁଣି ସୁକାନ୍ତ ହାତଧରି ଟାଣିଲା,

-ଏଇ ଦେଖିଲେ ସୁକାନ୍ତ ବାବୁ—ଏଇ ଯୋଡ଼ ନାଲି ରଂଗର ବ୍ଲାଉଜଟା ମୋତେ ମାନନ୍ତା ନାଇଁ ? କେତେ ସୁନ୍ଦର ହାତକାମ ହୋଇଚ । ସେଇଟାକୁ କିଣିଦିଅ ।

ଚପଳା ସୁକାନ୍ତର ବାଁ ହାତଟାକୁ ଟାଣି ଧରିଲା । ସୁକାନ୍ତ ଅନେଇଲା ଚପଳା ମୁହଁକୁ । ଲୋକ ଗହଳି । ଗ୍ଳଲଗଲା ଲୋକେ ବୁଲି ଅନଉଛନ୍ତି । ଚପଳାର ଚପଳାମି । ଆଶ୍ଚର୍ଯ୍ୟ । ସୁକାନ୍ତ ଲେଉଟି ଯାଇ ଦୋକାନୀକୁ ସେଇ ନାଲି ବ୍ଲାଉଜଟା ମାଗିଲା !

ସୁକାନ୍ତ ଉପରେ ଭରା ଦେଇ ଚପଳା ଦୋକାନ ଆଡ଼କୁ ଲମି ଯାଇଥିଲା । ଏ ବ୍ଲାଉଜ, ସେ ସାୟା, ଆଉ ଶାଢ଼ୀ, ଗୋଟାକ ପରେ ଗୋଟାଏ ଘାଂଟି ଖେଳେଇ ଚପଳା ଦୋକାନୀକୁ ନାକେଦମ୍ କରି-ଦେଲା । ସୁକାନ୍ତ ଚୁପ୍ ହୋଇ ବସିଥିଲା । ହେଲେ ବେଳେ ବେଳେ ଚପଳା ପ୍ରଶ୍ନରେ ହଁ-ନାଁ କରିବାକୁ ପଡୁଥିଲା । ଶେଷକୁ ଚପଳା ଖଣ୍ଡେ ଶାଢ଼ୀ, ଗୋଟିଏ ସାୟା ଓ ଯୋଡ଼େ ବ୍ଲାଉଜ ଧରି ଦାମ୍ ହିସାବ କରିବାକୁ ସୁକାନ୍ତକୁ କହିଲା । ସୁକାନ୍ତ ଦୋକାନୀର ପ୍ରାପ୍ୟ ଚୁକେଇ ଦେଲା । ଚପଳା ହାତର ପୁଡ଼ିଆଟି ସୁକାନ୍ତ ହାତକୁ ବଢ଼େଇ ଦେଇ କହିଲା,

-ଆପଣ ତ କିଛି କିଣିଲେନି ସୁକାନ୍ତ ବାବୁ ?

ସୁକାନ୍ତ ଖାଲି ହସିଲା । ଚପଳା ତାହା ଲକ୍ଷ୍ୟ କରିବାକୁ ପାଖରେ

ନ ଥିଲା । ସେ ଯାଇ ଚରକି ପାଖରେ ପହଞ୍ଚି ଯାଇଥିଲା । ଛୋଟ ଛୋଟ ପିଲମାନେ ଚରକିରେ ଘୂରୁଥିଲେ । ଚପଳା ପଛକୁ ଅନେଇଲା । ସୁକାନ୍ତ ହସୁଛି । ଚପଳା ହାତ ଠାରି ଡାକିଲା । ସୁକାନ୍ତ ଯାଇ ଠିଆ ହେଲା ଚପଳା ପାଖରେ ।

-ଆମେ ବୁଲନ୍ତେ ନେଇଁ ଚରକିରେ । ଭାରି ମଜା ଜିନଷ !

ଚରକି ବାଲା ସେତିକବେଳେ ଲୋକ ବସାଉଥିଲା । ଚପଳା ବସିଲା । ଟାଣିଲା ସୁକାଂତକୁ । ଆପତ୍ତି କଲାନି । କେହି କେହି ଚାହୁଁଥିଲେ ସେମାନଙ୍କୁ । ଅଉ କେହି କେହି ହସୁଥିଲେ ମଧ୍ୟ । ଯଦିଓ ସୁକାଂତ ସେମାନଙ୍କୁ ଲକ୍ଷ୍ୟ କରୁଥିଲା, ଚପଳା ମୋଟେ ସେ ଆଡ଼କୁ ନଜର ଦେଉ ନ ଥିଲା । ଚରକି ଘୂରିଲା । ପିଲମାନେ ଆନନ୍ଦର କଲରୋଳ କରି ଉଠିଲେ । ଚପଳା ମଧ୍ୟ କୁରୁଳି ଉଠିଲା । ସୁକାଂତ ଚୁପ୍ ହୋଇ ବସି ଘୂରୁଥିଲା । ସେ ଏକ ଅଜୀବ ଦୁନିଆରେ ପହଁଚିଛି । ଏଇ ଚରକିର ଘୂର୍ଣ୍ଣନ ପରି ତା'ର ଗତି । ତାକୁ କମ୍ପ ବେଗତିକ ମନେ ହେଉଛି ସବୁ । ମୁଣ୍ଡଟା ଧୀରେ ଧୀରେ ଝିମ୍ ଝିମ୍ ହୋଇ ଆସୁଥିଲା । ଆସ୍ତେ ଆସ୍ତେ ବୁଲେଇଲା ମୁଣ୍ଡଟା । ସୁକାଂତ ଚିତ୍କାର କରି ଉଠିଲା,

-ବନ୍ଦକର, ବନ୍ଦକର ।

ଚରକି ବାଲା ଅଟକେଇଲା । ଝିଅମାନେ କର୍ କର୍ ହୋଇ ହସି ଉଠିଲେ । ଚପଳା ମଧ୍ୟ । ମାତ୍ର ଝିଅମାନେ ଘୂରିଲେ । ଚପଳା ଓହ୍ଲାଇ ଆସି ସୁକାଂତକୁ ଧୀରେ ଉଠେଇ ନେଲା ଚରକି ଉପରୁ ତା' ମୁଣ୍ଡଟା ଏ ଯାଏ ଘୂରୁଛି । ଦେହ ଗୋଉଛି । ବାନ୍ତି ହୋଇଯିବ ବୋଧେ । ସୁକାଂତ ଚପଳା କାନ୍ଧରେ ଭରା ଦେଇ ଗୋଟାଏ ନରୋଲ

ଜାଗାରେ ଯାଇ ବସିଲା । ଚପଳା ପାଣି ଆଣି ମୁଣ୍ଡ ଧୋଇ ଦେଲା । ଆଉଁସି ଦେଲା । ସୁକାଂତ ଟିକଏ ସୁସ୍ଥ ଅନୁଭବ କଲା ।

ଧୀରେ ଗୋଳ ଚହଳ ବଢୁଥିଲା । ସମୟ ମଧ ଗଡୁଥିଲା । ଏକ ସମୟରେ ସୁକାଂତ କହିଲା,

-ଏବେ ଯିବା ଚାଲ ।

ଚପଳା ଆପତ୍ତି କଲ ।

-ଏତକବେଳୁ ? କ'ଣ କରିବା ଯାଇ !!

ଚପଳା ଆଗ୍ରହରେ ଅନେଇଲା ଆଉ ଗୋଟାଏ ଦୋକାନକୁ । ଫଟୋ ଦୋକାନଟିଏ । ଭଙ୍କ କମ୍ ନୁହେଁ । ଉଠିଲା । ସୁକାଂତ ହାତ ଧରି ଟାଣିଲା—

-ଆସନ୍ତୁ, ଫଟୋ ଉଠାଇବା । ଅନେକ ଦିନ ହେବ ଫଟୋ ଉଠେଇନ ।

ସୁକାଂତ ମନା କଲା । ଆଗ୍ରହ ତା'ର କମି ଆସୁଥିଲା ସତେ ଯେମିତି । ସେ ଲକ୍ଷ୍ୟ କରୁଥିଲା କୋଳାହଳ ମଧ୍ଯ ଜନତା ଆଡ଼େ । ଆଉ ଭାବୁଥିଲା ରହସ୍ୟମୟୀ ଚପଳା କଥା । ସେ ଏ ଯାଏ ଚପଳାକୁ ଚିହ୍ନି ପାରୁ ନ ଥିଲା ।

ଚପଳା ପୁଣି ଡାକିଲା ।

ସୁକାଂତ ପୁଣି ମନା କଲା ।

ଅଭିମାନରେ ଭାଂଗି ପଡ଼ିଲା ଚପଳା । ଗୋଡ଼ ହାତ ବାଡ଼େଇ ଗୋଟାଏ ଗଛ ମୂଳେ ଯାଇ ଠିଆ ହେଲା । ସତେ ଯେମିତି ସାନ ପିଲାଟିଏ ସେ !

ସୁକାଂତ ହସିଲା ।

ଚପଳା ମଧ ।

ସୁକାଂତ ହାତ ବଢ଼େଇଲା ।

ଚପଲା ଅସି ଧଉଲା । ଠାଣିଲା,

-ଆସ ।

-ଉହୁଁ । ସାନ ପିଲାଟିଏ ହେଇ ଯାଉଚ ନା କ'ଣ । ଏତେ ଲୋକ ।

କ'ଣ ଭାବବେ ସେମାନେ !

-ଭାବନ୍ତୁ ଯାହା ଭାବବାର । ମୁଁ ତ ଆଉ ଯାଇ ବଜାରରୁ ଜଣଙ୍କୁ ଟାଣୁ ନାହିଁ ଯେ ଲୋକ ହସିବେ, ତାଳି ମାରବେ ।

-ମୁଁ ଏମିତ ଆଉ କଏ କ ?

-ଆପଣ ! ମୋର ସବୁ ।

-ମାନେ ?

-ପରେ ବୁଝିବେ । ଆଗ ଅସନ୍ତୁ ତ ! ଆଜର ଏହି ଦନଟିକୁ ଫଟୋ ମାଧ୍ୟମରେ ଜେଇ ରଖିବା । ଆସ !!

ଚପଲା ପୁଣି ଠାଣିଲା । ସୁକାଂତ ସୁଧାର ପିଲଟି ପର ଚପଲା ପଛେ ପଛେ ଅଗେଇଲା ।

ଫଟୋ ଦୋକାନ । ଗୋଟିଏ କ୍ୟାମେରା । ଗୋଟିଏ ସ୍କ୍ରୀନ୍ । ଆଉ ସୋ କେସ୍‌ରେ କେଇଖଣ୍ଡ ଫିକାଳିଆ ଫଟୋ । ଫଟୋଗ୍ରାଫର ଅଗ୍ରହରେ ଦୁହିଁଙ୍କୁ ଅନେଇଲା । ଚପଲା ଅନେଇଲା ସୁକାଂତ ମୁହଁକୁ । ସୁକାଂତ କନ୍ତୁ ଦେଖୁଥିଲା ସୋ କେସ୍‌ର ଛବ ଗୁଡ଼ିକୁ । ଫଟୋଗ୍ରାଫର କ୍ୟାମେରା ସଜାଡୁଥିଲା । ବାହାରେ ଆମ୍ପ୍ଲିଫାୟାର ଗାଉଥିଲା········

ଜେବ ହଟ୍‌କେ, ଜେରା ବଚ୍‌କେ········

ସୁକାଂତ ଲକ୍ଷ୍ୟ କରୁଥିଲା ସୋ କେସ୍‌ର ଗୋଟିଏ ଦରଲିଭା

ଛବିକୁ। ଚପଳା ଡାକିଲା,

–ସୁକାଂତ ବାବୁ !

–ସୁକାଂତ ଫେରି ଚାହିଁଲେ, ଚପଳା ଅଟେଇ ଆସୁଚି। ସେ ଡର ଡର ହୋଇ ସେଠାରୁ ଚାଲି ଆସିଲେ।

ବୁଢ଼ୀ ଫଟୋ ଉଠାଇଲେ। କିନ୍ତୁ ସୁକାଂତ ମନରୁ ହସ ଲିଭି ଯାଇଥିଲା। ଫଟୋଗ୍ରାଫର କହିଲା,

–ବୁଲାବୁଲି କରି ଫେରିଲା ବେଳକୁ ଫଟୋ ନେଇଯିବେ।

ପୁଣି ଜନ ଗହଳୀ ଭିତରକୁ ବୁଢ଼ୀ ଓହ୍ଲେଇଗଲେ। ଜମକାଠା ମନ୍ଦ ଜମିନ। ଏଥର ଚପଳା ଟାଣିଲା ମାଳ୍କ ମଣ୍ଡପ ଆଡ଼େ। ଧୂପାଧୂଣ ହେଉଛି। ଜଣେ ଜଟାଜୁଟଧାରୀ ବାବାଜୀ ଆଖି ବୁଜି ବସିଛନ୍ତି। ବେଶ୍ ଉଜ୍ଜ୍ୱଳ ଡାଉଲ ଚେହେରା। ତମ୍ବା ତାର ପରି ରଂଗ। ଜଟ ଓ ଦାଢ଼ୀ ଧଳା ଦିଶୁଚି। ଦେଖିଲେ ଭକ୍ତି ହେବ। ଅଗଣନ ନରନାରୀ ପ୍ରଣାମ କରୁଛନ୍ତି। ମନ୍ତ୍ର ଧ୍ୱନିରେ ସ୍ଥାନଟି ଗୁରୁ ଗମ୍ଭୀର ହୋଇ ଉଠିଛି। ଚପଳା ସୁକାନ୍ତ ମଥା ନତ କରି ପ୍ରଣାମ ଜଣାଇଲେ। ତଳୁ ଧୂଳି ଆଣି ମୁଣ୍ଡରେ ମାରିଲା ଚପଳା। ଗମ୍ଭୀରତା। ଚପଳା ମୁହଁରେ ହସ।

–କ'ଣ ମନାସିଲ ସୁକାଂତ ବାବୁ ?

–ମୁଁ ! ମନାସିଲି ଗଲଗ୍ରହଟି ଯେତେ ଶୀଘ୍ର ଦୂର ହୁଏ ମଙ୍ଗଳ।

–ଆଉ ମୁଁ କ'ଣ ମନାସିଲି ଜାଣ ?

–କ'ଣ ?

–ଆପଣଙ୍କ ପରି ସାଥୀ ମତେ ଜନ୍ମଜନ୍ମାନ୍ତରେ ମିଳୁଥାଉ।

–ସୁନ୍ଦର।

–କାହିଁକି ମନ୍ଦ କ'ଣ ?

-କିନ୍ତୁ ମାନସିକତା ଏକ ତରଫା ହୋଇଗଲା ।

-ଅନେକ ସମୟରେ ହୋଇଥାଏ, କିନ୍ତୁ ଘରେ ପୁଣି ସୁଝୁଡ଼ି ଯାଏ ।

-ହେଉ, ଏଥର ଚାଲ । ସମସ୍ତେ ଡେର ହେଲାଣି ।

ଦୁହେଁ ଯଜ୍ଞ ମଣ୍ଡପରୁ ଫେରିବା ପୂର୍ବରୁ ଚପଳା ପୁଣି ଥରେ ପ୍ରଣାମ କଲା । ଏଥର ଉଠିଲା ବେଳକୁ ଦେଖିଲା ବାବାଜୀ ଅର୍ଦ୍ଧନିମିଳିତ ଆଖିରେ ସେଇ ଦୁହିଁଙ୍କ ଆଡ଼କୁ ଚାହିଁ ମୁରୁକ ମୁରୁକ ହସୁଛନ୍ତି । ସୁକାଂତ ଅନ୍ୟମନସ୍କ ହୋଇ ଚାହିଁଛି ଅନ୍ୟଆଡ଼େ । ଚପଳା ସୁକାଂତର ହାତ ହଲେଇ ଦେଇ କହିଲା

-ଦେଖିଲଣି ?

ସୁକାଂତ ମୁହଁ ବୁଲେଇଲା ।

ବାବାଜୀ ଦୁଇ ହାତ ଟେକି ଆଶୀର୍ବାଦ କଲେ । ଚପଳା ଉଚ୍ଛଳ ଆବେଗରେ ଅନେଇଲା ସୁକାଂତ ମୁହଁକୁ । ସେମିତି ଧୀର ଓ ଅପରିବର୍ତ୍ତିତ । ଟିକିଏ ହେଲେ ଆହ୍ଲାଦର ଛାପ ନାହିଁ । ଚପଳାର ମୁହଁ ମଉଳି ପଡ଼ିଲା । ସୁକାଂତ ଲକ୍ଷ୍ୟ କଲା । କେଜାଣି କାହିଁକି ସହି ପାରିଲା । ନାହିଁ ବାବାଜୀଙ୍କ ଆଡ଼କୁ ଚାହିଁଲା । ସେ ପୁଣି ଧ୍ୟାନସ୍ଥ ହେଲେଣି । ଚପଳା ମଧ୍ୟ ଅଚଞ୍ଚଳ, ସ୍ଥିର । ସୁକାଂତ ପରିସ୍ଥିତିର ମୋଡ଼ ବୁଲେଇବାକୁ ଯାଇ ଚପଳାର ହାତ ହଲେଇ ଦେଇ କହିଲା,

-ହେ, ଦେଖିଲଣି ?

ଚପଳା ଚାହିଁଲା । ଦୁଇଟି ଯୁବକ ଯୁବତୀ ସନ୍ନ୍ୟାସୀଙ୍କୁ ପ୍ରଣାମ କରୁଛନ୍ତି । ଯୁବତୀଟିର ସିନ୍ଥିରେ ସିନ୍ଦୂର ଗାର । ମୁହଁରେ ହସର ତରଙ୍ଗ । ଯୁବକଟିର ଆଖିରେ ମାଦକତାର ଉଚ୍ଛ୍ୱାସ । ସେମାନେ ସ୍ୱାମୀ-ସ୍ତ୍ରୀ ହେବେ ପରା !

ଚପଳା ସନ୍ତୁଷ୍ଟ ଆଖି ଯୋଡ଼ିକ ଫେରେଇ ଆଣି ସୁକାନ୍ତ ମୁହଁ ଉପରେ ଠୁଳ କଲା । ସୁକାନ୍ତ ହସୁଛି । ଚପଳାର ସବୁ ଦୁଃଖ ଦଣ୍ଡକେ କୁଆଡ଼େ ଉଭେଇ ଗଲା । କିଏ ସତେକି କାଉଁରୀ କାଠି ଛୁଆଇଁ ଦେଲା ତା' ହୃଦରେ । କୁଣ୍ଡଳତାର ଟିକି ଟିକି ଫୁଲଟି ଲେଖାଁ ଏଠି ତା' ହୃଦ ସାରା ଫୁଟି ଉଠିଲା ଲକ୍ଷେ ଫୁଲ । ସୁକାନ୍ତ କେବଳ ଅନୁଭବ କଲା । ଚପଳାର ହାତ ଧରି କହିଲା,

-ଯିବା ଚାଲ, ଡେରି କଲାଣି ।

ଚପଳା ଅଭିଯୋଗ କଲା ନାହିଁ । ସଭା ମଣ୍ଡପରୁ ବାହାରି ଆସିଲେ । ବିକଳାନନ୍ଦ କରଙ୍କ ମିଠେଇ ଦୋକାନରେ ଅସମ୍ଭବ ଭିଡ଼ । ଆମ୍ପ୍ଲିଫାୟାରଟା ସେମିତି ଗାଇ ଚାଲିଚି,

ଓ ଲେକେ ପହଲା ପହଲା ପ୍ୟାର
ଲେକେ ଆଁଖୋଁ ମେ ଖୁମାର
ଯାଦୁ ନଗରୀ ସେ ଆୟା ହୈ କୋଇ ଯାଦୁଗର ।

-ନାଁ, ନାଁ, ଆପଣ ଆଉ ଏଇ ଗୋଟିକ ରସଗୋଲା ଖାଆନ୍ତୁ ସୁକାନ୍ତ ବାବୁ । ମୋ ରାଣଟି ।

-ତମେ କ'ଣ ମତେ ମାରିବ ନା କ'ଣ ? ଗୋଟିଏ ଗୋଟିଏ କରି ତ ତିନୋଟି ଖୁଆଇଲଣି । ମୋର ଏଇଟା ପେଟ ନା ଅମ୍ବାର ?

ସୁକାନ୍ତ ଚପଳାର ହାତକୁ ଟେଣିକି ଅଡ଼େଇ ଦେଲା । ଚପଳା କିନ୍ତୁ ହସି ହସି ସୁକାନ୍ତ ପାଖରେ ମାଡ଼ି ଧରି କହିଲା,

-ମୋ ରାଣତ ସୁକାନ୍ତ ବାବୁ, ମୁଁ ମରେଡ଼ି ।

ସୁକାନ୍ତ କେମିତଅ ଗୋଟାଏ ବାକଲ ଗୃହାଣୀରେ ଚପଲା ଅଚେତ୍ ଅନେଇ ପାଣ୍ଟି ବୁଲେଇଲା । ଚପଲା ବନୁ ଆନନ୍ଦରେ ଉତ୍ଫୁଲ ପଡୁଥିଲା ।

ଖିଆ ଶେଷ କରି ସୁକାଂତ କହିଲା,

-ଏଥର ବନୁ ଫେରିଯିବା । ରାତି ହେଇ ଆସିଲାଣି । ହୁଏତ ଆମ ବସାଟିକୁ ଚୋରେ ଆଉ କଏ ଅଧିକାର କରି ସାରିବଣି ।

ଚପଲା ହାତ ଧୋଉ ଧୋଉ କହିଲା,

-ଆଉ କେତୋଟି ଦରକାରୀ ଜିନଷ କଣିବାକୁ ଅଛି ।

-କ'ଣ ଶୁଣେ ?

-ଦୁଇଟି ମସିଣା, ଦୁଇଟି ବିଛଣା ଚଦର । ଗୋଟିଏ କଡ଼େଇ, କରଛୁଲି, ଖରକା, ଆଉ କିଛି ମସଲା ମସଲି ।

ସୁକାଂତ କଠମଠ କରି ଚାହିଁଲା ଚପଲା ମୁହଁକୁ,

-ତମେ ଯେ କଣ ଭାବୁଚ ଚପଲା, କିଛି ମୁଁ ବୁଝି ପାରୁନାହିଁ । ସେ ଗୁଡ଼ା କ'ଣ ହେବ ?

-ସେଥିରୁ ଆପଣ କ'ଣ ପାଇବେ ? ମୋର ଏତକ ଦରକାର । ଆପଣ କିଣି ଦେବେ କି ନାହିଁ କହିଲେ ।

ସୁକାଂତ ଆଉ ପ୍ରତିବାଦ କଲା ନାହିଁ । ଚପଲା ପ୍ରୟୋଜନୀୟ ଜିନଷ ପତ୍ର ଯାକ କିଣି ସାରିଲା । ଗୋଟିଏ ମନୋହରୀ ଦୋକାନ ପାଖରେ ଦେଖିଲା—ଗୋଟିଏ ରବର ପୁଅ । ଭାରି କୌତୁକିଆ ହେଇଚି । ଗ୍ଲାକ୍‌ସୋ ଶିଶୁ ପରି ଚେହେରା । ମୁଣ୍ଡର ବାଳ କେଉଁକରୁ କଳା ନଗିଡ଼ ପଡୁଚି । ହାତ ଯୋଡ଼ିକ ପୁରିଲା ପୁରିଲା । ମୁହଁରେ ହସର ଭଉଁରୀଟିଏ ଲାଗି ରହିଚି । ଚପଲାର ଆଖି ଲାଖିଗଲା ସେଇଠି ।

ସୁକାନ୍ତ ଖଣ୍ଡେ ଦୂର ଅଗେଇ ଯାଇ ପୁଣି ଫେରି ଆସିଲା । ଚପଳା ଅପଲକ ନୟନରେ ଚାହିଁଚି ସେଇ ରବର ପୁଅଟି ଆଡ଼େ । ସୁକାନ୍ତକୁ ପାଖରେ ଦେଖି କହିଲା,

-ମୁଁ ଏଇଟିକୁ ନେବ ।

ସୁକାନ୍ତ ଚିଡ଼ିଗଲା । ତାକୁ ଆଉ ଭଲ ଲାଗୁ ନ ଥିଲା ଏଇ ଭିଡ଼ । ଏପରି କୋଳାହଳ । ଏମିତିଆ ହଟହଟା । ଟିକିଏ ଚଢ଼ା ଗଳାରେ କହିଲା,

-ସେଟା କ'ଣ ହେବ ?

ଚପଳା ସଚେତକ ସେଇ ରବର କଣ୍ଢେଇଟି ଠାରେ ହଜି ଯାଇଥିଲା । ସୁକାନ୍ତର କଥା ଶୁଣି ନ ଶୁଣିଲା ପରି କହିଲା,

-ଭାରି ସୁନ୍ଦର ପୁଅଟିଏ, ନୁହେଁ ? କାଖେଇବି, ଗେଲ କରିବି । ବୋକ ଦେବି । ନାଁ ମତେ କିଣି ଦିଅ ।

ସୁକାଂତ ରାଗରେ ଗରଗର ହୋଇ ଚାଲି ଯାଉଥିଲା । ଗୋଟିଏ ବୁଢ଼ୀ ଲକ୍ଷ୍ୟ କରୁଥିଲା ଏ ସବୁ । ସୁକାଂତକୁ ଚାଲିଯିବାର ଦେଖି କହିଲା,

-ତୁ କିମିତିଆ ପୁଅଟାରେ ! ବୋହୂଟା ଗୋଟାଏ ଦରବ ନବାକୁ ଇଚ୍ଛା କରୁଛି, ଏତେ ଦରବ କିଣିଲୁ, ଆଉ ଏତିକ କିଣି ଦବାକୁ କ'ଣ ପଇସା ସରି ଯାଉଛି ? ହାତ ଧରି ବାହା ହେଇଛୁ । ମାଲୋ— ଏତିକ କଥା ତାର ରଖିବୁ ନାହିଁ ?

ସୁକାଂତ ଅଟକି ଗଲା । ବୁଢ଼ୀଟା ଆଡ଼େ ଚାହିଁଲା କଟମଟ କରି । ବୁଢ଼ୀ କଥା ଶୁଣି ଆଉ ଜଣେ ଦି'ଜଣ ଯାତ୍ରୀ ସେଠାରେ ଛିଡ଼ା ହୋଇ ଯାଇଥିଲେ । କେହି କେହି ଉତ୍ସୁକ ହୋଇ ଚାହିଁଥିଲେ ଟିକିଏ

ଦୂରରୁ । ସୁକାଂତ କିଛି କହିଲା ନାହିଁ । ଚପଳା ସେମିତ ଗୁହିଁ ଚି କରୁଛି ଆଡ଼େ । ସୁକାଂତ ତା' ପାଖକୁ ଲାଗିଯାଇ ଦୋକାନୀକୁ କହିଲା,

-ଏଇଟା କେତେ ଦାମ୍ ?

-ପାଞ୍ଚଟଙ୍କା ବାରଣା ବାବୁ ।

ସୁକାଂତ ଦୋକାନୀ ହାତକୁ ପଇସା ବଢ଼େଇ ଦେଇ ରବର କଣ୍ଢେଇଟା ଆଣି ଚପଳା ହାତରେ କଗୁଡ଼ ଦେଇ ଆଗେ ଆଗେ ଗୁଲିଲା । ଚପଳା ଗୁଲିଲା ପଛେ ପଛେ ।

ସନ୍ଧ୍ୟା । ଧୀରେ ନଇଁ ଆସୁଛି ।

ଚପଳା କାର୍ଯ୍ୟ ବ୍ୟସ୍ତ । ଉଦର ପୂରଣର ଆୟୋଜନ ଏବେ ତାର ସବୁଠାରୁ ପ୍ରୟୋଜନୀୟ ହୋଇ ପଡ଼ିଛି । ସେଥିରୁ ସେ ଆନନ୍ଦ ପାଉଛି ପ୍ରଚୁର । ନଅ ତରକାରୀ ଛଅ ଭଜା କରି ସୁକାନ୍ତକୁ ଖୁଆଇ ପାରିଲେ ମନ ତା'ର ପୂରି ଯାଉଛି ।

ବାହାରେ ପଦ ଶବ୍ଦ ଶୁଭିଲା । ଚପଳା କାନେଇଲା । କାହାର ? ନିକଟେଇ ଆସିଲା ଶବ୍ଦ । ଚିହ୍ନା । ତେଲ କଡ଼େଇଟାକୁ ଚୂଲିରୁ ଓହ୍ଲେଇ ପକେଇ ଧାଇଁଗଲା । ସୁକାଂତ କାଖରେ ଗୁଡ଼ାଏ କାଗଜପତ୍ର ଜାକି ବାହୁଡ଼ିଛି । ଗୋଟି ଗୋଟି କରି ଧରିଲା ସୁକାଂତ ହାତରୁ । ନଇଁ ପଡ଼ି ସୁକାନ୍ତ ଯୋତାରୁ ଫିତା ଖୋଲି ଦେଇ ଓହ୍ଲେଇ ଦେଲା । ଦେହରୁ ଜାମା କାଢ଼ି ଠଙ୍ଗେଇ ଦେଲା ।

ସୁକାଂତ ଗୋଡ଼ ହାତ ଧୋଇ ଫେରିଲା ବେଳକୁ ଜଳଖିଆ ସଜାଡ଼ି ଥୋଇ ସାରିଥିଲା ଚପଳା । ସୁକାନ୍ତ ଖାଇ ବସିଲା । ଦୁହେଁ ନୀରବ । କାହାରି କଣ୍ଠରେ ଭାଷା ନାହିଁ । ଅଂଧାର ଘନେଇ ଆସୁଥିଲା । ସୁକାଂତ ଖାଉ ଖାଉ ହଠାତ୍ ମଝିରେ ପଚାରି ବସିଲା,

—ଆଉ କେତେଦିନ ଏମିତି ଚଳିବ ?

ଚପଳା ଉତ୍ତର ନ ଦେଇ ଉଠି ଯାଇ ଆଉ ଦୁଇଟି ପିଠା ଆଣି

ଥୋଇଲା । ସୁକାନ୍ତ ଅନେଇଲା ଚପଳା ମୁହଁକୁ । ମମ୍‌ବତୀଟିରୁ ତରଳ ମମ୍ ଝରୁଥିଲା । ଚପଳା ମୁହଁରେ ପ୍ରସନ୍ନତାର ଢେଉ ଫୁଟୁଥିଲା ସୁକାନ୍ତ ପୁଣି ପଚାରିଲା,

-ମୋ କଥା ଶୁଣୁଛ ଟି ?

-ଉଁ ?

-ମୁଁ ପଚାରୁଚି ଏମିତି ଆଉ କେତେଦିନ ଚାଲିବ ?

-ମନ୍ଦ କ'ଣ !

-ଭଲଟା କ'ଣ ଶୁଣେ !

ଚପଳା ହସିଲ ।

-ଆପଣଙ୍କର କିଛି ଅସୁବିଧା ହେଉଛି ?

-କିନ୍ତୁ ସୁବିଧା କିଛି ଦିଶୁନି ତମ ଢଙ୍ଗରଙ୍ଗରୁ ।

-ମୋତେ ବିଶ୍ୱାସ କରନ୍ତୁ ସୁକାନ୍ତ ବାବୁ, ମୁଁ ଆପଣଙ୍କର ମୋଟେ ଅନିଷ୍ଟ କରିବି ନାହିଁ ।

-ସବୁ ବୁଝୁଚି ଯେ, କେବ ବୁଝି ପାରୁନାହିଁ ତମର ଏହି ଆଚରଣକୁ ।

-କିଛି ଅଶିଷ୍ଟତାର ଗନ୍ଧ ପାଉଚନ୍ତି ?

ସୁକାନ୍ତ ଗୋଟାଏ ଦୀର୍ଘ ନିଶ୍ୱାସ ପକାଇଲ । ଚପଳା ଉଠିଯାଇ ଖୋଇଦେଲ ବାକି ଜଳଖିଆ ତକ । ହାତ ଧୋଇ ଦେଲ । ପୋଛି ଦେଲ ପଣତରେ ।

-ଏତେବେଳଯାଏ କୋଉଠିକି ଯାଇଥିଲେ ?

-ତମେ ସେଥିରୁ କ'ଣ ପାଇବ ?

-ମୋତେ କହିବନି ?

-ନା ।

ଚପଳା କପଟର ଟିକଏ ଆଘାତ ପାଇଲା ପରି ମନେ ହେଲା । ସେ ଉଠି ଯାଉଥିଲା ସେଠାରୁ । ସୁକାଂତ ତା' ହାତ ଧରି ବସେଇଲା । କହିଲା,

-ରାଗିଲ ?

-କାହା ଉପରେ ?

-ତମେ ବୋଧେ ଆଉ କାହାର ଅସ୍ତିତ୍ୱ ଏଠି ଅନୁଭବ କରୁଚ !

-ଥାଉ । ଆଉ ବଢ଼ନା । ମୋତେ ଭାରି କଷ୍ଟ ହେଉଚି ।

-ତମକୁ କଷ୍ଟ ହେଲେ ନ ହେଲେ ମୋର ଯାଏ ଆସେ କ'ଣ ! ନା —ମୋର କିଛି ଯାଏ ଆସେ ନାହିଁ । ତମେ ମୋର କେହି ନୁହଁ । ଆତ୍ମୀୟ,ସ୍ୱ ଜନ, ବନ୍ଧୁ ମୋର କେହି ନାହାନ୍ତି । ତମ ମନର ଅଘାତ, ବ୍ୟାଘାତ ମୋ ମନକୁ ଛୁଇଁ ପାରିବ ନାହିଁ ।

ଚପଳା ପୁଣି ହସିଲା । ସୁକାନ୍ତ ହାତରୁ ଓହ୍ଳେଇ, ତଳେ ରଖିଥିବା ନାରଙ୍ଗୀରଙ୍ଗର ଶାଢ଼ୀଟିର ପାଡିଟିକୁ ସେ ତନ୍ମୟ ହୋଇ ଦେଖୁଥିଲା । ଦେଖି ସାରି କହିଲା,

-ମୁଁ ତ ଶାଢ଼ୀ ପାଇଁ କହି ନ ଥିଲି । ଯା' ହେଉ ମନଲାଖି ହେଇଚି ଏକା ।

-ସେ ତମ୍ଭର ନୁହେଁ । ତମେ ତାକୁ ଛୁଁଅ ନାହିଁ ।

-ଓଃ ଅପବିତ୍ର ହେଇଗଲା ପରା ! ଆଚ୍ଛା କାହାପାଇଁ ଅଣିଚ ଶୁଣେ ?

-ଆ···ତମେ ମତେ ଜାଳେଇ ପୋଡ଼େଇ ମାରିବ ଦେଖୁଚି । ଚାଲି ଯାଅ ଏଠୁ ! ମୋ ମନ ଭଲ ନାହିଁ । କ'ଣ ନାହିଁ କ'ଣ ଶୁଣେଇ ଦେବ କହୁଚ ।

ଚପଳା ପୁଣି ଟିକଏ ହସି ଦେଇ କଣେଇ ଚାହିଁ ଉଠି ଗଲା ସେଠୁ ।

ସୁକାନ୍ତ ଗୋଟିଏ ସିଗାରେଟ୍‌ରେ ଅଗ୍ନି ସଂଯୋଗ କରି ଘରଯାକ ଚହଲିଲା । ମୁଣ୍ଡଟା ତା'ର ଆଜି ବେଶି ଭାରି ଭାରି ଲାଗୁଥିଲା ।

ନା, ସେ ଏଠୁ ଚାଲିଯିବ । ଏ ଭଳି ଜୀବନ ଲୋଭନୀୟ ହେଲେ ହେଁ ଶୋଭନୀୟ ନୁହେଁ । ଚପଳା କିଏ ? କାହିଁକି ସେ ତାକୁ ଏପରି ଭାବରେ ଜଡ଼େଇ ଧରୁଚି ? ହୁଏତ କୌଣସି ଅଭିସନ୍ଧି ଅଛି ତା'ର, କିଏ ଜାଣେ କେତେବେଳେ କ'ଣ କରି ବସିବ ! ତା' କଥା ସୁକାନ୍ତ ଯେତେ ବେଶି ବେଶି ଭାବୁଚି, ମୁଣ୍ଡଟା ତା'ର ସେତେ-ବେଶି ଭାରି ଲାଗୁଚି ।

ଏତେ ସ୍ନେହ ସୋହାଗ, ଆଦର ଯତ୍ନ । ସବୁ ମୂଳରେ କ'ଣ ଅଛି ଚପଳାର ? ପ୍ରଥମେ ଯେଉଁଦିନ ସେ ଭେଟିଥିଲା ଚପଳାକୁ, ସେଦିନର ତା'ର ସେହି ବ୍ୟାକୁଳତା, ଆକୁଳତା ସବୁ କ'ଣ ଅଭିନୟ ଥିଲା ? କାହିଁ ଆଉ ତ କୌଣସି ଦୁଃସ୍ୱପ୍ନ ତା ପଛରେ ଧାଇଁଲା ପରି ମନେ ହେଉନି । ଚାହୁଁ ଚାହୁଁ ଆସି ପନ୍ଦର ଦିନ କଟିଲାଣି, କୌଣସି ଦିନ ତ ଚପଳା ଆଗରେ ଦୁଃସ୍ୱପ୍ନ ଆସି ଠିଆ ହେଉନି ?

ସୁକାନ୍ତ ସବୁଠାରୁ ସନ୍ଦେହରେ ପଡ଼ିଚି ସେଦିନ ଯଜ୍ଞରୁ ଫେରିଲା ପରଠାରୁ । ସେଠାରେ ଯେଉଁଠି ଫଟୋ ଉଠାଇଲେ ସେମାନେ, ସେଠାରି ସୋ କେସ୍‌ରୁ ସୁକାନ୍ତ ଚପଳାକୁ ଦେଖିଥିଲା ଆଉ ଜଣେ ଯୁବକ ସହିତ ବସି ଥିବାର । ଭଂଗୀରେ କପରି ଅସଂଯତତା ଫୁଟି ଉଠୁଥିଲା । ଯଦିଓ ଫଟୋ ଖଣ୍ଡିକ ଫିକାଳିଆ ହୋଇ ଯାଇଥିଲା, ତଥାପି ତହିଁରେ ଚପଳା ଆଖିରେ ଯେଉଁ ଚାହାଣୀ ଲାଖି ରହିଥିଲା, ତହିଁରେ କାମନାର ଅସଂଖ୍ୟ କଣିକା ଫୁଟି ଉଠୁଥିଲା । କିଏ ସେହି ଯୁବକଟି ? ଯାହାକୁ ଇତି ପୂର୍ବରୁ ଚପଳା ଗ୍ରାସ କରିଥିଲା ।

ସୁକାନ୍ତ ପଶ୍ନରବ ପଶ୍ନରବ ହେଇ ଚପଳାକୁ ଆଉ ପଶ୍ନର ପାରି ନ ଥିଲା । କିନ୍ତୁ ଆଜି ଆଉ ଗୋଟାଏ ଘଟଣାର ସମ୍ମୁଖୀନ ହୋଇ ସୁକାନ୍ତ ବିବ୍ରତ ହୋଇ ପଡ଼ିଛି ।

କିଛିକର ଗୋଟିଏ ନିରୁଦ୍ଦିଷ୍ଟ ବାଲିକାର୍ ସେ ଦେଖି ଆସିଛି ଚପଳାର ଫଟୋ । ଆଉ ଜଣେ ଯୁବକ ସହିତ । ସେଇଥିପାଇଁ ତା' ମନରେ ସବୁଠାରୁ ବେଶି ଭାବାନ୍ତର ଦେଖା ଦେଇଛି । ସେଇଥିପାଇଁ ଆଜି ସବୁଠାରୁ ବଡ଼ିଆ ପ୍ରଶ୍ନ ଦେଖା ଦେଇଛି, ଚପଳା କିଏ ? କ'ଣ ତାର ପରିଚୟ ?

ସୁକାନ୍ତ କାହାର ସ୍ପର୍ଶ ଅନୁଭବ କଲା । ସଙ୍ଗେ ସଙ୍ଗେ ଏକ ଉତ୍କଟ ଗନ୍ଧ ସୁକାନ୍ତ ନାକରେ ବାଜିଲା । ଲେଉଟି ଚାହିଁଲା ପଛକୁ । ଚପଳା । କିପରି ଗୋଟାଏ ଶିହରଣ ଖେଳିଗଲା ସୁକାନ୍ତର ଦେହ ସାରା । ଅପରୂପ ବେଶ ଚପଳାର । ଯେଉଁ ଖାଡ଼ୀଟି ଆଜି କିଣି ଆଣିଥିଲା ସୁକାନ୍ତ, ସେଇଟିକୁ ପିନ୍ଧିଛି, ଦେହସାରା ବଣମଲ୍ଲୀର ଫୁଲରେ ମଣ୍ଡି ହୋଇଛି । ବ୍ଲାଉଜ ନାହିଁ । ଉହ୍ଲି ଉହ୍ଲି ଛାତିର ଉନ୍ନତ ଅଂଶ ବେଳେ ବେଳେ ଦିଶି ଯାଉଛି । ଚପଳା ଯେମିତି ସେ ସବୁଆଡ଼େ ମୋଟେ ଧ୍ୟାନ ଦେଉନି । ସେ ମୁହଁରେ ହସର ବନ୍ୟା ଛୁଟେଇ ସୁକାନ୍ତର ହାତ ଧରି ଟାଣିଲା,

-ଆସ । ବାହାରେ ଜହ୍ନର ରୋଷଣୀ, ଫୁଲର ମଉଚ୍ଛବ । ଦେଖୁଛ ମୁଁ କେମିତି ମଣ୍ଡି ହେଇଛି । ସେମିତି ସଜେଇ ଦେବି ତମକୁ । ଲାଜରେ 'କାମଦେବ' ବି ମୁଣ୍ଡ ନୋଇଁବ । ଏତେ ଗୋଟାଏ ଭାବୁଛ କ'ଣ ? ଜୀବନକୁ ଉପଭୋଗ କରି ନ ପାରିଲେ ବାଉଳା ହୋଇ ଯିବ ଯେ !

ସୁକାନ୍ତ ହଠାତ୍ ଏପରି ଅତର୍କିତ ଭାବରେ ଘାଇଲ ହେବାକୁ ପ୍ରସ୍ତୁତ ନ ଥିଲା । ଚପଳାର ଠାଣି ଓ ଗୃହାଣୀ ତଳେ ସୁକାନ୍ତର ଭାବନା ହେଉଥିଲ ସତେକି ତରଳି ଗଲା । ଏତେଦିନ ସେ ଚପଳା ସହିତ କଟେଇ ଥିଲେ ବି ଏପରି ଦୁର୍ବଳତାର ଶୀକାର ସେ କେବେ ହୋଇ ନ ଥିଲା । ସୁକାନ୍ତ ପାଦ ଯୋଡ଼ାକ ହାଲ୍କା ହେଇ ଆସୁଥିଲା । ଚପଳା ଆଉ ଟିକେ ହସି ସୁକାନ୍ତର ହାତଟା ଧରି ଟାଣି ନେଇଗଲା ବାହାରକୁ ।

ବାସ୍ତବିକ୍ ରାତଟା ଅତି ଲୋଭନୀୟ । ଖଣ୍ଡ ଖଣ୍ଡ ବାଦଲ ଘେରା ଆକାଶରେ ଜହ୍ନର ଅଭିସାର, ନୀଳ କଇଁରେ ଭରା ପୁଷ୍କରଣୀ ତଟରେ ସୁକାଂତ ଓ ଚପଳାର ପ୍ରତିବିମ୍ବ । ଆଉ ବଣବଣିକା ଫୁଲର ମହକରେ ପ୍ରାଣ ତଟରେ ଅପୂର୍ବ ଭାବାନ୍ତର ଆଉ ସବୁଠାରୁ ଅପୂର୍ବ ଚପଳାର ଚଳ ଚଞ୍ଚଳ ଗୃହାଣୀ ସହିତ ଛଳ ବହୁଳ ଭଂଗୀ । ସୁକାଂତ ବିମୋହିତ ହୋଇ ପଡ଼ିଲା ।

ଚପଳା ସୁକାଂତକୁ ଟାଣି ଟାଣି ନେଲା ଅନ୍ଧାର ଦୂରକୁ । ମଲ୍ଲୀ ଗଛରୁ ଫୁଲ ତୋଳି ଅଞ୍ଜୁଳା ଅଞ୍ଜୁଳା ଆଣି ବିଞ୍ଚି ଦେଲା ସୁକାଂତ ଉପରେ । ଆଜି ଯେମିତି ଚପଳା ନଷ୍ଟିଥିବାର ରାଜ ଜେମା । ତାଁ’ ଅଂଗେ ଅଂଗେ ଆନନ୍ଦର ପ୍ଲାବନ । ଲୋମେ ଲୋମେ ଆକର୍ଷଣର ସ୍ୱପ୍ନ ବାଣ । ହଠାତ୍ ବାଧା ଦେଇ ସୁକାଂତ ପଚାରିଲା,

-ଆଉ କେତେବାଟ ଯିବା ?

-ଦୂରକୁ, ବହୁତ ଦୂରକୁ । ଯେଉଁଠି ଆକାଶ ପୃଥିବୀର ମିଳନ ହୋଇଛି । ଯେଉଁଠି ମଣିଷ ମନର ରୂପକ ରୂପ ପାଏ ବାଧା ନ ପାଇ;

ଚାଲି ଯିବା ସେଇଠିକି । ରଚିବା ସୁନାର ସଂସାର । ବାଧା ନ ଥିବ । ନଥିବ କାହାର ଉପଦ୍ରବ ।
-ମୁଁ କିଛି ବୁଝି ପାରୁନ ଚପଳା । ଆଜ ହଠାତ୍ କାହିଁକି ଏ ସ୍ୱପ୍ନ !
-ସୁକାଂତ ବାବୁ, ଆପଣ ଚାଲି ଆସନ୍ତୁ । ବାଧା ଦିଅନ୍ତୁ ନାହିଁ ଆଜ । ମନରେ ମୋର ଲକ୍ଷେ କୋଟିଏ ଭାବନା । ଆପଣ ମଉଳାନ୍ତୁ ନାହିଁ । ତା' ହେଲେ ମୁଁ ବଞ୍ଚି ପାରିବି ନାହିଁ । ଆପଣ ଚାଲି ଆସନ୍ତୁ ମୋ ପଛେ ପଛେ ।

ଚପଳାର ବସନ ଭୂଷଣ ପ୍ରତି ଲକ୍ଷ୍ୟ ନଥିଲା । ସେ ସୁକାଂତର ଗୋଟିଏ ହାତ ଧରି ଧାଉଁଥିଲା ଆଗକୁ ଆଗକୁ । ବଣ, ଜଙ୍ଗଲ, ଗଛ ଲତା, ସବୁଠି ସତେକି ଭରିଥିଲା ଅପୂର୍ବ ଶୋଭା ଶିରୀ । ସୁକାଂତ ଚାଲି ଥିଲା ଚପଳାର ପଛେ ପଛେ ।

ସେମାନେ ଚାଲି ଯାଇଥିଲେ ଦୂରକୁ । ବହୁତ ଦୂରକୁ । କ୍ଳାନ୍ତ ହୋଇ ବସି ପଡିଲେ ଭୂଇଁ । ଆକାଶରେ ଚନ୍ଦ୍ର ହସୁଥିଲା, ତାରା ଆଖି ମିଟିକା ମାରୁଥିଲେ । ଚପଳା ସୁକାଂତ ଛାତିରେ ମୁଣ୍ଡ ରଖି ଆକାଶକୁ ଚାହିଁ ହସୁଥିଲା । ସୁକାଂତ ତା' ଅଲୁଆ ବାଳ କେରାକରେ ଅଙ୍ଗୁଳି ଚଳେଇ କହୁଥିଲା,
-ମୁଁ ତମୁକୁ ଚହ୍ନି ପାରିଲି ନାହିଁ ଚପଳା । ଏତେ ସ୍ନେହ, ଏତେ ଆଦର, ଏତେ ଆପଣାର ତମେ ମୋତେ କରି ମଧ ମୋ ମନରେ ଏବେ ବି ଶତ ସହସ୍ର ପ୍ରଶ୍ନ ଜାଗୁଛି । ତୁମେ କିଏ, କ'ଣ ଓ କାହିଁକି ମୋ ପଛେ ପଛେ ଧାଇଁଛ । ମୁଁ ବୁଝି ପାରୁନ, ଜାଣି ପାରୁନ । ତେଣୁ ମନକୁ ସାନ୍ତ୍ୱନା ଦେଇ ପାରୁନ ।

ଚପଳା ସୁକାଂତ ହାଁକୁ ଚାହିଁ ହସୁଥିଲା ! ଅଞ୍ଜଳାଏ ମଲ୍ଲୀ ଫୁଲମୁ

ସୁକାଂତ ମୁହଁ ଉପରେ ବିଞ୍ଚିଦେଇ ଆଉ ଆଞ୍ଜୁଳାଏ ଫୁଲ ତୋଳିବାକୁ ଉଠିଗଲା। ଫୁଲ ତୋଳୁ ତୋଳୁ ଉତ୍ତର ଦେଲା,

–ମୋର ପରିଚୟ ନାହିଁ। ଜାତି, ଧର୍ମ, ଗୋତ୍ର କଣ ମୁଁ ଜାଣି ନାହିଁ। ତଥାପି ମନ ଅଛି ! ପ୍ରାଣ ଅଛି । ଦୁନିଆର ସୌରଭକୁ ମୁଁ ଗୌରବ ମଣେ ।

ସୁକାଂତ ଉଠିଗଲା । ଚପଳାର କଅଁଳ ହାତଟିକୁ ଫୁଲ ଉପରୁ ଗୋଟେଇ ଆଣି, ନିଜ ହାତରେ ବନ୍ଦୀ କରି ପଚାରିଲା,

–ତୁମେ ଯାହା ଭାବ ଚପଳା, ମୋର କିନ୍ତୁ ହନୁହନ ତମ ଉପରେ ସନ୍ଦେହ ବଢ଼ି ଚାଲିଛି । ତମର ଆଚରଣ ମୋତେ ମନ୍ତ୍ରମୁଗ୍ଧ କଲେ ମଧ ମୋ ମନ ବୁଝୁ ନାହିଁ । ସେଇଥି ପାଇଁ ସବୁବେଳେ ଗୋଟାଏ ଦୁର୍ଭାବନା ମୋ ମନ ଉପରେ ଭାସି ବୁଲୁଛି । ତମୁକୁ ଏହାର ସମାଧାନ..............

ଗୁଡ଼ୁମ୍..........ଗୁଡ଼ୁମ୍..............

ଚପଳା ଚହଙ୍କି ପଡ଼ିଲା । ଅଦୂରରେ କେଉଁଠି ଗୋଟାଏ ବନ୍ଧୁକ ଦୁଇଥର ଗର୍ଜି ଉଠିଲା । ହୁଏତ କେହି ଶିକାରୀ ଜଙ୍ଗଲରେ ତା' ଲକ୍ଷ୍ୟ ବସ୍ତୁ ଉପରେ ଗୁଳି ଚଳାଇଲା ।

ମାତ୍ର ଚପଳା ସେ ସୁକାଂତକୁ ଜାବୁଡ଼ି ଧରି ଗୋଟି ପଣ ଥରିଉଠିଲା । ମୁହଁଟା ନାଲି ପଡ଼ିଗଲା, ସତେ ଯେମିତି ବନ୍ଧୁକର ଦୁଇଟା ଯାକ ଗୁଳି ତା'ରି ବକ୍ଷରେ ବିଦ୍ଧ ହୋଇଛି ।

ଚପଳା ଅଟ୍ଟହାସ୍ୟ କରି ଉଠିଲା । ବାତୁଳଙ୍କ ପରି କହି ଚାଲିଲା,

–ଠିକ୍ ହୋଇଛି । ଲକ୍ଷ୍ୟ ମୋର ଅବ୍ୟର୍ଥ ସୁକାନ୍ତ ବାବୁ, ଧାଇଁ ଯାଅ । ଯାଇ ଦେଖ, ଲକ୍ଷ୍ୟ ମୋର ଅବ୍ୟର୍ଥ ।

ସୁକାଂତ ବିଚଳିତ ହୋଇ ପଡ଼ିଲା । ହଠାତ୍ ଚପଲାର ଏ ପରିବର୍ତ୍ତନରେ ସେ ଆତଙ୍କିତ ହୋଇ ଉଠିଲା । ହୁଏତ ଚପଲା ଉପରେ ସେଇ ଦୁଃସ୍ୱପ୍ନର ଛାଇ ପଡ଼ିଚି । ସେ ବିଚଳିତ ହୋଇ ପଡ଼ିଲା । ଚପଲାକୁ ହଲେଇ ଦେଇ କହିଲା,

–କ'ଣ ଏ ସବୁ କହୁଚ ତମେ ?

ଚପଲା ଆହୁରି ଜୋରରେ ହସି ଉଠିଲା । ହସି ହସି ଲେଟି ପଡ଼ିଲା ସୁକାଂତ ଉପରେ—

-ଠିକ୍ ହୋଇଛି । ଠିକ୍ ହୋଇଛି । ମୋ ସଂଗରେ ସଇତାନି ନା ?

ସୁକାଂତ ଚପଲାକୁ ଜାବୁଡ଼ି ଧରିଲା । ସେ କ୍ଷଣକ ମଧ୍ୟରେ ଜ୍ଞାନ ହରେଇ ଥିଲା । ସୁକାନ୍ତ ଭାବି ପାରୁ ନଥିଲା ହଠାତ୍ ଏ ପରିବର୍ତ୍ତନ ମୂଳରେ କ'ଣ କାରଣ ଅଛି । ସେ ଚପଲାର ଭାରି ବଦନ କରି ଧୀରେ ଧୀରେ ଫେରି ଯିବାକୁ ବସିଲା । ମାତ୍ର ଚପଲା ହଟିଲା ନାହିଁ । ସେଇଠି ବସି ପଡି ସୁକାନ୍ତ ଆଡ଼େ ଜୁଳୁ ଜୁଳୁ ଚାହିଁ ହସିଲା । କହିଲା,

–ଆପଣ ମୋତେ ଭଲ ପାଆନ୍ତି ସୁକାନ୍ତ ବାବୁ ?

–ନା ।

–କାହିଁକି, କାହିଁକି ଭଲ ପାଆନ୍ତି ନାହିଁ ? ମୁଁ ଆପଣଙ୍କ ପାଖରେ କି ଅପରାଧ କରିଚି ?

–ତୁମେ ଶୁଣିଆସ ଏଇକ୍ଷଣି । ପରେ ପଦାଙ୍କୁ ସବୁ କଥା କହିବି । ତା' ଛଡ଼ା ଭଲ ପାଇବା ନ ପାଇବା ହୃଦୟର କଥା । ମୁହଁର କଥା ନୁହେଁ ।

–ହଁ, ହଁ—ଠିକ୍ କହିଚ ସୁକାଂତ ବାବୁ । ସେ ସବୁ ହୃଦୟର କଥା, ମୁହଁର କଥା ନୁହେଁ । ତା' ନହେଲେ ମୋ ନିଜ ହାତରେ ମୋତେ ଏତୁଟା ଖୁନ୍ କରିବାକୁ ପଡ଼ି ନ ଥାନ୍ତା ।

-ଚପଳା ?

-ଡରୁଚକ ସୁକାନ୍ତ ବାବୁ ! ମୁଁ ଆପଣଙ୍କୁ ମୋଟେ ଖୁଣ୍ କରିବ ନାହିଁ । ଆପଣ ଭାରି ଭଲ ମଣିଷ । ଆପଣ ମୋ ପାଖେ ପାଖେ ନ ରହିଲେ ମୁଁ ମରିଯିବି ଯେ !

-ହେଉ ଚାଲ ଆସ ତୁମେ । ବଡ ଘନେଇ ଆସୁଛି । ବଣରେ ହିଂସ୍ର ଜନ୍ତୁ ଅଛନ୍ତି । ଚାଲ ।

ହିଂସ୍ର ଜନ୍ତୁ, ମୋଠାରୁ ବି ବେଶି ହିଂସ୍ର ! ଆପଣ ହସେଇଲେ ମତେ ସୁକାଂତ ବାବୁ । ମୋଠାରୁ ବେଶି ହିଂସ୍ର ଜଗତରେ କେହି ନାହାନ୍ତି ।

-ସତେ ! ମୋତେ ତା ହେଲେ ତମଠାରୁ ଦୂରେଇ ରହିବାକୁ ପଡ଼ିବ । କାରଣ ମୁଁ ହିଂସ୍ର ଜନ୍ତୁ ମାନଙ୍କୁ ଭାରି ଭୟ କରେ । ତୁମେ ଥାଅ ମୁଁ ଯାଉଛି ।

-ସୁକାଂତ ବାବୁ, ରୁହନ୍ତୁ ରୁହନ୍ତୁ । ହେଇ ସେ ଧାଇଁ ଆସୁଚି । ଆସିଗଲା । ମୋତେ ବଞ୍ଚାନ୍ତୁ ଆପଣ ।

ଚପଳା ଛୁଟି ଆସି ସୁକାନ୍ତଙ୍କୁ ଜାବୁଡ଼ି ଧରିଲା । ତା'ପରେ ଚପଳା ଧୀରେ ଧୀରେ ସଂଜ୍ଞାହୀନା ହୋଇ ପଡିଲା । ସୁକାଂତ କେବଳ ଚାହିଁ-ଥିଲ, ଆଉ ଭାବୁ ଥିଲ ।

ସୁକାନ୍ତର ଭାବନା ଦୁର୍ଭାବନା ମଝିରେ ଚପଳା ଦୋହଲୁଥିଲା । ଆସନ କ୍ରମେ ତା'ର ଦୃଢ଼ ହୋଇ ଆସୁଥିଲା ସୁକାଂତ ମନ ଉପରେ । ଭାରି ମଜା ଲାଗୁଥିଲା ଚପଳାକୁ । ଠିକ୍ ଇମିତିଆ ଜୀବନଟିଏ ଯାପନ କରିବା ପାଇଁ ସେ ଦୀର୍ଘଦିନ କଟେଇ ସାରିଥିଲା, କିନ୍ତୁ ପାଇ ନଥିଲା । ଆଜି କାଲି ଆନନ୍ଦର ସୀମା ନ ଥିଲା ଚପଳାର ।

ସୁକାଂତ ଏବେ ବେଶି ବେଳ ବସି ରହୁ ନ ଥିଲା । ସେ ଏଣେ ତେଣେ ବୁଲି ବୁଲି ଫେରୁଥିଲା ସଂଧ୍ୟାକୁ । ଚପଳାର ସ୍ନେହ, ଆଦର ଓ ସେବା ଫଳରେ ସବୁ ଭୁଲି ଯାଉଥିଲା । କିଛି ମନେ ରହୁ ନଥିଲା ତା'ର । ଇମିତି ଚାଲିଥିଲା । କ୍ରମେ ଜଗତପୁରର ସେହି ପରିତ୍ୟକ୍ତ ଘରଟି ଆଉ ଥରେ ଜୀବଦାନ ପାଇ ଆସୁଥିଲା ।

ସୁକାଂତ ଆଉ ଚପଳା ! ଦୁଇଟି ଉଡ଼ା ଚଢ଼େଇ । ଉଡ଼ି ଉଡ଼ି ଆସିଚନ୍ତି । ହୁଏତ ଉଡ଼ି ଉଡ଼ି ଚାଲିଯିବେ । କିନ୍ତୁ ଅପୂର୍ବ ଏଇ ସଂଯୋଗ ।

ସୁକାନ୍ତ ଶୋଇ ଶୋଇ ବତୀ ଆଲୁଅରେ ଖବର କାଗଜଟା ପଢୁ ପଢୁ ହସି ଉଠିଲା । ଅର୍ଥହୀନ ହସ । ପୁଣି କାଗଜ ପଢ଼ାରେ ମନ ନିବେଶ କଲା । ଏଇଖିଣା ଖାଇ ସାରି ଶୋଇଛି । ଚପଳାର ଝିଅ ଶେଷ

ହେବଣି ହୁଏତ । ଖବର କାଗଜ ଉତରେ ମନଟାକୁ ହଜେଇ ରଖିବାର ଚେଷ୍ଟା କର ପ୍ରତୀକ୍ଷା କରୁଥିଲା ସେ ଚପଳାକୁ ।

ତନ୍ଦ୍ରା ଘୋଟି ଆସୁଚ ସୁକାଂତ ଆଖିରେ । ବେଳେବେଳେ କାଗଜଟା ଖସି ପଡୁଚ ହାତରୁ । ପୁଣି ସେ ଗୋଟେଇ ନେଇ ହାତରେ ଧରୁଚ । ସିଗାରେଟ୍‌ଟା ଜଳ ଜଳ ଶେଷ ହୋଇ ଆସିଲଣି ।

ଚପଳା ହସି ହସି ଘର ଭିତରେ ପଶିଲ,

-ଶୋଇଲେଣି କ ?

ତନ୍ଦ୍ରା ଘୁଞ୍ଚିଗଲ ସୁକାନ୍ତର ।

-ନା, ତୁମର ପ୍ରତୀକ୍ଷା କରୁଚ ।

-ମୋ ପ୍ରତୀକ୍ଷା ?

-ହଁ ।

-ଆଜ କାହାଁକ ଭାର ଦୟା । ଜୀବନକୁ ମୋର ସାର୍ଥକ କଲ ।

-ଆଜକାଲ ଭାର ଦୟା ହେଉଚ ତୁମକୁ ଦେଖିଲେ ।

-ସତେ ! କିନ୍ତୁ ମୋ ଅନୁଗ୍ରହ କଥା ଭୁଲୁଚ କାହିଁକ ?

-ତମେ ଗୋଟିଏ ରହସ୍ୟମୟୀ ଚପଳା ।

ସୁକାଂତ ଅନେଇଲ ଚପଳା ମୁହଁକୁ । ଶାନ୍ତ, ସ୍ଥିର । ହସ ଫୁଲଟିଏ ଫୁଟି ଉଠିଲ । ସୁକାଂତ ବି ହସି ଦେଲା ଟିକଏ । ଚପଳା ଫୁଁକରି ବତୀଟା ଲିଭେଇ ଦେଲା । କର କର ହେଇ ହସି ଉଠିଲ । ସୁକାଂତ ସ୍ତିଟିଗଲ । ପାଟି କଲା,

-କ'ଣ ଏ ହେଉଚ ତୁମର ? ସବୁବେଳେ ଚପଳାମି ଶୋଭା ପାଏନ !

ଖାଲି ହସ ଶୁଭୁଥିଲ ଚପଳାର । ସୁକାଂତ ପୁଣି କହିଲ,

-ବତୀ ଲଗେଇଲ ନା ନାଇଁ !

-ନା, ଲଗେଇବାନ । ଆପଣଙ୍କ ସାନିଧ ଅନ୍ଧକାରରେ ଉପଭୋଗ କରିବାକୁ ମୋତେ ଭାରି ଭଲ ଲାଗୁଚି ।

-କିନ୍ତୁ ଏଇଟା ଅଶୋଭନ କଥା ଚପଳା ।

-ଶୋଭନ ଅଶୋଭନ କିଛି ମୁଁ ଜାଣି ନାହିଁ । ଆପଣଙ୍କ ଦୟା ଉପରେ ମୁଁ ବଞ୍ଚିଚି । ନୋଇଲେ ମରି ସାରନ୍ତିଣି ଅନେକ ଦିନରୁ । ତଥାପି ଯଦି ଆପଣ ନ ବୁଝନ୍ତି । ନାଗୀ ମୁଁ । ତୁଣ୍ଡ ଖୋଲି ପାରିବି ନାହିଁ ।

-ବୁଝିଲି । କାମନାର ହଳାହଳ ଭିତରେ ମତେ ତୁମେ ଧ୍ୱଂସ କରିବାକୁ ଚାହଁ, ନା ?

ଚପଳା ସୁକାଂତ ଗୋଡ଼ ଦୁଇଟିକୁ ଜାବୁଡ଼ି ଧରି କହିଲା,

-ନା, ନା, ସେପରି କୁହନ୍ତୁ ନାହିଁ ସୁକାଂତ ବାବୁ । ମୋ ମନରେ କୌଣସି କାମନା ନାହିଁ, ବାସନା ନାହିଁ । ମୋତେ ଖାଲି ଆପଣ ଦୟା କରନ୍ତୁ । ଯେତିକ ଅଧିକାର ଦେଇଚନ୍ତି, ସେତିକରୁ ବଞ୍ଚିତ କରନ୍ତୁ ନାହିଁ । ତା'ହେଲେ ମୁଁ ବଞ୍ଚି ପାରିବି ନାହିଁ ।

ସୁକାଂତ ଗୋଡ଼ଟା ଟାଣି ନେଇ କହିଲା,

ତୁମେ ଏଠୁ ଚାଲିଯାଅ, ତୁମ ନିଶ୍ୱାସରେ ତୋଫାନ ଭରିଚି । ସ୍ପର୍ଶକୁ ମୁଁ ସହି ପା ରୁ ନାହିଁ । ତୁମେ ମୋତେ ଧ୍ୱଂସ କରିଦେବ । ଚାଲି ଯାଅ ଏଠୁ । ଦୂରେଇ ଯାଅ ମୋ ପାଖରୁ । ମୋ ଜୀବନର ଧୂମକେତୁ ହୋଇ ତୁମେ ଦେଖା ଦିଅନା । ଯେଉଁ ଫୁଲଟିକୁ ମୁଁ ତୋଳି ଆଣିଚି, ମନ୍ଦିରରେ ମୋହିତ ହୋଇଚି, ତାକୁ ମୁଁ ଦଳି ଚକଟି ଧ୍ୱଂସ କରି ପାରିବି ନାହିଁ ।

ଅନ୍ଧକାରର ନିସ୍ତବ୍ଧତା ଭିତରେ ସୁକାଂତ ଚପଳାର ଖରଶ୍ୱାସ

ବାରୁଥିଲି । ଆଉ ଆଶଙ୍କା କରୁଥିଲି ଚପଳା ହୁଏତ ଏଇଖିଣି ଅଟ୍ଟହାସ୍ୟ କରି ଉଠିବ । ଖଣ୍ଡ ପ୍ରଳୟ ସୃଷ୍ଟି ହୋଇ ଯିବ ତା ଜୀବନରେ ।

କିନ୍ତୁ ଚପଳା ଝିଙ୍କି ପଡ଼ି ସେଠାରୁ ବାହାରି ଗଲା । ଘର ଭିତରେ ଭରି ଦେଇଗଲା ଗୋଟାଏ ପ୍ରବଳ ଉତ୍ତେଜନା । ମନସ୍ତାପ । ଘରର ବାୟୁ ସ୍ତର ଭୀଷଣ ଭାରି ହୋଇ ଉଠିଲା । ସଂଗେ ସଂଗେ ଭାରି ହୋଇ ଉଠିଲା ସୁକାଂତର ମନ । ନା ଆଜି ଯେମିତି ହେଉ ସେମିତି ସେ ଜାଣିବ ଚପଳା କିଏ । କଣ ସେ ଲୁଚେଇଁ ସୁକାଂତ ଠାରୁ । କ'ଣ ତା'ର ପରିଚୟ ?

ମୋ ଧନ ଯିବରେ ପାରଧି କରି

ବାଘ ଭାଲୁ ଗଣ୍ଡା ଅଣିବ ଧରି,

ନାଲେ, କଏ ମାଇଲରେ, ଶୋଇପଡ଼ । ଏଇଖିଣା ବୁଢ଼ୀ ଅସୁରୁଣୀ ଆସିବ । କୁଲପରି କାନ, ଶାବଳ ପରି ଦାନ୍ତ, ମାଟିଆ ପରି ନାକ । ଧରେଇଦେବ । ତା'ଝୁଲରେ ଭରି ନେଇଯିବ ଅଗ୍ଣାଟ୍ଣି ବନସ୍ତକୁ । ନା, ନା । ଶୁନ ହ ।

ଆରେ ଜହ୍ନମାମୁଁ ସରଗ ଶଶୀ, ମୋ କାହ୍ନୁ ହାତରେ ପଡ଼ିବୁ ଖସି

ସୁକାନ୍ତ ଅଳ୍ପ ଦୂରରେ ଥାଇ ଲକ୍ଷ୍ୟ କରୁଥିଲ । ଚପଲା ରବ କଣ୍ଢେଇଠାକୁ କୋଳରେ ପୂରେଇ ଗେଲ କରୁଚ । ମାତୃତ୍ୱର ଅନାବିଲ ସ୍ନେହ ତା' ମୁହଁରୁ ଥୋପି ପଡୁଚ ।

ଆଗେଇବ କି ପଛେଇବ କିଛି ଠିକଣା କରି ପାରିଲ ନାହିଁ । ସେମିତି ସେଇଠି ଠିଆ ହେଇ ରହିଲ । ଅନ୍ତରଟା ତା'ର କାନ୍ଦି ଉଠିଲ । ହତଭାଗିନୀ ।

ଚପଲା ରବର କଣ୍ଢେଇଠାକୁ କହୁଥିଲ—

ତୁନି ହେବୁନି । ଦେବ ଯେ ଧରି କଣ୍ଢ଼ା ଏକାଥରକେ ଶାନ୍ତ ହେଇଯିବୁ ।

ପୁଣି କୋଳରେ ଜାକିଧରି କହିଲ—

ଓ…ନା-ନା-ନା । ଅବିକଳ ବାପ ପରି ଅଳଖୋର । ହକଏ ଦେଲେ କ'ଣ କଥା ବୋଲି ମାନିବ । ଯାହା ଜିଦ୍ ଧରିଥିବ ସେଇଆ । ଭାରି ହତଭାଗାରେ ଧନ, ତୁ ତୋ ବାପକୁ ଦେଖି ପାରିଲୁ ନାହିଁ । ସେ ଯଦି ଆଜି ଥାଆନ୍ତେ, ଖୁସିରେ ନାଚି ଯାଉଥାଆନ୍ତେ । ତୁ ଯେମିତି ଆଜି ମୋ କୋଳ ଉଜ୍ଜ୍ୱଳ କରିଚୁ ଆନନ୍ଦର ବନ୍ୟା ଭାସୁ ଥାଆନ୍ତା ।

ଆଃ—ଖୋଇପଡ଼ ଭଲ । ଖୋଇବୁନି ? ଏଇଥର ଦୁଷ୍ଟାମୀ କଲେ ଠେକ କଗୁଡ଼ି ଦେବ । ମତେ ଚହ୍ନିରୁ ମୁଁ କିଏ ? ବେଶୀ ମୋ ସଙ୍ଗରେ ଲଗେଇଲେ ଭଣ୍ଡିଚପି ମାରିଦେବି । ବାପକୁ ତୋର ଖୁଣ୍ଣ କରି ଦେଇଚ, ତୁ କବା ଛାର ଯେ !!

ସୁକାନ୍ତ ଚହଙ୍କି ପଡ଼ିଲ । ଚପଳା ଧୀରେ ଧୀରେ ହୁଏତ ସେଇ ରବର କଣ୍ଢେଇଟାକୁ ଲକ୍ଷ୍ୟ କରି ତା' ଆତ୍ମଜୀବନୀ କହୁଥିବ । ସେ ପକ୍ଷା କଲ । କିନ୍ତୁ ଚପଳା ଧଡ଼କିନା ଉଠିପଡ଼ି ରବର କଣ୍ଢେଇଟାକୁ ରଲୁ ଫିଙ୍ଗିଦେଲ ।

ଓଃ, ଭାରିତ ମୋ ପୁଅ । ମୋତେ ସ୍ୱର୍ଗକୁ ନେବ ସତେଜ୍କା ! ଯୋଉଡ଼ ବାପ । ଯା, ଯା । ତୋ ବାପ ପାଖକୁ ଗ୍ଲଲିଯା । ସୁକାନ୍ତ ବାବୁ ତେଣେ ଗ୍' ପାଇଁ ଅପେକ୍ଷା କରିଥିବେ, ଇଏ ଥଇଲ ସୁଦାଗ ଦେବାକୁ । ସେଇଠି ପଡ଼ିଥା ।

ଚପଳା ଉଠି ନମେ ନମେ ସେଠୁ ଗ୍ଲଲିଗଲ । ସୁକାନ୍ତର ଗୋଟାଏ ବିନ୍ଦୁ ଆଖି ମିଳେଇ ଗଲ । ଏଇମାତ୍ର ସକାଳ ହୋଇଚ । ସେ

ବଛଣାରୁ ଉଠି ଆସି ଭେଟିଥିଲି ଚପଳାକୁ । ଗୋଟାଏ ନୂଆ ମୁହୂର୍ତ୍ତିରେ, କିନ୍ତୁ ବିଫଳ ହେଲା ତା’ ଭାବନା ।

ଚପଳା ଯାଇ ଚୁଲି ଲଗେଇଲା । ସୁକାନ୍ତ ଲେଉଟି ଯାଇ ଆଉ ଥରେ ବଛଣାରେ ଶୋଇଲା । ସିଗାରେଟ୍‌ଟାଏ କାଢ଼ି ଅଗ୍ନି ସଂଯୋଗ କଲା । ସେ ଭାବିଥିଲା କାଲି ରାତିର ଘଟଣା ପରେ ହୁଏତ ଚପଳା ମନରେ ଭାବାନ୍ତର ଆସିଥିବ । ମାତ୍ର ସେପରି କିଛି ଇଶାରା ପାଇଲାନି ସୁକାନ୍ତ । ମନେ ହେଉଥିଲା ଯେମିତି କିଛି ହେଇନି ।

ସିଗାରେଟ୍‌ରେ ଦି’ ଟାଣ ଦେଇ ସୁକାନ୍ତ ବ୍ୟସ୍ତ ହୋଇ ପଡ଼ିଲା । ସମୟଗୁଡ଼ା ସତେକି ବଢ଼ି ବଢ଼ି ଯାଉଛି । ରାତି ପାହିଲାଣି ପହରକେ ହେବ । କିନ୍ତୁ ମନେ ହେଉଥିଲା ରାତି ଆହୁରି ଅନେକ ବାକି । ସବୁଦିନ ଅପେକ୍ଷା ଚଞ୍ଚଳତା ବଢ଼ି ଯାଇଥିଲା ସୁକାନ୍ତର ।

ସେ ପୁଣି ବଛଣାରୁ ଉଠିପଡ଼ିଲା । ଲୁଙ୍ଗିଟା ପାଲଟି ପକେଇ କାମିଜଟା ଦେହରେ ଗଳେଇ ପକେଇଲା । ନା, ଆଜି ସେ ନିଶ୍ଚିନ୍ତରେ ବସି ପାରିବ ନାହିଁ । ପାଦ ଯୋଡ଼ାକୁ ଆଗକୁ ଉଠେଇଲା । ଚପଳା ଚୁଲିରେ ହାଣ୍ଡି ବସେଇଛି । ଫେର, ଗୁହାଳ ପଛକୁ । ସୁକାନ୍ତ ଚପି ଚପି ପାଦ ପକଉଛି ।

ଚପଳା ପଛରୁ ଡାକିଲା—

-ହୋ ବାବୁ ସାହେବ । ବାସି ମୁହଁରେ ପାଣି ପଡ଼ିନି । କୁଆଡ଼େ ଗସ୍ତରେ ବାହାରିଲେ ?

ସୁକାନ୍ତ କିଛି ନ କହି ଚାଲି ଯାଉଥିଲା ।

ଚପଳା ଉଠିଯାଇ ପଛରୁ ଟାଣିଲା ।

-ଦାନ୍ତପଟି ଘଷି ଚା’ ଖାଇ ଦେଇ ଯୁଆଡ଼େ ଯାଆନ୍ତୁ । ତା ପୂର୍ବରୁ କାନ୍ତୁ ଯାଇ ପାରିବେନି ।

ସୁକାନ୍ତ ମୁହଁ ନାଲି ଦିଶୁଥିଲା । କହିଲା,

-ମୁଁ ତୁମର ବାଧ୍ୟ ନୁହେଁ ।

ଚପଳା ଗମ୍ଭୀର ହୋଇ କହିଲା,

-ଅବାଧ୍ୟ ଯେବେ ଥିଲେ ଥିଲେ । ଏଣିକି ବାଧ୍ୟ ହେବାକୁ ପଡ଼ିବ ।

-ଚପଳା ! ଏତେ ଆଗକୁ ବଢନାହିଁ । ବଢିବା ଉଚିତ ନୁହେଁ । କାରଣ ମୁଁ ତୁମକୁ ଏତେଟା ପ୍ରଶ୍ରୟ ଦେଇନାହିଁ ।

-ମୁଁ ଆପଣଙ୍କ ପ୍ରଶ୍ରୟ ଦେବା ନ ଦେବାକୁ ଅପେକ୍ଷା କରି ନାହିଁ ।

-ତା’ହେଲେ ?

-ମୁଁ ଆପଣଙ୍କୁ ଭଲ ପାଇଛି, ଆପଣାର ମଣିଛି ।

ଚପଳା ସେଠାରୁ ଅନ୍ତର ହୋଇଗଲା ।

ସୁକାନ୍ତ ଦେହରେ ବିଜୁଳି ଖେଳିଗଲା । ସେ ଚପଳା ପଛେ ପଛେ ଲେଉଟି ଯାଇ କହିଲା,

-ତୁମେ ଯେ ଏତେ ନିର୍ଲଜ ହୋଇପାର ଭାବି ନଥିଲି ।

ଚପଳା କାଇଁ କାଇଁ ହୋଇ କାନ୍ଦୁଥିଲା ।

ସୁକାନ୍ତ ଘରଟା ଭିତରେ ପାଇଚାରି କରୁଥିଲା, ତା’ କାନରେ ପ୍ରତିଧ୍ୱନିତ ହେଉଥିଲା ଚପଳାର କଥା ପଦକ ।

ମୁଁ ଆପଣଙ୍କୁ ଭଲ ପାଇଛି, ଆପଣାର ମଣିଛି” । ସୁକାନ୍ତ ଗୋଲକଧନ୍ଦାରେ ପଡ଼ି ଯାଇଥିଲା । ବାଲ୍ୟକାଳର ସାଥୀ । ତା’ପରେ ଏଇ ପରିତ୍ୟକ୍ତ ଘର । କେଇଟା ଦିନର ବସବାସ । କେଇପଦ କଥାବାର୍ତ୍ତା । ଆଜି ପୁଣି ଦାବି “ଏଣିକି ବାଧ୍ୟ ହେବାକୁ ପଡ଼ିବ” ।

ଅଥଚ ଚପଳା କିଏ । କଣ ତା'ର ଜାତିଗୋତ୍ର । ସବୁ ଅଜଣା । ସବୁ ଅନ୍ଧକାରାଚ୍ଛନ୍ନ ।

-ତୁ' ନଅନ୍ତୁ ।

ଅପରାଧିନୀଟି ପରି ଖଣ୍ଡେ ଦୂରରେ ଛିଡ଼ା ହୋଇଛି ଚପଳା । ହାତଥରୁଚି । ତୁ' କପ୍‌ଟା କମ୍ପୁଚି ଡ୍ରେସ୍ ଉପରେ । ଆଖିଡ଼ୋଳା ଯୋଡିକ ଲୁହ ଦରିଆରେ ଉବୁଟୁବୁ ହେଉଛି । ସୁକାନ୍ତ ଅନେଇ ଦେଇ ଆଖି ତଳକୁ ପୋତିଲା ।

-ହୁଁ, ତମେ ମୋତେ ଭଲ ପାଅ । ଅପଣାରମଣ ନା ? କିନ୍ତୁ କାହିଁ ? ବନେଇ ମନ ଖୋଲି ତମ କଥା ମୋତେ କହୁନା ।

-କହିବାକୁ କିଛି ନାହିଁ ଯେ !

-କିନ୍ତୁ ତମେ କିଏ ? କ'ଣ ତୁମର ପରିଚୟ । କେଉଁଠାରୁ ଆସିଛ । କ'ଣ ତୁମର ଉଦ୍ଦେଶ୍ୟ.........

-ମୁଁ ଗୋଟିଏ ନାରୀ । ଜନ୍ମହୋଇଚି ଏଇ ଦୁନିଆରେ, ସବୁ ନାରୀଙ୍କ ପରି ମୋ ମନରେ ଅସରନ୍ତି ବାସନା, ଅଥଳ ଦରିଆରେ ଭାସି ଯାଉ ଯାଉ ଆପଣଙ୍କ ଆଶ୍ରା ପାଇଚି । ଏତିକି ଛଡ଼ା ବିଶେଷ ଆଉ କିଛି ମୋତେ ଜଣାନାହିଁ ।

-କିନ୍ତୁ ଚପଳା ! ତୁମକୁ ମୁଁ ବିଶ୍ୱାସ କରିବି କିପରି ?

-ଆପଣ ମୋତେ ବିଶ୍ୱାସ କରି ନ ପାରନ୍ତି, ମୁଁ କିନ୍ତୁ ଆପଣଙ୍କୁ ବିଶ୍ୱାସ କରେ ।

-ତଦ୍ୱାରା ଲାଭ ?

-ଲାଭକ୍ଷତିର ହିସାବ କେବେ ମୁଁ କରିନାହିଁ ।

-ବେଶ୍ ଭଲ କରିଚ । ମୁଁ କିନ୍ତୁ ସବୁବେଳେ ଲାଭକ୍ଷତିର ହିସାବ କଷି ପାହୁଣ୍ତ ପକାଏ ।

-ସେ କଥା ମୋର ଜାଣିବାର ଆବଶ୍ୟକ ନାହିଁ । ଶୁହା ଥଣ୍ତା ହୋଇଗଲା, ନାଅନ୍ତୁ ।

ସୁକାନ୍ତ ଆଡ଼ଅରେ ଶୁହାଁଙ୍କ ଚପଳା ମୁହଁକୁ । ବଷନ୍ନ । ଶୁ' କପ୍‌ଟି ହାତ ବଢ଼େଇ ନେଲା । ଚପଳା ସଙ୍ଗେ ସଙ୍ଗେ ଅପସରି ଗଲା ସେଠାରୁ ।

ଶୁ' ସତେରେ ଥଣ୍ତା ହୋଇ ଯାଇଥିଲା । ସୁକାନ୍ତ ଏକାଥରେ ପିଇଦେଲା ସବୁଯାକ । ଠେହାଲବାକୁ ଲଟିଲା ଘରଟାର ଏମୁଣ୍ତରୁ ସେମୁଣ୍ତ ଯାଏ ।.........ରାତିକର ସାଥୀ, ଦୁଃସ୍ୱପ୍ନ, ଏଇ ପରିତ୍ୟକ୍ତ କୋଠା, ଚପଳାର ଆଥିପତ୍ୟ । ସବୁଅରେ ମନେ ପକେଇ ନେଲା ସୁକାନ୍ତ । ତେବେ କ'ଣ ବେଳେ ବେଳେ ଚପଳାର ଯେଉଁ ପାଗଳାମୀ ବାହାରେ ତାହା କେବଳ ଅଭିନୟ !!

ସୁକାନ୍ତ ଦୁଇ ହାତରେ ମୁଣ୍ତଟାକୁ ଚପି ଧରିଲା । ମନେ ହେଉଥିଲା ମୁଣ୍ତଟା ସତେକି ଘୂରୁଚି କ୍ଷହେମାଇଲ୍ ବେଗଗାମୀ ମଟର ଚକାପରି । କ'ଣ କରିବ !

ଧୀରେ ଧୀରେ ପଦାକୁ ବାହାରିଲା । ଆରଘରେ ଚପଳା ସୁକାନ୍ତର ଲୁଗା କାଞ୍ଚ କରୁଚି । ରବର କଣ୍ଢେଇଟା ପଡ଼ିଚି ମଝିଚଟାଣରେ । ସୁକାନ୍ତ ଯାଇ ଉଠେଇଲା ସେଇଟିକୁ । ଗୋଟିଏ ହାତ ଭାଙ୍ଗି ଯାଇଚି । ମୁଣ୍ତରୁ ଫୁଲାଏ ଫୁଟିଯାଇଚି । ଦର୍ଶେ ସେହି ରବର କଣ୍ଢେଇଟି ଆଡ଼େ ଶୁହିଁ ଆଖି ଲେଉଟାଇଲା ଚପଳା ଆଡ଼େ । ଚପଳା ସକାଳେ ତୋଳି-ଆଣିଥିବା ଫୁଲ ଗୁଡ଼ିକ ଘରଯାକ ବିଞ୍ଚୁଚି ଅନମନା ହୋଇ ।

ସୁକାନ୍ତ ଗୋଡ଼ ଚପି ଚପି ଗଲା ଦୁଆରମୁହଁ ଯାଏ । ଘରର ଜିନଷ ପତ୍ର ଗୁଡ଼ା ଅବିନ୍ୟସ୍ତ ହୋଇ ପଡ଼ିଛି । ସତେ ଯେମିତି ଚପଳାର ହାତ ବାଜିନାହିଁ ଅନେକ ବେଳରୁ । ଚପଳା କିନ୍ତୁ ଫେରି ଚାହୁଁନ ପଛକୁ । ହୁଏତ ସେ ସୁକାନ୍ତର ଉପସ୍ଥାନର ସଙ୍କେତ ପାଇନ ।

ଅଳ୍ପଗୁଣୀବି ତା' ଲୁଗାପଠା ଗୋଟେଇ ଫିଙ୍ଗୁଛି ଏଣେ ତେଣେ । ସୁକାନ୍ତର ଲୁଗାପଠାକୁ ଯତ୍ନରେ ସଜାଡ଼ି ରଖୁଛି । ଦନ୍ଦରେ ଗୁଡ଼େଇ ଯେମିତି ସ୍ପର୍ଶରେ ପୁଲକିତ ହୋଇ ଉଠୁଛି । ପୁଣି ଧୁଆଁ ଯାଉଛି ଆଉଥରେ ଦୂରକୁ ।

ସୁକାନ୍ତ ଗଲା ଖଙ୍କାରିଲା ।

ଚପଳା ବୁଲି ଅନେଇଲା । ସୁକାନ୍ତ ହାତରେ ରବର କଣ୍ଟେଇଟା । ଦୃଷ୍ଟି ସହିତ ଦୃଷ୍ଟି ମିଳେଇ ଆଖିନୋଇଁଲା ଚପଳା । ଛିଡ଼ାହୋଇ ରହିଲା ଗୋଟିଏ ଜାଗାରେ । ସ୍ଥାଣୁଟି ଭଳି ।

ସୁକାନ୍ତ ରବର କଣ୍ଟେଇଟି ସେଇଠି ଥୋଇ ଦେଇ ବାହାରିଗଲା ପଦାକୁ । ବେଳ ଅନେକ ହେଲଣି । ଖରା ଦହକୁ କାଟିଲଣି । ଧୀରେ ଧୀରେ ଆଗେଇ ଗଲା ପୋଖରୀ କୂଳ ଯାଏ । ପୋଖରୀ ତୁଠରେ କଦଳୀ ପତ୍ରରେ ଫୁଲାଏ ଫୁଲ ଥୁଆ ହୋଇଛି । କଦଳୀ ପଟୁଆରେ ଗୁନ୍ଥା ହୋଇଛି ଗୋଟିଏ ମାଳ । ସୁକାନ୍ତ ଉଠେଇଲା ସେଇଟିକୁ । ଅସମାପ୍ତ । କିନ୍ତୁ ମାଳଟିର ଗୁନ୍ଥିବା ପରିପାଟୀରେ ନୂତନତ୍ୱ ଥିଲା । ସେଇଟିକୁ ଯଥା ସ୍ଥାନରେ ଥୋଇ ସୁକାନ୍ତ ଯାଇ ବସିଲା ଗୋଟିଏ ଗଛମୂଳେ । ପ୍ରତିବିମ୍ବ ତା'ର ପ୍ରତିଫଳିତ ହୋଇଥିଲା ପାଣିଉପରେ । ସୁକାନ୍ତ ଏକ ଧ୍ୟାନରେ ଚାହିଁଥିଲା ତା' ପ୍ରତିବିମ୍ବକୁ । କିଛି ଭଲ ଲାଗୁନ ଥିଲା ।

କିଛି ମନେରଖି ପାରୁ ନ ଥିଲ । ଯାହା ଭାବୁଥିଲ ସବୁ ଭୁଲି ଯାଉଥିଲ ନିମିଷକେ ।

ଢେଳାଟିଏ ଉଠେଇ ଫିଙ୍ଗି ଦେଲା ପାଣିକି । ପାଣିର ନାଚ ସଙ୍ଗରେ ତାଳ ମିଳେଇ ନାଚିଲା ସୁକାନ୍ତର ପ୍ରତିବିମ୍ବ । ପକ୍ଷୀ ଦୁଇଟି ଉଡ଼ି ଉଡ଼ି ଆସି ବସିଲେ ଗଛଡ଼ାଳରେ । ଶୁଖିଲା ପତ୍ର କେଇଟା ଝଡ଼ିପଡ଼ିଲା । ସୁକାନ୍ତ ଅନେଇଲା ଉପରକୁ । ନିର୍ଭୟରେ ଚଞ୍ଚୁରେ ଚଞ୍ଚୁ ମିଶାଇ ବସିଚନ୍ତି ପକ୍ଷିପକ୍ଷିଣୀ ଦୁଇଟି ।

ପୋଖରୀରୁ ତରଙ୍ଗ କମି ଯାଇଥିଲା । ସୁକାନ୍ତର ପ୍ରତିବିମ୍ବ ସ୍ଥିର ହୋଇ ଯାଇଥିଲା । କିନ୍ତୁ ତା' ପାଖରେ ଫୁଟି ଉଠୁଥିଲା ଆଉ ଗୋଟିଏ ପ୍ରତିବିମ୍ବ । ସୁକାନ୍ତ ପଛକୁ ଅନେଇଲା । ଚପଲା ଧୀରେ ଧୀରେ ଆସୁଚି । ବାଁ ହାତରେ ଦାନ୍ତକାଠି । ଡାହାଣ ହାତରେ ଗାମୁଛା ।

ତା' ମୁହଁରୁ ସତେକି ହସ ମରି ଯାଇଚି । ଲାବଣ୍ୟ ଧୋଇ ଯାଇଚି । ସେ ଶାନ୍ତ, ମୌନ, ଅଚଞ୍ଚଳ । ସୁକାନ୍ତ କିଛି କହିଲା ନାହିଁ । ଚପଲା ଆସି ଠିଆ ହେଲା ।

ସୁକାନ୍ତ ଘାସରୁ କେରାଏ ଛିଣ୍ଡେଇ ଗୋଟିଏ ଗୋଟିଏ ଫିଙ୍ଗିଲା ପୋଖରୀ ପାଣି ଭିତରକୁ । ଆଉ କେଇଟା ଶୁଖିଲା ପତ୍ର ଝଡ଼ି ପଡ଼ିଲା ଉପରୁ । ପକ୍ଷୀ-ପକ୍ଷିଣୀ ଦୁଇଟି ସେମିତି ବସିଚନ୍ତି । ଚପଲା କ'ଣ କହିବ କହିବ ହୋଇ କହି ପାରୁନି ।

ଚପଲା ଧୀରେ ଧୀରେ ପାଖକୁ ଗଲା । ଦାନ୍ତକାଠି ଓ ଗାମୁଛା ସୁକାନ୍ତ ପାଖରେ ଥୋଇ, ସୁକାନ୍ତ ଦେହରେ ତେଲ ଲଗେଇ ଦେଲା ।

ସୁକାନ୍ତ କିଛି କହିଲା ନାହିଁ । ସେମିତି କାଠିକୁଟା ଗୋଟିଏ ଗୋଟିଏ ପରେ ଗୋଟିଏ ଫିଙ୍ଗୁଥିଲା ପାଣିକୁ ।

ଚପଳା ଧୀରେ ଧୀରେ କହିଲା,

-ଗାଧୋଇ ପଡ଼ନ୍ତୁ । ବେଳ ଗଡ଼ି ଯାଉଚି । ଅବେଳ ହେଲେ ସର୍ଦ୍ଦି ହେବ ।

-ହୁଁ । ସୁକାନ୍ତ ଖାଲି ଅନେଇଲା ଚପଳା ମୁହଁକୁ । କଳାହୋଳା ଯୋଡ଼ିକ ପହଁରୁଥିଲା ଲୁହ ସମୁଦ୍ର ଭିତରେ ।

ସୁକାନ୍ତ କିଛି ପ୍ରତିବାଦ କଲାନାହିଁ । ଶାନ୍ତ ପିଲାଟି ପରି ଉଠିଗଲା ଗାଧୋଇବାକୁ । ଚପଳା ସୁକାନ୍ତ ଆଡ଼କୁ ଚାହିଁ ଚାହିଁ ଧୀରେ ଧୀରେ ଲେଉଟି ଗଲା । ସୁକାନ୍ତ ଗାଧୁଆ ଶେଷକରି ଯାଇ ଦେଖିଲା ଚପଳା ସେଇ ରବର କଣ୍ଢେଇଟାକୁ ଛାତିରେ ଜାକି ଧରି ଆଉଁଶି ଦେଉଚି । ତା' ଭଙ୍ଗା ହାତଟାକୁ ଯୋଡିବାକୁ ଚେଷ୍ଟା କରୁଚି ।

ସୁକାନ୍ତ ଧୀରେ ଧୀରେ ଆଗେଇ ଗଲା । ଲୁଗା କୁଞ୍ଚହୋଇ ଥୁଆ ହୋଇଚି । ଅଇନା ପାନିଆ ଯଥା ସ୍ଥାନରେ ରଖା ହୋଇଚି । ଲୁଗା ବଦଳେଇ, କାମିଜ୍ ଖଣ୍ଡେ ଦେହରେ ଦେଇ ସୁକାନ୍ତ ଧୀରେ ଧୀରେ ପଦାକୁ ବାହାରି ଗଲା ।

ଚପଳା ଜଳଖିଆ ଧରି ଆସୁଥିଲା । ଦେଖିଲା ସୁକାନ୍ତ ଚାଲି ଯାଉଚି । ଭୁଆରମୁହଁ ଯାଏ ଗୋଡ଼େଇ ଗଲା । ସୁକାନ୍ତ ଫେରି ଚାହିଁଲାନି । ଚପଳା ଡାକି ପାରିଲନି । ପଛେ ପଛେ ଗୋଡ଼େଇ ଗଲା କିଛିବାଟ । ସୁକାନ୍ତ ଏକମୁହାଁ ହୋଇ ଧାଉଁଥିଲା । ଚପଳା ଆଉ ଆଗେଇ ପାରିଲାନି । ଲେଉଟି ଆସିଲା ଧୀରେ ଧୀରେ । ପାଦ ଗଣି ଗଣି ।

ହଁ ମୋର ପରିଚୟ ଏକା ମୁହିଁ । ଜଗତର ଇତିହାସ ପୃଷ୍ଠା ଅନାଦି କାଳରୁ ଲିପିବଦ୍ଧ ହୋଇ ଆସୁଛି । କୋଟି କୋଟି ପୃଷ୍ଠା ଭିତରୁ ମୋ ପୃଷ୍ଠାଟି ଯେ ନିଶ୍ଚୟ ସ୍ୱତନ୍ତ୍ର ଏ କଥା ମୋ ଛଡ଼ା ଅନ୍ୟ କେହି ଜାଣନ୍ତି ନାହିଁ । ଏହି ସୃଷ୍ଟିର ବିଚିତ୍ର ଲୀଳା ଭୂଇଁରେ ମୋର ଚିତ୍ରିତ ଜୀବନର ଉପମା ନାହିଁ, ନ ଥିବ ।

ଇଚ୍ଛା ନ ଥିଲା । ଜଗତ ଜନ ଆଗରେ ମୋର ସ୍ୱରୂପ ବିକଟେଇ ବାକୁ ମୁଁ ଚାହୁଁ ନ ଥିଲି । କିନ୍ତୁ ନ କହିଲେ ଅପରାଧ ହେବ ।

ଜୀବନ ! ସେ ଏକ ଖେଳ ଘର ! ପରଖିଚି, ଚାଖିଚି; ସ୍ୱାଦ ପାଇନି । ବରଂ ଦୁଃଖ ବଢ଼ିଚି, ଯନ୍ତ୍ରଣା ବାଢ଼ିଚି । ଧାଉଲାଗି ହେଇଚି ବହୁ ଦିନରୁ, ତଥାପି ସ୍ୱପ୍ନର ଝରା ପାଖୁଡ଼ା ଗୁଡ଼ିକ ଏବେ ବି ଉଡ଼ି ଉଡ଼ି ଆସି ମୋ ମାନସ ବୃନ୍ତରେ ଫୁଲ ହେଇ ହସିବାକୁ ଚାହୁଁଚି । ମହକରେ ବିମୋହିତ କରିବାକୁ ଡାକୁଚି ।

ମୁଁ ସ୍ତବ୍ଧ ହେଲେ ବି ପ୍ରଲୁବ୍ଧ ହେଉଚି ବେଳେ ବେଳେ । କିନ୍ତୁ ଦହନର ଲେହନ ଯେଉଁ ଅଗ୍ନିର ପ୍ରଲେପ ବୋଳି ଯାଉଚି ମୋ ଅଙ୍ଗେ ଅଂଗେ, ତାହାର ଜ୍ୱାଳା ଯେ କେତେ ତୀବ୍ର ସେ କଥା ଅପ୍ରକାଶ୍ୟ ରହି-ଗଲେ ପୃଥିବୀରେ ଗୋଟାଏ ବିରାଟ କଥା ଅକୁହା ରହିଯିବ ।

ହଁ, ସୁମନ୍ତ ଆଉ ମୁଁ । ଦୁଇଟି ପ୍ରାଣ, ଗୋଟିଏ ଆତ୍ମା । ମୋତେ ସେ

ଡ଼ାକେ ଶୀ ଆଉ ମୁଁ ତାଙ୍କୁ ଡ଼ାକେ ସୁ। ତରଳ ବୟସର ସରଳ ମନ। କିନ୍ତୁ ଗରଳ ଢାଳିବାରେ କେହି ହେଲା କରି ନଥିଲେ। ଆତ୍ମୀୟ, ସ୍ୱଜନ, ସମାଜ। ସମସ୍ତଙ୍କ ବିଷ ଦୃଷ୍ଟିର ବାହାରେ ଆମେ ସ୍ୱପ୍ନ ଦେଖିଥିଲୁ, ଅଗଣିତ, ଅକଳନ। ସଭିଙ୍କ କଣ୍ଠକଣା ଆମ ବୁଦ୍ଧିବଣା କରୁଥିଲେ ହେଁ, ମନର ଦୃଢ଼ତା ବଢ଼ାଉ ଥିଲୁ। ଦିନ ଗଡୁଥିଲା, ଏକ୍, ଦୁଇ ତିନ୍। ମନ ଚଢୁଥିଲା ଛିପ, ପାହାଡ, ପର୍ବତ। ଆଃ...... ସେ ସ୍ୱପ୍ନ। ତା'ର ତୁଳନା ନାହିଁ, ତୁଳନା ହୋଇ ପାରେନା। ମଣିଷର ସ୍ୱପ୍ନ ବୋଧହୁଏ ତା'ର ସୁଖ। ତା' ଛଡ଼ା ପ୍ରାପ୍ତି ବା ପୂର୍ଣ୍ଣତା ଦୁଃଖର କଲାଣ୍ଟଇ ଛଡ଼ା ଅନ୍ୟକିଛି ହେଇ ନପାରେ।

ସ୍ୱପ୍ନ ଅଞ୍ଜନ ଆଖିକୁ ଆମର ଶୀତଳ କରୁଥାଏ, ପ୍ରାଣକୁ କୋମଳ ଆଉ ମନକୁ ବିଶାଳ। ଭାରି ମଜାର ଦିନ ସେଗୁଡ଼ା। ଭୁଲି ହେବନି ବଞ୍ଚିଥିବା ଯାଏ।

ନିଷ୍ଟକ ରାତିର ନଥର ପ୍ରହରରେ କେବେ କେବେ ଭେଟ ହୁଏ ଆମର। ଦିହେଁ ହଜିଯାଉ ଦିହିଙ୍କ ଭିତରେ। ଆଶାର ମଶାଲ ଜଳି ଉଠେ ଆଖି ଆଗରେ। ମିଛି ମିଛିକା ସଂସାର ରଚୁ ସେଇଠି। ସୁମନ୍ତ କହେ,

-ଧର ଦିନ ଯାକର ହାଡ଼ଭଙ୍ଗା ଖଟଣି ପରେ ମୁଁ ଅଫିସରୁ ଫେରୁଛି! ସେତେବେଳକୁ ସଞ୍ଜ ନଇଁ ଆସିଲାଣି। ସଂଜବତୀ ଜଳିଲାଣି ଘରେ ଘରେ। ତୁ ବି ସଞ୍ଜବତୀ ଜଳାଉଛୁ ବୃନ୍ଦାବତୀଙ୍କ ପାଖରେ। ମୁଣ୍ଡ-ନୋଇଁ ପ୍ରଣତି ଜଣାଉଛୁ। ହଠାତ୍ ଶୁଣିଲୁ ମୋର ପାଦ ଶବ୍ଦ। କ'ଣ କରିବୁ ସେତେବେଳେ ?

ସୁମନ୍ତ ଅଫିସରୁ ଫେରିଲା ଭଳି ଅଭିନୟ କରେ। ମୁଁ ସଂଜ

ବଣା ଜାଳିବାର ଅଭିନୟ କରି ପଣଝିଟାକୁ କାନ୍ଧରେ ପକେଇ ବୃନ୍ଦା-ବଣାଙ୍କୁ ଟାଉକିନା ମୁଣ୍ଡିଆଟାଏ ମାରିଦେଇ ଧାଇଁ ଆସେ ଦାଣ୍ଡକୁ ଆରଲୁ । ସୁମନ୍ତ ହାତରୁ କାଗଜ ପଣ ନେଇଯାଏ । ନଇଁ ପଡ଼ି ଯୋତାକୁ ଫିତା ଖୋଲିଦିଏ । ଦିହରୁ ଜାମା ଓଟେଇଲେଇ ଦିଏ । ସୁମନ୍ତ କୁହେ ମୋ ମୁହଁକୁ ମୁଁ ସୁମନ୍ତ ମୁହଁକୁ । ଆମେ ଦିହେଁ ହସି ହସି ଗଡ଼ିଯାଉ । ନଥିର ବନ ସ୍ୱଚ୍ଛ ଥରଉଠେ ।

ଏମିତି ବଢିଗଲେ ଆମର ଘର କରଣା । ଏମିତି ଉଡ଼ି ବୁଲେ ଆମର ମନ ଡେଣା । ସମସ୍ତଙ୍କ ଅଜାଣତରେ । ସମସ୍ତଙ୍କ ଅଲକ୍ଷରେ ।

ଆଜିବି ମନେ ପଡ଼ୁଛି ସେ ଦିନଟି । ଯେଉଁଦିନ ସୁମନ୍ତ ଆଉ ମୁଁ ସେମିତିଆ ରାତିର ଏକ ନିର୍ଜନ ପ୍ରହରରେ ଭେଟିଥିଲୁ ଦୁହେଁ ଦୁହିଁଙ୍କୁ । ଦୀର୍ଘ ଦିନର ବିଚ୍ଛେଦ ପରେ ହୋଇଥିଲା ଏ ମିଳନ । ଆତ୍ମୀୟ ସ୍ୱଜନଙ୍କର କଡ଼ା ଶାସନ କ୍ରମେ ବାହାରକୁ ଆସିବା ଦୁରୂହ ହେଇ ଉଠୁଥିଲା । କାହାରି ମନରେ ସେଦିନ ସୁଖ ନଥାଏ, ସରାଗ ନଥାଏ । ସୁମନ୍ତ ଅଭିମାନର ଶେଷ ସୀମାରେ ପହଞ୍ଚି କହିଲା,

-ଶ୍ରୀ ଆଜିବି ସମୟ ଅଛି, ତମେ ଭଲକରି ଭାବି ସିଦ୍ଧାନ୍ତ କର । କ୍ଷଣିକର ଏହି ଉନ୍ମାଦନା, ତର ଜୀବନର ଭୁଲ୍ ଯେମିତି ନହୁଏ । କାରଣ ତମେ ଆକାଶର ଜହ୍ନ, ଆଉ ମୁଁ ... ... ... ...

ମଟେ ଭାରି ବାଧିଲା କଥାଟା । ମୁଁ ଉଚ୍ଚ ଜାତି ଓ ଧନୀର ଦୁଲାଳୀ । ସେଇଥି ପାଇଁ ସୁମନ୍ତର ଏ ଅଭିମାନ । ଭାବିଲି, ସେ ହୁଏତ ମୋ ଭଲ ପାଇବାକୁ ସନ୍ଦେହ କରୁଛି । ଆସ୍ଥା ହରଉଚି ମୋ ଉପରୁ ସେଇଦିନ ସୁମନ୍ତର ହାତଧରି ଟାଣି ନେଇଥିଲି ମୁଁ ଠାକୁର ମନ୍ଦିରକୁ ।

ଜଗନ୍ନାଥଙ୍କ ସମ୍ମୁଖରେ ଶପଥ କରିଥିଲୁ ଆମେ, ଜୀବନଭରି ଦିହେଁ ଦୁହିଁଙ୍କର ହୋଇ ରହିବୁ । ସେଇ ସର୍ତ୍ତଟି ଆମ ଜୀବନର ଥିଲା ଶ୍ରେଷ୍ଠ ସର୍ତ୍ତ । ଭୁଲିବି କେମିତି !!

ତା'ପରେ ...... । ସୁମନ୍ତ ଚାଲିଗଲା ସହରକୁ । ପାଠ ପଢା ତା'ର ଶେଷ ହୋଇନଥିଲା । ସେଇଠୁ ଖାଲି ଚିଠି ପତ୍ରର ସଂପର୍କ । ସେ ପୁଣି କେତେ ଲୁଚି ଚୋରି । ବାପା ଜାଣିବେ ନାହିଁ, ଭାଇ ଶୁଣିବେ ନାହିଁ । ଏମିତି ଚାଲିଲା କିଛିଦିନ । ମନ କିନ୍ତୁ ମାନୁ ନଥିଲା । ଦୂର ପରବତ ସୁନ୍ଦର ପରି ଦୂରତା ଆମ ସଂପର୍କକୁ ଅତୁଟ ନିଗଡ଼ କରି ଦେଇଥିଲା ।

ମଝିରେ ମଝିରେ ସୁମନ୍ତ ଆସେ । କିନ୍ତୁ ତା ମୋ ମଝିରେ ଯେଉଁ ମେଘନାଦ ପାଚେରୀ ତିଆରି କରିଥିଲେ ହିତୈଷୀ ମାନେ, ତାକୁ ଆଉ ଆମେ ଟପି ପାରୁନା । ଫଳରେ କାଳ କଲମରେ ଲଠାଏ ଆମର ସଂସାର । ଏତିକି ସାନ୍ତ୍ୱନା ମନକୁ ଆସେ ଯେ, ପରିଣତିର ଶେଷ ହିଁ ହେବ ଆମ ଜୀବନର ପରମ ସୌଭାଗ୍ୟର ଦିନ ।

ସୁମନ୍ତ ଆସେ ଯାଏ । ଦିନ ଗଡ଼େ । ଯେଉଁ ବର୍ଷ ସୁମନ୍ତ ବି,ଏ, ପାଶ୍ କଲା, ଖବର କାଗଜରୁ ତା' ନାଁ ଦେଖି ମୁଁ ଯେ କେତେ ସୁଖ ପାଇଛି, ଆଜି ତାକୁ ରୂପ ଦେଇ ପାରିବି ନାହିଁ । ମୋର ମନେ ଅଛି ଦୁଇଦିନଯାଏ ଆନନ୍ଦରେ ମୋତେ ଭୋକ କରିନି ।

ଆନନ୍ଦର ଦିନ ଯେତେବେଳେ ଆସେ, ସେତେବେଳେ ଦୁଃଖର ପରଦା ଆଖି ଆଗରୁ ଉଭେଇ ଯାଏ । ପୁଣି ଗୋଟାଏ ନୂଆଖବର ପାଇଲି । ସୁମନ୍ତ ଗୋଟିଏ ଭଲ ଚାକିରି ପାଇଛି । ଯାହା କଳ୍ପନାତୀତ । ଗୋଟାଏ ବିଦେଶୀ କମ୍ପାନୀରେ ସେ ପାଇଛି ଗୋଟାଏ

ବଡ଼ ଶୃଙ୍ଖଳା ।

ମୁଁ ହସିବି ନା ନାଚିବି ? ଆନନ୍ଦକୁ ଉପଭୋଗ କରିବା ପାଇଁ କେହି ଲୋକ ନ ଥିଲେ । ଯାହାର ଆଗରେ ମୋ ମନର ଅଭିବ୍ୟକ୍ତି ବ୍ୟକ୍ତ କରି ପାରିଲି ନାହିଁ । ଦେହର ଅଙ୍ଗ ପ୍ରତ୍ୟଙ୍ଗ ମୋର ପୁଲକର ତରଙ୍ଗରେ ନାଚି ଉଠିଥିଲେ ।

ଦିନ ଗଡୁଥିଲା । ମୁଁ ଅପେକ୍ଷା କରୁଥିଲି ଗୋଟିଏ ସୁଖର ଦିନକୁ । ଏହାଠାରୁ ଅଧିକ ଲୋଭନୀୟ ସେ ଦିନଟି । କେବେ ଆସିବ ?

ଏଣେ ବାପାବୋଉ ମୋର ବିବାହ ଦେବାପାଇଁ ବ୍ୟସ୍ତ ହୋଇ ପଡ଼ିଲେ । କେତେ ଜାଗାରେ ସମ୍ବନ୍ଧ ଲାଗିଲା, ଛୁଟିଲା । ଯେଉଁଠି ସମ୍ବନ୍ଧ ପଡ଼ି ଭାଙ୍ଗେ, ସେ ଖବର ପାଇ ମୁଁ ଘର ବନ୍ଦ କରି ନାଚିଯାଏ । ସମ୍ବନ୍ଧ ଭାଙ୍ଗି ଯିବା ପାଇଁ ଦିଅଁ ଦେବତାଙ୍କୁ କେତେ ମାନସିକ କରେ । ଲାଞ୍ଚ ଯାଚେ ।

କିନ୍ତୁ ଶେଷରେ ଦିନେ କେହି ମୋ ଡାକ ଶୁଣିଲେ ନାହିଁ । ଗୋଟାଏ ଜାଗାରେ ବିବାହ ପ୍ରସ୍ତାବ ଠିକ୍ ହୋଇଗଲା । ବିବାହର ଆୟୋଜନ ଚାଲିଲା ଖୁବ୍ ଯୋର୍‌ସୋର୍‌ରେ । ଆଖପାଖ ପାଞ୍ଚଖଣ୍ଡ ଗାଁ ମୋ ବିବାହ ସମ୍ବାଦରେ ନାଚି ଉଠିଲା । ଭୋଜି ଭାତ, ବାଣ ନିଶାଣ । ଗାଁ କମ୍ପି ଉଠିବ । ସ୍ୱର୍ଗ ଓହ୍ଲାଇ ଆସିବ ତଳକୁ । ଲୋକେ ଦେଖିବା ପାଇଁ ଅଧୀର ଆଗ୍ରହରେ ପ୍ରତୀକ୍ଷା କଲେ ।

ମୋ ପିଣ୍ଡରୁ ପ୍ରାଣ ଉଡ଼ିଗଲା ପରି ଲାଗିଲା । କଣ କରିବି । କିଛି ବୁଝିବାକୁ ଦିଶିଲା ନାହିଁ । ସବୁକଥା ଜଣେଇ ଚିଠି ଦେଲି ସୁମଂତକୁ ।

ଦିନ ଗଡ଼ିଲା । ବାହା ପାଖେଇ ଆସିଲା । ବିଷ ତରଳ ଦିହ-ସାରା । ବୁଢ଼ାଇ ବୁଢ଼ା ମନେ ପଡ଼ିଲା ଅତୀତ । କେତେ ସ୍ୱପ୍ନ, କେତେ କଳ୍ପନା, ... ଣ ବ୍ୟର୍ଥ ହେବ ।

ତଥାପି ... ପାଇଲି ନାହିଁ । ସୁମଂତ ଉପରକୁ ମନଟା ଚଢ଼ିଗଲା । ... ଣ ସେ । କାଠ ପଥରରେ କ'ଣ ତା ପିଣ୍ଡ ଗଢ଼ା ?

ବୋଉ ପଡ଼ୋଶୀଙ୍କ ଆଗରେ ଭାବି ଜାମାତାଙ୍କର ଗୁଣ ଗାଏ । ତା' ... ଖ ବୁନିଆଦିର କାହାଣୀ କହେ । ଧନ ଜନର ଇତିହାସ ଖୋଲେ । ... ରରେ ଥାଇ ମୁଁ ଶୁଣେ । ଦିହସାରା ମୋର କଣ୍ଟା ଫୁଟିଯାଏ । ନାକରୁ ... ଶ୍ୱାସ ଛୁଟେ ।

ମଉନ ରହେ । ଥଳ ବଳ କିଛି କୁଆଡୁ ପାଏନା । ଇମିତି ଇମିତି ଦିନ ଗଡ଼େ । ବାହାଘର ଆଉ ମୋଟେ ଅଠଦିନ ବାକି । ଘର ... ଯାକ ସମସ୍ତେ କାର୍ଯ୍ୟ ବ୍ୟସ୍ତ । ବୋଉକୁ ଗୋଟାଏ ନିରୋଳାରେ ପାଇଲି ସେଦିନ । ଆଦର କରି ପାଖରେ ବସେଇଲି । କେତେ ଉପଦେଶ ଦେଲା । ବାପଘର ଆଉ ଶାଶୁଘର ଭିତରେ ତଫାତ୍ ସମ୍ବନ୍ଧରେ ମୋତେ ବୁଝେଇଲା । ସେ କେମିତି ବାପଘରେ ଅଲ୍ୟଲରେ ବଢ଼ିଥିଲା, ଶାଶୁ ଘରେ ଆସି ଜା' ନଣନ୍ଦଙ୍କ ଗଞ୍ଜଣା ସହି, ଦିହକୁ କଳ କମିତି ପଡ଼ିରହି ଶେଷରେ ସେମାନଙ୍କ ମନ କିଣିଲା । ଇମିତି କେତେ କଥା । ମୁଁ ସବୁ ଶୁଣି ଯାଉଥିଲି । ଶେଷରେ କହିଲି, ମୁଁ ଥରେ ଗୋଟାଏ କଥା ରଖିବୁ ବୋଉ ?

ବୋଉ ଖୁସିହୋଇ ମୋ ମୁଣ୍ଡ ଆଉଁଷି ଦେଲା । ଭାବିଥିଲା କାଳେ ଗହଣା ଗାଣ୍ଠି ପାଇଁ ଅଳି କରିବି । ଅଥବା କିଛି ଗୋଟାଏ ଫରମାସି

କର ବସିବ । ମୁଁ କହୁଲି, ମୋ ବାହା ଧ । ଏବର୍ଷ ଥାଉ । ତୋ
କୋଳ ଛାଡ଼ି ଯାଇ ମୁଁ ବଞ୍ଚିପାରିବ ନାହିଁ ।

ବୋଉ ହସିଲା । କୋଳକୁ ଅଜାଡ଼ି ନେଇ ଘଷି ଦେଲା ।
କହିଲା—ପାଗଳଟା ବଅସ କ'ଣ ବସିଚ । ଭଦ୍ରଲୋକଙ୍କୁ ...
ସରିଲାଣି । ମହାପ୍ରସାଦ ନିର୍ବନ୍ଧ ହୋଇ ଗଲାଣି । ଛି, ଇମିତି କ...
କହନ୍ତି । ମୁଁ କ'ଣ ତତେ କଂସେଇ ଘରକୁ ଠେଲି ଦେଉଚି
ଅଷ୍ଟମଙ୍ଗଳା ବାସିଦିନ ଲୋକ ପଠେଇ ଘେନି ଆସିବି । ତତେ ଦୂରରେ
ରଖି ମୁଁ କ'ଣ ବଞ୍ଚିପାରିବ ?

ନୀରବ ରହିଲି । ଦେଖିଲି ଆଶା ଭରସା କିଛିନାହିଁ । ଯେଉଁ
ଡାଳରେ ବସୁଚି ସେ ଡାଳ ଭାଙ୍ଗୁଚି । କ'ଣ କରିବି । ହିନ୍ଦୁ ଝିଅ
ମୁଁ । ଜଗନ୍ନାଥଙ୍କ ଆଗରେ ଶପଥ କରି ସ୍ୱାମୀ ବରଣ କରିଚି । ଅଉ
ଜଣଙ୍କୁ ସ୍ୱାମୀ ପଦରେ ବରିବି କେମିତି ?

ଦିନ ଦିନ ରାତି ରାତି କଟିଲା ଭାବନାରେ । ଖିଆ ପିଆ ଭୁଲିଗଲି
ସୁମନ୍ତର ମୁହଁ ସବୁବେଳେ ଆଖି ଆଗରେ ନାଚିଲା । କେହି ମୋ
ମନକଥା ବୁଝିଲେ ନାହିଁ । ସମସ୍ତେ କହିଲେ— ଝିଅ ବାହାହେବ
ଆଗରୁ ସେମିତି କୁହନ୍ତି ।

ଗୋଟିଏ ରାତି କଟିଲା ବେଳକୁ ମୋତେ ଜଣାଯାଉଥାଏ, ମୃତ୍ୟୁ
ଦୁଆର ଯେମିତି ମୋପାଇଁ ମୁକୁଳା ହୋଇ ଯାଉଚି । ଶିହରି ଉ
ଥାଏ । କାହାର ପାଦଶବ୍ଦ ଶୁଣିଲେ ଚମକି ପଡୁଥାଏ ।

କେତେ ସାଙ୍ଗ ସୁଖ ଅସନ୍ତି । ଠାହୁଲି ଠାପରା କରନ୍ତି । ଗା
ବେଳକୁ କହିଯାଆନ୍ତି—ରହିଲୋ ମଉନା ବଣ ! ଆମେ ସିନା ...

ଗୁମାନ ଭାଂଗି ପାରୁନାହିଁ, ଯେଉଁ ରାଜପୁତ୍ର ଧ୍ୟାନରେ ଭୁ ବସିଲୁ, ସିଏ କୁହୁକ ଜାଣେ ଲେ ! ଖାଲି ତା' ମନ୍ତ୍ରର ପାଣି ତୋ' ଉପରେ ଛାଟି ଦେଲେ ଧ ନ ପା' କୁଆଡ଼େ ମିଳେଇ ଯିବ ।

ଆଉ କେହି କେହି କହନ୍ତି—ଅଲେ ଅମେ ତା ପଦାର୍ଥରେ ଭାଗୀ ହେଉନାହିଁ ମ' । ଏତେ ମାନ କରଲୁ କାହିଁକି ?

ଇମିତି ଆସନ୍ତି ଯାଆନ୍ତି । ଥଟ୍ଟା ପରିହାସରେ ଘର ଉଚ୍ଛୁଳି ପଡ଼େ । ହେଲେ ମୁଁ ପଦେ ପଦେ ମରଣ ପାଇଁ ପ୍ରସ୍ତୁତ ହେଉଥାଏ ।

ତଥାପି କିଛି ଖବର ପାଇଲି ନାହିଁ । ରାତି ପାହିଲେ ବାହାଘର । ଆଜି ରାତିରେ ବର ଆସିବ । କେତେ ବାଣ ନଖାଣ, ନାଚ ତାମସା ଆସିବ ସେଇଆ ହିସାବ ଯୋଖୁଚନ୍ତି ପଡ଼ାପଡ଼ଶିଏ । ତାଙ୍କ ମନରେ ଯେଉଁ ଧାରଣା ଜନ୍ମିଛି—ସେମାନେ ଭାବୁଚନ୍ତି ଇମିତିଆ ବାହାଘର ଏ ଗାଆଁରେ କେବେ କେହି ଦେଖି ନଥିବେ ।

କମିତି ଯେ ଦିନ ଗୁଡ଼ାକ କଟିଚ, ମୁଁ କହି ପାରିବି ନାହିଁ । ଯନ୍ତ୍ରପରି ମୁଁ ଗୋଟିକ ପରେ ଗୋଟିଏ କାମ କରି ଯାଇଚି । ଯିଏ ଯାହା କହୁଚନ୍ତି, ମୁଁ ସେଇଆ କରି ଯାଇଚି । କିଛି ଭାବି ପାରୁନାହିଁ, ଚିନ୍ତି ପାରୁନାହିଁ ।

ସଞ୍ଜ ଗଡ଼ିଲା । ରାତିର ଅନ୍ଧକାର ଭିତରେ ମୋ ମନ ଜଳି ଉଠିଲା । ହୁଏତ ଆଉ କେଇଟା ଘଣ୍ଟାପରେ ବର ଆସିବ । ତା' ଦୁଇଘଣ୍ଟା ପୂର୍ବରୁ ମୋତେ ଘେରି ଗାଁର ଝିଅମାନେ ବସିଯିବେ । ମୁଁ ହେବି ବନ୍ଦିନୀ । ତା'ପରେ ମୋର ସଂକଳ୍ପ ବ୍ୟର୍ଥ ହୋଇଯିବ ।

ଶେଷରେ ବାଧ ହେବି ସେହି ଅଜଣା ଲୋକଙ୍କ ସହିତ ବେଦୀରେ ବସିବା ପାଇଁ ।

ମନର ଗତି ମୋର ବେଗବତୀ ହୋଇ ପଡ଼ିଲା । ମୁଁ କିଛି ଭାବି ପାରିଲି ନାହିଁ କି ଚିନ୍ତି ପାରିଲି ନାହିଁ । ବାହାଘର ତ ଆଉ ଦିନେ ବାକିଥାଏ । ଝିଅ ଝିଅଣୀଏ ଆସି ଘରେ ଖୁନ୍ଦି ହେଇଗଲେ । ଆନନ୍ଦରେ ଉଛୁଳି ପଡ଼ିଲା ଘରଦୁଆର ।

ସେଇଦିନ ରାତିରେ ଶୋଇ ଶୋଇ ଠିକଣା କଲି ଆତ୍ମହତ୍ୟା କରିବି । ସମସ୍ତେ ସେତେବେଳକୁ ଶୋଇଲେଣି । ମୃତ୍ୟୁର ଦୁଆର ସତେ ଯେମିତି ମୋ ପାଇଁ ମୁକୁଳି ଗଲା । ଧୀରେ ଧୀରେ ପାଦ ଚପି ଚପି ମୁଁ ପଦାକୁ ଆସିଲି । ଜହ୍ନ ପଡ଼ିଥାଏ । ପାଦ ପଡ଼ୁଥାଏ ଆଗକୁ ଆଗକୁ । ଓଳତକୁ ଗୋଟିଏ ଦଉଡ଼ି ନେଲି । କୋଉଠି ଲଗେଇବି ?

ଆକାଶକୁ ଚାହିଁ ମନଟା କ'ଣ ହୋଇଗଲା । ପୁଣି ଅତୀତ ଭାସି ଉଠିଲା ଆଖି ଆଗରେ । ସୁମନ୍ତ । ଜହ୍ନରାତି । ମିଳନ ପୀଠ । ସବୁ ଦିଶିଗଲା ଆଖି ଆଗରେ । ମୁଁ ଚାଲିଲି ସେଇଆଡ଼େ । ଯେଉଁଠି ସୁମନ୍ତ ମୁଁ ମିଳି କେତେ ଆଶାର ସୌଧ ଗଢ଼ିଥିଲୁ । ସେଇଠି ମୋର ଶେଷ ଯବନିକା ଟାଣିବି ।

ଗଲି । ସବୁ ଅଛି । ଯେମିତି ଥିଲା ସେଦିନ । ଲତା ପତ୍ରରେ ବରଂ ଯୌବନ ଆସିଛି । ଫୁଲ ଫଳରେ ଭରି ଯାଇଛି ବନଭୂଇଁ । ସବୁ ମୋର ପରିଚିତ । ସମସ୍ତେ ଯେପରି ମୋ ପାଦ ପାତରେ ପୁଲକିତ ହୋଇ ଉଠିଲେ । ମୁଁ ଏଣେ ତେଣେ ଚାହିଁଲି । ସେଦିନର ପୁରୁଣା ଅଭ୍ୟାସଟା ପୁଣି ଜାଗି ଉଠିଥିଲା । କାଲେ କୋଉଠି ସୁମନ୍ତ ଲୁଚି

ମୋତେ ଡରେଇବା ପାଇଁ ବସିଥିବ । ପତ୍ରର ଖଡ ଖଡ଼ ଶବ୍ଦରେ ପଛକୁ ଚାହୁଁଥିଲି । ସୁମନ୍ତ ଆସିଲାକି ଆଉ !!

ହାତରୁ ଦଉଡ଼ିଟା କେତେବେଳେ ଖସି ପଡ଼ିଥିଲା । ଯେଉଁ ଗଛତଳେ ଆମେ ବସି ଭାବି ଜୀବନର ସ୍ୱପ୍ନ ଦେଖୁ, ସେଇ ଗଛମୂଳେ ଯାଇ ଉପରକୁ ଚାହିଁଲି । ସେଇ ହେଉ ମୋର ଶେଷ ସାକ୍ଷୀ । ଦଉଡ଼ି ପାଇଁ ପଛକୁ ଅନେଇଚ ଏତିକିବେଳେ କିଏ ଜଣେ ମୋ ଆଖିକୁ ଦୁଇହାତରେ ବୁଜିଦେଲା । ମୋତେ ଉଠେଇନେଲା ନିଜ ଆଡ଼କୁ । ଦେହରୁ ମୋର ଜିଅ ଛାଡିଗଲା । କିଏ ବୋଲି ପଚାରିବାକୁ ତୁଣ୍ଡରେ ବଳ ନ ଥିଲା । ସୁମନ୍ତ । ସୁମନ୍ତ ଦୁଇଦିନ ହେବ ଆସି ନିତି ଅପେକ୍ଷା କରୁଥିଲା ମୋତେ । ସେ ଜାଣିଥିଲା ମୁଁ କୁଆଡ଼େ ଶେଷଥର ପାଇଁ ଏଠାକୁ ଆସିବି ।

ଆଃ……କି ଯେ ଆନନ୍ଦ ମୋର ସେଦିନ, ଆଖି ବୁଜି ହୋଇଗଲା । ଦେହରୁ ବଳ ହଜିଗଲା । ମୁଁ ଲୋଟି ପଡ଼ିଲି ସୁମନ୍ତର ପ୍ରଶସ୍ତ ଛାତି ଉପରେ, ଯାହା ସେଦିନ ଯାଏ ସମ୍ଭବ ହୋଇ ପାରି ନ ଥିଲା । ସେ ମୋତେ ନିବିଡ଼ ଭାବରେ ଛାତିରେ ଜାକି ଧରି ଆନନ୍ଦାଶ୍ରୁରେ ଭିଜେଇ ଦେଉଥିଲା ମୋ କପାଳକୁ ।

ଆଉ ମୁଁ ଘରକୁ ଫେରିନାହିଁ । ସେହିଦିନ ରାତିରେ ସୁମନ୍ତ ସଂଗରେ ବାହାରି ଆସିଲି । ସୁମନ୍ତ ମୋତେ ନେଇ ଆସିଲା ତା' କର୍ମସ୍ଥଳୀକୁ । ଗାଁର ବନଭୂଇଁ, ମାଙ୍କଗୋଡ଼ି ପଡ଼ି ରହିଲା ଦୂରରେ । ବହୁ ଦୂରରେ ।

ସୁମନ୍ତର କର୍ମସ୍ଥଳୀରେ ଯେତେବେଳେ ଆସି ପହଞ୍ଚିଲି, ପିଣ୍ଡରେ ମୋର ପ୍ରାଣ ପଶିଲା । ଜଗନ୍ନାଥଙ୍କୁ କେତେ ଯେ ମୁଣ୍ଡିଆ ମାରିଛି, ଆଜି ଗଣିଲେ ଅଙ୍କ କୁଳେଇବ ନାହିଁ ।

ଆଉ ସୁମନ୍ତର ସେ କି ଆନନ୍ଦ ? କୋଟିନିଧି ପାଇଛି ସତେକି ! ସେ ମୋ ରହିବା ପାଇଁ ଗୋଟାଏ ସ୍ୱତନ୍ତ୍ର ଘର ଭଡ଼ା ନେଇଥିଲା । ଯେତେବେଳେ ମୁଁ ଯାଇ ସେ ଘରେ ପଶିଲି, ଦେହଟା ମୋର ଅପୂର୍ବ ପୁଲକରେ ଶିହରି ଉଠିଲା । ଏତେ ଘରକରଣା ବୁଦ୍ଧି ସୁମନ୍ତର ! ମୋ ମନ ସେ ଏମିତି ପରଖି ଥିଲା ? ଯାହା ମୁଁ ଭଲପାଏ, ଯେଉଁ ଗୁଡ଼ିକ ମୋର ସବୁଠାରୁ ପ୍ରିୟବସ୍ତୁ କାହିଁର ଅଭାବ ନ ଥିଲା । ମୁଁ ତା' ମୁହଁକୁ ଚାହିଁଲି, ସେ ମୋ ମୁହଁକୁ । ସେ ମୋତେ ଟାଣି ନେଲା ଛାତି ଉପରକୁ—ମୁଁ ଲଟେଇଗଲି ତା' ହାତରେ । ଆଗ ଅଇନାଟାକୁ ଚାହିଁ ସୁମନ୍ତକୁ ପେଲି ଦେଇଥିଲି ସେଦିନ । କହିଥିଲି,

-ଦୁଷ୍ଟ !

ସେ ମୋ ତଚୁଟିକୁ ହଲେଇ ଦେଇ କହିଥିଲା,

-ସତେ !! ହେଉ ଦେଖିବା ଦେଖି କିଏ ଦୁଷ୍ଟ କିଏ ଶିଷ୍ଟ ।

ସୁମନ୍ତର ବନ୍ଧୁମାନେ ଆଗରୁ ମୋ ସମ୍ବନ୍ଧରେ ସବୁ କଥା ଜାଣିଥିଲେ । ସେମାନେ ତାକୁ ସାହାଯ୍ୟ ଓ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ତେଣୁ ଶାସ୍ତ୍ରାନୁମୋଦିତ ବିବାହର ମଧ୍ୟ ଆୟୋଜନ କରି ଯାଇଥିଲା । ଯେତେଦିନ ଯାଏ ବାହାଘର ନ ହୋଇଛି, ସେତେଦିନ ଯାଏ ମୋ ସମ୍ବାଦ ବାହାରେ କେହି ଯେପରି ନ ପାଆନ୍ତି, ସେହିଭଳି ବନ୍ଦୋବସ୍ତ କରି ଯାଇଥିଲା ।

ମୁଁ ଯେଉଁଦିନ ଯାଇଁ ପଳାଇଥିଲି, ତା' ଚାରିଦିନ ପରେ ବାହାଘର ହେବାର କଥା। ସେହିଭଳି ସବୁ ଆୟୋଜନ ହୋଇଥାଏ। ବାହାଘର ପୂର୍ବରୁ ପ୍ରାୟ କେହି ସୁମନ୍ତ ଘରକୁ ଆସୁ ନ ଥିଲେ। ଜଣେ ଦି'ଜଣ ଅନ୍ତରଙ୍ଗ କେତେବେଳେ କେମିତି ଆସନ୍ତି ଯାଆନ୍ତି। ପଦେ ଦି'ପଦ ହରକାଶି କଥାବାର୍ତ୍ତା ହୁଏ। ସମସ୍ତେ ଉଦ୍‌ଗ୍ରୀବ ହୋଇ ସେହି ବିବାହର ଦିନଟିକୁ ପ୍ରତୀକ୍ଷା କରି ଥାଆନ୍ତି।

ସୁମନ୍ତ ଅଫିସକୁ ଚାଲିଯାଏ। ଘରର ବାହାରୁ ତାଲା ପଡ଼ିଯାଏ। ମୁଁ ହୁଏ ବନ୍ଦିନୀ। କେବଳ ଶୋଇରୁହେ ଶେଯରେ। କୁଆଡ଼େ ଟିକେ ବୁଲିଚାଲି କରିବାର ବି ଯୁ' ନ ଥାଏ। କାଳେ କିଏ ଦେଖିବ! ବାହାଘର ପୂର୍ବରୁ ଯଦି ଜଣା ପଡ଼ିଯାଏ, ସବୁ ଭଣ୍ଡୁର ହୋଇଯିବ।

ମୁଁ ଶୋଇ ଶୋଇ ଭାବେ ଘର କଥା। କ'ଣ ହେଉଥିବ ବାପା ବୋଉଙ୍କ ଅବସ୍ଥା! ହୁଏତ ସକାଳୁ ଉଠି ମୋତେ ଖୋଜା ପଡ଼ିଥିବ। ତା'ପରେ ଚହଳ ପଡ଼ି ଯାଇଥିବ ଗାଁ ଯାକ। ତୁଣ୍ଡରୁ ପାଞ୍ଚ ତୁଣ୍ଡ ହୋଇ କଥା ଯାଇ ଉଠିଥିବ ବାପାଙ୍କ ଭାବି ଜାମାତାଙ୍କ ଠାରେ! ତା'ପରେ........। ତେଣିକି ଆଉ ଭାବି ପାରେନା। ମୁହଁକୁ ତକିଆତଳେ ଲୁଚେଇ ଶୋଇପଡ଼େ। କାନ ପାଖରେ ଫୁଟିଉଠେ କେତେ ବାଣ ନଗାଣ। ଆଖି ଆଗରେ ନାଚି ଯାଏ ଅଲୋକ ମାଳା। ହେଉଛି ବର ଆସୁଛି। ବାଜା ବାଜୁଛି। ଆରପାରି ବରଗଛରେ ଗଡ଼ମା ବନ୍ଧା ହୋଇଛି। ଖଇବାଣ ଫୁଟୁଛି। କେଳାକେଳୁଣୀ ନାଚୁଛନ୍ତି। ଗୋଟିପଲ ଗାଉଛନ୍ତି। ଆହୁରି, ଆହୁରି........

ଛାଟ୍‌କିନା ଚମକି ପଡ଼େ। ମୁହଁ ବୁଲେଇ ଦେଖେ ସୁମନ୍ତ ମୋ

ବେଣୀଟାକୁ ଟାଣି ଦେଇ ହସୁଛି । କେତେବେଳେ ସେ ଗୋଡ଼ ଚପି ଚପି ଆସି ସାରିଲାଣି ଭିତରକୁ । ମୁଁ ଚିତ୍ ହୋଇ ଶୋଇ ତା ମୁହଁକୁ ଚାହିଁ ହସେ । ସେ ମୋ ପାଖରେ ବସି ପଡ଼ି ମୋ ଛାତି ଉପରେ ଆଉଜି ପଡ଼େ ।

ଦେହ ମୋର ଝିମ୍‌ଝିମେଇ ଉଠେ । ରକ୍ତ ଚଳାଚଳ ବନ୍ଦ ହୋଇ ଯାଏ ସତେକି । ମନ ହେଉଥାଏ ଯୁଗଯୁଗ ଧରି ସୁମନ୍ତ ଏମିତି ମୋତେ ଆଉଜି ବସନ୍ତା କି ! କିନ୍ତୁ ମୁଁ ବହୁ କଷ୍ଟରେ ନିଜକୁ ତା' ପାଖରୁ ଘୁଞ୍ଚେଇ ନିଏ । କହେ—ଏତେଦିନ ରହିଥିଲ କେମିତି ! ଆଉ ଦିନ କେଇଟା—ଛୁ ।

ସୁମନ୍ତ କିନ୍ତୁ ଅଧୀର ଲାଗିଯାଏ । ମୋତେ ଘୋଷାରି ଆଣି ତା' ଗୋଡ଼ ଉପରେ ମୋ ମୁଣ୍ଡଟାକୁ ଥାପି ମୁହଁ ପାଖରେ ମୁହଁ ରଖି କହେ—ତୁ ବୁଝିପାରୁନୁ ଶ୍ରୀ—କେତେ ଯେ ଯନ୍ତ୍ରଣା ତୋତେ ପ୍ରତୀକ୍ଷା କରିବା ଭିତରେ ଲୁଚି ରହିଥିଲା !

ମୁଁ ସୁମନ୍ତ ଗୋଡ଼ ଉପରୁ ମୁଣ୍ଡଟା ଉଠେଇ ନେଇ ଦୂରକୁ ଘୁଞ୍ଚିଯାଇ କହେ—ମୋଠୁ କ'ଣ ବେଶୀ ?

ସେ ମୋତେ ଧରିବାକୁ ଧାଏଁ । ମୁଁ ଦଉଡ଼ି ପଳାଏ । ଏ ଘର, ସେ ଘର । ଶେଷରେ ଧରାଦିଏ ସୁମନ୍ତ ହାତରେ । ସେ ମୋ ମୁହଁ ପାଖରେ ମୁହଁ ରଖି କେବଳ ହସେ, ଆଉ ମୁଁ ସେ ହସର ଉତ୍ତର ଦିଏ ହସରେ ।

ଗୋଟିଏ ଦିନ, ଗୋଟିଏ ଯୁଗପରି ଲାଗୁଥାଏ ମୋତେ । ସୁମନ୍ତ ପାଖ ଘରକୁ ମୁଁ ଶୁଏ । ରାତିଭରି ମୋତେ ନିଦ ହୁଏନି । ଭାବେ କେବଳ ସୁମନ୍ତ କଥା । ଏତେ ପାଖରେ ଥାଇ ବି ମନେହୁଏ ଯେମିତି

ସେ ରହୁଚ ଲକ୍ଷେ ଯୋଜନ ଦୂରରେ । ତା' ଆଖି, ନାକ, ସ୍ପର୍ଶ ସବୁ ମୁଁ ଅନୁଭବ କରେ । ଦେହ ହେମାଳ ହୋଇଯାଏ । ସେଇ ଅବସ୍ଥା ଭିତରେ କେତେବେଳେ ଯେ ଲୁହ ଲୁଚ ଆଖିକୁ ବନ୍ଦ ଘାରିଯାଏ, ଜାଣି ପାରେନା ।

ସକାଳୁ ସୁମନ୍ତ ଡାକେ—ଶ୍ରୀ । ମୁଁ ଶୁଣେ, ଶୁଣି ପାରେନା । ସୁମନ୍ତ ମୋ ଦେହରେ ହାତ ମାରି ଡାକେ । ମୁଁ ତା' ହାତକୁ ଟାଣି ନେଇ ଛାତିତଳେ ଜାକିଧରେ । ତନ୍ଦ୍ରାଘୋରରେ କ'ଣ ଯେ କହେ, ସୁମନ୍ତ ମୋତେ ଦୁଇ ହାତରେ ଧରି ବିଛଣା ଉପରେ ବସେଇ ଦେଇ କହେ—

ରାଜକୁମାରୀ—ଶଯ୍ୟା ତେଜ ।

ମୁଁ ଧଡ଼ପଡ଼ ହୋଇ ଉଠିବସେ । ସୁମନ୍ତ ମୁହଁକୁ ଚାହିଁ ଦେଇ ଲାଜରେ ଝାଉଁଳି ପଡ଼େ । ଲୁଗାପଟା ସଜାଡ଼ି ସଜାଡ଼ି କହେ—ତୁମକୁ କିଏ ଅନୁମତି ଦେଲା ମୋ ଘରକୁ ଆସିବାକୁ ?

ସୁମନ୍ତ ହସେ, ମୁଁ ବି । ସେ ମୋତେ ଟାହୁଲି କରି କହେ,

ଚକ୍ଷେତବ ରକ୍ତଜବା ଆଭା,

ଅଶ୍ରୁନୀର !

କାହାପୁରେ ଯାପିଅଛ ଅନିଦ୍ର ରଜନୀ ?

ମୁଁ ପୁଣି ଘୋଡ଼ି ହୋଇ ଶୋଇପଡେ । ସୁମନ୍ତ ମୋ ମୁହଁରୁ ଚଦରଟା ଟାଣିଦେଇ ମୋ ଅଣ୍ଟାରେ ହାତ ମାରିଦିଏ । ମୁଁ ଧଡ଼ ପଡ଼ ହୋଇ ଉଠେ । ସେତେବେଳକୁ ଘଡ଼ିରେ ଆଠଟା ବାଜୁଥାଏ ।

ଇମିତି ଇମିତି ତିନୋଟି ଦିନ କଟିଗଲା । ଚତୁର୍ଥ ଦିନ ଆମର

ବାହାଘର । ହିନ୍ଦୁଶାସ୍ତ୍ର ଅନୁଯାୟୀ ବାହାଘର ହେଲା । ସୁମନ୍ତର ବନ୍ଧୁ ଓ ସେଠାକାର ବିଶିଷ୍ଟ ଲୋକମାନେ ଆସି ବାହା ଘରରେ ଯୋଗ ଦେଲେ । ବାହାଘର ଶେଷ ହେଲା । ଉପସ୍ଥିତ ସେଇ ମଧୁ ରାତ୍ରି । ଯାହା ସବୁ ମଣିଷ ଜୀବନରେ ଥରେ ଆସିଥାଏ ।

ସେଇ ରାତ୍ରି ! କହିଲା ବେଳକୁ ଛାତି ଥରି ଉଠୁଛି । ସୁମନ୍ତ ବନ୍ଧୁ ମାନଙ୍କୁ ଖୁଆଇ ପିଆଇ ବିଦାକଲା । ମୁଁ ପ୍ରାୟ ଅଧଘଣ୍ଟା ପୂର୍ବରୁ ଆସି ଶେଯରେ ଶୋଇ ସୁମନ୍ତକୁ ପ୍ରତୀକ୍ଷା କରୁଥିଲି । ସୁମନ୍ତ ଆସିଲା । ତା' ପାଦଶବ୍ଦ ବାରି ମୁଁ ଆଖି ବୁଜି ଦେଲି । ସତେ ଯେମିତି ଶୋଇ ଗଲିଣି ପରହେଁ ହେବ । ସୁମନ୍ତ ଘରେ ପଶିଲା । ତା ପାଦ ଶବ୍ଦର ଧ୍ୱନି ମୋ ଛାତି ଭିତରେ ପ୍ରତିଧ୍ୱନିତ ହେଉଥାଏ । ମୁଁ ମୁହଁ ମାଡ଼ି ଶୋଇ ପଡ଼ିଥାଏ ।

ସୁମନ୍ତ ଘରର ଆଲୋକଟି ଜାଳିଲା । ପାଖେଇ ଆସିଲା, ପାଖକୁ ଆହୁରି ପାଖକୁ । ଛାତି ଭିତରେ ମୋର ଯେପରି ଲହରୀ ମାଳା ଉଠି ଉଠି ଛୁଟି ଯାଉଥାଏ, ଧାଇଁ ଧାଇଁ ଫେରି ଆସୁଥାଏ । ହଠାତ୍ ପାଦଶବ୍ଦ ବନ୍ଦ ହୋଇଗଲା ପଲଙ୍କ ପାଖରେ । ଦେହଟା ମୋର କମ୍ପି ଉଠିଲା । ଦୁଇଆଡୁ ଦୁଇଖଣ୍ଡ ଲହରୀ ଆସି ସତେକି ଏକାଠି ମୁଣ୍ଡ ପିଟିଦେଲେ ।

କିନ୍ତୁ ସୁମନ୍ତ ଠିଆ ହୋଇଥିଲା । ସେ କେବଳ ଠିଆ ହୋଇ ଲକ୍ଷ୍ୟ କରୁଥିଲା ମୋତେ, ମୋ ଆଚରଣକୁ । ମୁଁ କିନ୍ତୁ ଅଧୀର ଆଗ୍ରହରେ ପ୍ରତୀକ୍ଷା କରୁଥିଲି ସୁମନ୍ତର ସ୍ପର୍ଶ ।

ଏକାପରି କିଛି ସମୟ କଟିଗଲା । ମୁଁ ଆଉ ମୁହଁମାଡ଼ି ଶୋଇ ରହି ପାରିଲି ନାହିଁ । ଦେହ ଗୋଟାକ ମୋର ସ୍ପର୍ଶ ପାଇଁ ବ୍ୟାକୁଳ ହୋଇ

ଉଠିଲା । ଠିକ୍ ସେତିକି ବେଳେ ସୁମନ୍ତର ଧୀର ସ୍ପର୍ଶ ପାଇଲି ମୋ ପିଠିରେ । ବୁଲି ପଡ଼ିଲି ବେଳକୁ ମୋ ମୁହଁ ଛୁଇଁଚି ସୁମନ୍ତ ମୁହଁକୁ । ମୋ ଅଜାଣତରେ ମୋ ହାତ ଦୁଇଟା ଛନ୍ଦହୋଇଗଲା ସୁମନ୍ତ ବେକରେ ।

ତା' ପରେ............ ?

ତା'ପରର କଥା ନ କହିବା ହିଁ ଭଲ । ଶତକଡ଼ା ଶହେ ଜଣଙ୍କର ଯାହା ଘଟୁଥାଏ ମୋ କପାଳରେ ତାହା ଘଟିନାହିଁ । ହଁ ତା'ପରେ ସୁମନ୍ତ ଗୋଟାଏ ଆର୍ତ୍ତ ଚିତ୍କାର କରି ଉଠିଲା । ମୁଁ ଚହଙ୍କି ପଡ଼ିଲି । ହାତ ଦୁଇଟା ମୋର ଧୀରେ ଧୀରେ ଶିଥିଳ ହୋଇଗଲା । ସୁମନ୍ତ ବୁଲିପଡ଼ି କସ୍ତୃଡ଼ି ହୋଇ ପଡ଼ିଲା ତଳେ । ଦେହଟା ମୋର ଭୟରେ କମ୍ପି ଉଠିଲା । ମୁଁ ସୁମନ୍ତକୁ ତଳୁ ଉଠେଇ ଆଣି ପଲଙ୍କ ଉପରେ ବସାଇଲି । ସୁମନ୍ତ ମାଂସ ପେଣ୍ଡୁଳାଟା ପରି ପଡ଼ିରହିଲା । କେବଳ ଆର୍ତ୍ତସ୍ୱର ବାହାରୁଥିଲା ତା' ମୁହଁରୁ ।

ସେ ବେକର ମଝିଶିରରେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିଲା । ଯେତିକି ବେଳଠାରୁ ମୋ ହାତଯୋଡ଼ାକ ତା'ବେକକୁ ଝିଙ୍କି ଆଣିଥିଲା, ସେତିକିବେଳୁ ତା'ଯନ୍ତ୍ରଣା ଆରମ୍ଭ ହୋଇ ଧୀରେ ଧୀରେ ବଢୁଥିଲା । ସୁମନ୍ତ ଅସମ୍ଭାଳ ହୋଇ ପଡ଼ିଲା । ମୁଁ କ'ଣ କରିବି ନ କରିବି କିଛି ବୁଦ୍ଧିବାଟ ପାଇଲି ନାହିଁ । ଅପରିଚିତ ସ୍ଥାନ । ଅଜଣା ପରିବେଶ । ଅଧ ରାତି । କଣ କରିବି ?

ସୁମନ୍ତକୁ କୋଳରେ ଧରି ସେମିତି ବସି ରହିଲି । ରାତି ବଢିଲା । ସଙ୍ଗେ ସଙ୍ଗେ ସୁମନ୍ତର ଯନ୍ତ୍ରଣା । ହଠାତ୍ ଏପରି ଆଘାତର କୌଣସି କାରଣ ଖୋଜି ପାଇଲି ନାହିଁ ।

ବନ୍ଧୁ କଷ୍ଟରେ ରାତି ପାହିଲା । ସୁମନ୍ତର ବନ୍ଧୁ ଜଣେ ଆସି ପହଞ୍ଚିଲେ । ହଠାତ୍ ସୁମନ୍ତର ଏପରି ପରିବର୍ତ୍ତନ ଦେଖି ସେ ମୋ ମୁହଁକୁ ସନ୍ଦେହ ହୋଇ ଅନାଇଲେ । ମୁଁ ଲଜ୍ଜାରେ ଓ ଭୟରେ ତଳକୁ ମୁଣ୍ଡ ନୋଇଁଲି ।

ସୁମନ୍ତର ବନ୍ଧୁ ଜଣକ ଗଲେ ଡାକ୍ତର ଡାକିବାକୁ । ମୁଁ ସୁମନ୍ତର ଯନ୍ତ୍ରଣା ସ୍ଥାନରେ କୌଣସି କ୍ଷତ ଦେଖିଲି ନାହିଁ । ଖୁବ୍ ନିରୀକ୍ଷଣ କରି ଦେଖିଲି ସୋରିଷ ପରି ଗୋଟିଏ ସରୁ ଦାଗଟିଏ ଦିଶୁଛି ।

ଡାକ୍ତର ଆସିଲେ । ପରୀକ୍ଷା କଲେ । ଯାହା ସେ ଆବିଷ୍କାର କଲେ, ସୁମନ୍ତର ବେକତଳେ—ସେ କଥା କ'ଣ ମୁଁ କହି ପାରିବି ? ମାତ୍ର ସେତେବେଳେ ବିଶେଷ କିଛି ବୁଝି ପାରି ନଥିଲି, ବୁଝିଲି ରୋଗ ଧୀରେ ଧୀରେ ଯେତେବେଳେ ପ୍ରକାଶ ପାଇଲା । ସୁମନ୍ତ 'କାନ୍‌ସରରେ' ଆକ୍ରାନ୍ତ ହୋଇଥିଲା ।

ସୁମନ୍ତର ବନ୍ଧୁମାନେ ଆପ୍ରାଣ ଚେଷ୍ଟା କଲେ । ସୁମନ୍ତର କମ୍ପାନୀ ପାଣି ପରି ଟଙ୍କା ଖର୍ଚ୍ଚ କଲା—ମାତ୍ର ସୁମନ୍ତ ସେଇଦିନ୍ ଆଉ ବିଛଣା ଛାଡ଼ିଲା ନାହିଁ । ଧୀରେ ଧୀରେ ଘା' ବଢ଼ିଲା । ଫୁଲା ଫୁଲା ମାଂସ ପଶିଲା । ଖାଇ ପାରିଲା ନାହିଁ । ପିଇ ପାରିଲା ନାହିଁ କେବଳ ବିକଳ ଯନ୍ତ୍ରଣା । ଉଃ ନରକର ଯନ୍ତ୍ରଣା ଠାରୁ ବଳିଲା ସୁମନ୍ତର ଯନ୍ତ୍ରଣା । ସେଇ ନର୍କ ଭିତରେ ଘାଣ୍ଟି ହୋଇ ସୁମନ୍ତର ପ୍ରାୟ ତିନୋଟି ମାସ କଟିଲା । ମୁଁ ଏ ତିନିମାସ ଭିତରେ ବାହାର ଜଗତର କୌଣସି ଖବର ରଖି ନ ଥିଲି । ଦୁନିଆକୁ ଭୁଲିଯାଇ ସୁମନ୍ତଠାରେ ଲୀନ ହୋଇ ଯାଇଥିଲି । ମୋର ସେବା ଯତ୍ନ ସବୁ ବ୍ୟର୍ଥ ହେଲା ।

ସୁମନ୍ତର ସେ କଷ୍ଟ ମୁଁ ସହି ପାରିଲି ନାହିଁ । ଶେଷକୁ ଯନ୍ତ୍ରଣାର

ଦୁଃଖ ସେ ମୁହଁରେ ପ୍ରକାଶ କରିବାକୁ ବି ଅସମର୍ଥ ହେଲି । ମୁଁ ଆଉ ସୁମନ୍ତର ଦୁର୍ଦ୍ଦଶା ସହି ପାରିଲି ନାହିଁ । କେମିତି ସହନ୍ତି । ଯାହାକୁ ଜୀବନ ଦେଇ ଏତେ ଭଲ ପାଇଥିଲି, ତାକୁ ମୁନ୍ଦାଏ ପାଣି ବି ଦେଇ ପାରିଲି ନାହିଁ । ଉଃ ସେ କି କଷ୍ଟ ସୁମନ୍ତର ! ଯିଏ ନ ଦେଖିଛି, ଯିଏ ଅନୁଭବ ନ କରିଛି, ସେତେବେଳକାର ମୋ ମନର ଅବସ୍ଥା ସେ ମୋଟେ ବୁଝି ପାରିବ ନାହିଁ । ନା-ନା—ମୁଁ ମଧ୍ୟ ଆଜି ତାକୁ ଭାଷାରେ ପ୍ରକାଶ କରି ପାରୁନାହିଁ । ଯେତେବେଳେ ସୁମନ୍ତ ଆଖି ସଙ୍ଗରେ ମୋ ଆଖି ମିଶେ—ସେ ଆଖି ଭିତରେ ମୁଁ ଯେ କ'ଣ ଦେଖେ କି କରୁଣ, କି ମିନତିଭରା ସେ ଚାହାଣୀ; କ'ଣ ସେ ଚାହାଣୀର ଅର୍ଥ ତାହା କେବଳ ଆଖି ବୁଝିବ, ଦେହ ବି ତାର ସ୍ପର୍ଶ ଅନୁଭବ କରି ପାରିବ ନାହିଁ । ଦିନ ପରେ ଦିନ ମୁଁ ସୁମନ୍ତର କରୁଣତାରେ ଜ୍ଞାନ ଶୂନ୍ୟ ହୋଇ ପଡ଼ିଲି । ସବୁବେଳେ ଚିନ୍ତା କଲି ସୁମନ୍ତକୁ କିପରି ଏ ନରକ ଯନ୍ତ୍ରଣାରୁ ଉଦ୍ଧାର କରିବି ।

ଦିନେ ରାତିରେ । ବହୁତ ରାତି ସେତେବେଳକୁ ହେବ । ସୁମନ୍ତ ପଡ଼ିଛି । ଘରଟା ଗନ୍ଧରେ ଭରି ରହିଛି । ହେଲେ ସେ ଗନ୍ଧର କୌଣସି ସ୍ପର୍ଶ ମୋ ନାକରେ ବାଜୁ ନଥିଲା । ସେଦିନ ସୁମନ୍ତର ଯନ୍ତ୍ରଣା ସବୁଦିନ ଠାରୁ ବଢି ଯାଇଥାଏ । ସେ ରହି ରହି ଥରି ଉଠୁଥାଏ । ପ୍ରାଣଟାର ହୁଏତ ଲୋଡୁଥାଏ ମୁକ୍ତି ।

ହଠାତ୍ ଘରର ଟେବୁଲ ଡ୍ରୟାର ଉପରେ ମୋ ଆଖି ପଡ଼ିଲା । ସେଇଟା ଖୋଲିଥାଏ । ତା'ର ଭିତରେ ସୁମନ୍ତର ପିସ୍ତଲଟା ଥାଏ । ମୁଁ ଉଠିଯାଇ ସେଇଟାକୁ ଟାଣି ଆଣିଲି । ଆଗ ପଛ କିଛି ନ ବିଚାରି

ସୁମନ୍ତ ମୁଣ୍ଡ ଉପରକୁ ଲକ୍ଷ୍ୟ କରି ଘୋଡ଼ା ଟିପି ଦେଲି । ପିସ୍ତଲଟା ଗର୍ଜି ଉଠିଲା । ସୁମନ୍ତ ଦେହଟା କ୍ଷଣକ ପାଇଁ ଥରି ଉଠି ନିସ୍ତେଜ ହୋଇଗଲା ।

ସେତିକିବେଳେ ବାହାର କବାଟରେ କାହାର କରାଘାତ ଶୁଣିଲି । ଦେହଟା ମୋର କମ୍ପୁଥିଲା । ମୁଁ କିନ୍ତୁ ଭାବୁଥିଲି ସୁମନ୍ତ ଏଥର ନିଶ୍ଚିନ୍ତରେ ସବୁଦିନ ପାଇଁ ଶୋଇ ପାରିବ । ବାହାରେ ବହୁ ଲୋକଙ୍କର ପାଟିଗୋଳ ଶୁଭିଲା । ମୁଁ ଯେତେବେଳେ ଟିକିଏ ପ୍ରକୃତିସ୍ଥ ହେଲି, ଦେଖିଲି ମୋ ଡାହାଣ ହାତରେ ପିସ୍ତଲଟାଏ—ଆଗରେ ସୁମନ୍ତର ରକ୍ତାକ୍ତ ଦେହ । 'ଚହ୍ଲଙ୍କି ପଡ଼ିଲି । ଶିହରି ଉଠିଲି—ଏଁ ! ମୁଁ ସୁମନ୍ତକୁ ଖୁନ୍ କରିଚି ?

ପିସ୍ତଲଟାକୁ ସୁମନ୍ତ ଉପରକୁ ଫୋପାଡ଼ି ଦେଇ ପଛପାଖ ଦୁଆର ଖୋଲି ବାହାରି ପଳେଇଲି । ଅନୁଭବ କଲି ସତେ ଯେପରି ସୁମନ୍ତର ଅତୃପ୍ତ ଆତ୍ମା ମୋ ପଛେ ପଛେ ଧାଇଁଛି । ମୁଁ ଚମକିଲି, ଚହ୍ଲଙ୍କିଲି, ଝୁଣ୍ଟି ଥିଲି, ପଡ଼ିଲି କିନ୍ତୁ ଧାଇଁଲି । ଗଳି, ଅନ୍ଧାର, ଅସନା, ନର୍ଦ୍ଦମା । ଯାଇ ମେନ୍‌ରୋଡ଼ ଉପରେ ପହଞ୍ଚିଲି ବେଳକୁ ଗୋଟାଏ ଠେର୍ଲଫୋକ୍ସ ମୋ ଆଗ ଦେଇ ଧାଇଁଗଲା । ପାଟିଗୋଳ ଶୁଭିଲା ! ବୁଟ୍ ଜୋତାର ଆବାଜ ଶୁଣିଲି । ଗୋଟାଏ ଖଣ୍ଡିଆ କୋଠା ପାଖରେ ଲୁଚି ପଡ଼ିଲି ।

ଦଳେ ଲୋକ ଦଉଡ଼ି ଗଲେ । ଦୁଇ ଚାରିଟା ପୋଲିସ୍ ପଳେଇଲେ । ଗୋଳଚହଳ ଦୂରେଇଗଲା ଦୂରକୁ । ମୁଁ ଧୀରେ ଧୀରେ ସେଠାରୁ ବାହାରି ଚାରିଆଡ଼େ ଚାହିଁଲି । ନିର୍ଜନ ରାସ୍ତା । ଛାତିଟା ପଡୁଥାଏ ଉଠୁଥାଏ । ପାଦେ ବଢ଼ିଲା ବେଳକୁ ମନେ ହେଉଥାଏ ଯେପରି ଆଉ ପାଦଟା ବୁଡ଼ିଯିବ ସାତତାଳ ପଙ୍କ ଭିତରେ ।

କିଏ ?

ଚାହିଁଲି ପଡ଼ିଲି । ମୋ ଆଗରେ ଜଣେ ଫାଙ୍କ୍ ସୁନ୍ଦ ଯୁବକ । ମୁହଁରୁ ଦାମି ସିଗାରେଟ୍‌ର ଗନ୍ଧ ବାହାରୁଛି । ହଠାତ୍ କିଛି ଉତ୍ତର ଦେଇ ପାରିଲି ନାହିଁ ।

ପୁଣି ଗୋଲମାଲଟା ଟିକେ ଏଣିକି ମୁହାଁଇଲା । ମୁଁ ଚଞ୍ଚଳ ହୋଇ ପଡ଼ିଲି । ଯୁବକଟି ଟିକିଏ ହସିଲା । କହିଲା, ମୋ ସଙ୍ଗରେ ଯଦି ଆସିବାକୁ ଦ୍ୱିଧା ନଥାଏ, ତା'ହେଲେ ଆସିପାର ।

ମୁଁ ଅଥଳ ଦରିଆରେ କୂଳ ଖୋଜୁଥିଲି । ଯୁବକଟିର ପଥ ଅନୁସରଣ କଲି । ଯୁବକଟି ଆଗେ ଆଗେ ଚାଲିଥିଲା । ମୁଁ ପଛେ ପଛେ । କିଛି ବାଟ ପାରୁ ନ ଥିଲି । ଯେମିତି ମୋ ମୁଣ୍ଡଟା ମୋ ଦେହରୁ ଅଲଗା ହୋଇ ଯାଇଥିଲା । ଭାବନାର ସୁତାଖିଅ ଛିଡ଼ି ଯାଇଥିଲା । ଯୁବକଟି ଚାଲି ଚାଲି ପଚାରିଲା, ତୁମ ନାଁ ?

ମୁଁ କିଛି ଉତ୍ତର ଦେଲି ନାହିଁ । ସେ ଗୋଟିଏ ଦୁଆରର ଚାବିଖୋଲି ଭିତରକୁ ପଶିଲା । ମୁଁ ବି । କାରଣ ପଛରୁ ଗୋଲମାଲ ଶୁଭୁଥିଲା । ମନେ ହେଉଥିଲା ସେମାନେ ଯେପରି ଆମରି ପଛେ ପଛେ ଆସୁଛନ୍ତି । ଅଳ୍ପ ସମୟ ପରେ ଘରଟି ଆଲୋକିତ ହୋଇଉଠିଲା । ମୁଁ ଘରର ଚାରିଆଡ଼େ ଥରେ ଆଖି ବୁଲେଇ ଆଣିଲି, ବେଶ୍ ପରିଷ୍କାର ପରିଛନ୍ନ ।

ଯୁବକଟି ଆଡ଼କୁ ଚାହିଁବାକୁ ମୋ ଆଖିରେ ବଳି ନ ଥିଲା । ଗୋଡ଼ ଯୋଡ଼ାକ କମ୍ପୁଥିଲା । ମୁଁ ଗୋଟାଏ ସୋଫା ଉପରେ ବସି ପଡ଼ିଲି । କୌଣସି ପ୍ରକାର ସମ୍ଭାଳି ନେଲି ଦେହ ଭାରଟାକୁ । ଯୁବକଟି ପୁଣି ଥରେ ମୋତେ ପଚାରିଲା ।

-ଅପରାଧ କ୍ଷମାଯୋଗ୍ୟ ତୁମର ଗୁରୁତର । ଯାହାହେଉ ଡରିବାର କୌଣସି

କାରଣ ନାହିଁ । ମୋ ଘର ଭିତରକୁ ପୋଲିସ୍ ଆସିବ ନାହିଁ କିମ୍ବା ଅନ୍ୟ କାହାରି ଆସିବାର ଆଶଙ୍କା ନାହିଁ । ଅଚ୍ଛା, ତମେ ଖାଇବ ?

ମୁଁ ମୁଣ୍ଡ ହଲାଇ ମନାକଲି । ଯୁବକଟି ସେ ଘରୁ ଅନ୍ୟ ଘରକୁ ଚାଲି ଯାଉଁ ଯାଉଁ କହିଲା—ତମେ ନିଶ୍ଚିନ୍ତରେ ଏ ଘରେ ଶୋଇପାର । ମୁଁ ଯାଉଛି । କାଲି ସକାଳେ ସାକ୍ଷାତ ହେବ । ଯୁବକଟି ଚାଲିଗଲା ।

ତା'ପରେ ବାହାରୁ କବାଟରେ କିଏ କରାଘାତ କଲା । ମୁଁ କମ୍ପି ଉଠିଲି । ଯୁବକଟି ଧାଇଁ ଆସିଲା । ମୋତେ ଇଷାରାରେ କହିଲା ଅନ୍ୟ ଘରକୁ ଚାଲିଯିବା ପାଇଁ । ମୁଁ ଚାଲିଗଲି ।

ଅଳ୍ପ ସମୟ ପରେ ଯୁବକଟି ମୋ ପାଖକୁ ଫେରି ଆସିଲା । ପାଦଶବ୍ଦ ତା'ର ଭାରି ଭାରି ଲାଗୁଥିଲା । ଆଖି ଯୋଡ଼ାକ ଟଳା ଟଳା ଦିଶୁଥିଲା । ମୋ ପାଖରେ ପହଞ୍ଚି ତାଙ୍କଠୁଁ ଟଳପାଯାଏ ଚାହିଁଗଲା । ପାଖକୁ ଗୋଟାଏ ଚେଅର ଉପରେ ବସିପଡ଼ି କହିଲା—ପୋଲିସ୍ ଆସିଥିଲେ । ତମ ପରି ଗୋଟିଏ ଝିଅକୁ ସେମାନେ ଖୋଜୁଚନ୍ତି । ତମେ କୁଆଡ଼େ ଖୁଣ କରି ଆସିଚ ?

ଭୂମିକମ୍ପର ଧକ୍କା ମୁଁ ଅନୁଭବ କଲି । ପଡ଼ିଯାଇ ଥାଆନ୍ତି । ଯୁବକଟି ମୋତେ ଧରି ଅଟକାଇ ଦେଲା । କହିଲା—ହେଉ । ମଣିଷ ଅବସ୍ଥାର ଦାସ । କେତେବେଳେ ଘଟଣା ଚକ୍ରରେ କ'ଣ ଘଟିଯାଏ, ତାହା କିଏ ଜାଣିଥିବ ! ମଣିଷ ହତ୍ୟାଠାରୁ ବି ଆହୁରି ବଡ଼ ବଡ଼ ଅପରାଧ କରୁଛି । ତମେ କାହିଁକି ଭୟ କରୁଛ । ମୁଁ ସେମାନଙ୍କୁ ବିଦା କରି ଦେଇଛି । ତମେ ଆପାତତଃ ନିଶ୍ଚିନ୍ତ ହୋଇପାର ।

ଯୁବକଟି ସେଠାରୁ ଚାଲିଗଲା । ତା' ପ୍ରତି ମୋ ଅନ୍ତର ଭରିଗଲା । କେତେ ଦୟା ଯୁବକଟିର ! ହୁଏତ ତା' ଆଶ୍ରୟ ମୁଁ ପାଇ

ନ ଥିଲେ ପୋଲିସ୍ ହାତରେ ପଡ଼ି ଥାଆନ୍ତି, ତା ପରେ ଜେଲ୍ ନତୁବା ଫାସି !!

ଯୁବକଟି ପୁଣି ଫେରି ଆସିଲା । ହାତରେ ଗୋଟାଏ ପ୍ଲେଟ୍ । ପ୍ଲେଟ୍‌ରେ କିଛି ଖାଦ୍ୟ । ମୁଁ କମ୍ପୁଥିଲି । ସେ ମୋ ସାମ୍ନା ଟେବୁଲରେ ପ୍ଲେଟ୍‌ଟି ରଖିଦେଇ କହିଲା—ଅଧୀର ହୁଅନାହିଁ । ଯାହା ଘଟିବାର ଥାଏ ଘଟେ । କେହି ତାକୁ ରୋଧ କରି ପାରେନାହିଁ । ବରଂ ତମେ ତମର କୃତକର୍ମ ପାଇଁ ଅନୁତାପ କର । ତା' ହେଲେ ଆତ୍ମା ପବିତ୍ର ହେବ । ଆତଙ୍କିତ ହୁଅନାହିଁ, ତା' ହେଲେ ଅପରାଧ ମନୋବୃତ୍ତି ବଢ଼ି ଉଠିବ । ଏତକ ଖାଇଦିଅ । ଶୋଇପଡ଼ । ସକାଳ ହେଲେ ଦେଖାଯିବ । ତେବେ ମୁଁ ତୁମକୁ ଏତକ ଭରସା ଦେଇପାରେ ଯେ, ମୋ ପାଖରେ ଥିଲେ ତୁମକୁ କେହି ଏଠାରୁ ନେଇ ପାରିବେ ନାହିଁ ।

ମୁଁ ସବୁ ଶୁଣୁଥିଲି । କିନ୍ତୁ କିଛି ମୋତେ ଶୁଭୁନଥିଲା । ଖାଲି ରହି ରହି ମନେ ପଡୁଥିଲା ସୁମନ୍ତର ମୁହଁ । ତା'ର ଯନ୍ତ୍ରଣା । କାତର ଗୁହାରି । ଅସହାୟ ଅବସ୍ଥା ।

ଯୁବକଟି ମୋତେ ଟାଣି ବସାଇଲା । ନିଜ ହାତରେ ଖୁଆଇ ଦେଲା । ମୁଁ ଖାଇଲି । ଯେମିତି ଯନ୍ତ୍ର ମୁଁ ।

ରାତିରେ ଶୋଇ ପାରିଲି ନାହିଁ । ଟିକିଏ ଛାଇନିଦ ଲାଗି ଆସିଲେ ସୁକାନ୍ତକୁ ସ୍ୱପ୍ନ ଦେଖେ । ସେ ସେତିକ ଭୀମ ମୂର୍ତ୍ତି ଧରି ମୋରି ଆଡ଼କୁ ଧାଇଁ ଆସୁଛି । ମୁହଁରେ ତା'ର ପିଶାଚର ହସ । ହାତରେ ଗୋଟାଏ ତୀକ୍ଷ୍ଣ ଶାଣିଆ ଛୁରୀ । ମୋ ମୁଣ୍ଡର ବାଳକୁ ଟାଣି ଟାଣି ଝିଙ୍କି ନେଉଛି ମୋତେ । ଛଟ୍‌କି ନିଦ ଭାଂଗିଯାଏ ।

ଦିନ ପରେ ଦିନ ଗଡ଼ିଲା । ମୁଁ ସେଇ ଯୁବକଙ୍କର ଘରେ ଥାଏ । କିଛି ଜାଣି ପାରେନା । କିଛି ବୁଝି ପାରେନା । ଯୁବକଟି ଦିନଯାକ କେଉଁଆଡ଼େ ଚାଲିଯାଏ । ରାତି ହେଲେ ଫେରେ । ମୁଁ ସେଠି ବନ୍ଦିନୀ ।

ଯୁବକଙ୍କର ଆଚରଣ ମୋତେ ମୁଗ୍ଧ କରୁଥାଏ । ତା'ର ଆନ୍ତରିକତା ମୋତେ ବାନ୍ଧେଇ ରଖିଥାଏ । ଦିନ ଗଡ଼ୁଥାଏ । କିନ୍ତୁ ଦିନୁଦିନ ସୁମନ୍ତର ସ୍ମୃତି ମୋତେ ବିବ୍ରତ କରି ପକାଉଥାଏ ।

ଦିନ କଟେ । ରାତି କଟେନା । ଶୋଇ ପାରେନା ମୋଟେ । କେଉଁଦିନ ସୁମନ୍ତ ଶାନ୍ତ ସ୍ନିଗ୍ଧ ପିଲାଟି ପରି ଆସେ । ମୋ କୋଳରେ ମୁଣ୍ଡ ଗୁଞ୍ଜି ଶୋଇବାକୁ ଅଳିକରେ । କେଉଁଦିନ ଡାକେ ଆମର ସେହି ଚିର ପରିଚିତ ବଗିଚା ଭିତରକୁ । ଆଉ କେଉଁଦିନ ହାତ ଧରି ଟାଣିନିଏ ଦୂରକୁ ବହୁ ଦୂରକୁ ।

ପାହାଡ଼ ପର୍ବତର ଅକଳନ ଗଛଲତା ତଳେ ଆମେ ଧାଇଁବୁଲୁ । ବାଘ ଭାଲୁଙ୍କ ପିଠିରେ ବସି ପାହାଡ଼ରୁ ପାହାଡ଼ ବିଚରଣ କରୁ । ହସ, ଆନନ୍ଦ ଥଟ୍ଟା ପରିହାସ ଭିତର ଦେଇ ସମୟ କଟେ । କେଉଁଦିନ ସୁମନ୍ତ ମୋତେ ଟାଣି ଟାଣି ନିଏ ପାହାଡ଼ର ଶୀର୍ଷ ସ୍ଥାନକୁ । ଯେଉଁଠୁ ଠିଆ ହୋଇ ଚାହିଁଲେ ତଳ ଗଛଲତା ଛୋଟ ମେଣ୍ଢା ପରି ସାନସାନ ଦିଶନ୍ତି । ସେଉଠୁ ଠିଆ ହୋଇ ସୁମନ୍ତ ମତେ ପଚାରେ—ତଳେ କ'ଣ ଦେଖୁଛ ? ମୁଁ ତଳକୁ ଅନେଇଲା କ୍ଷଣି ସେ ମୋତେ ପେଲିଦିଏ । ହସି ଉଠେ ଖୁବ୍ ଜୋରରେ ! ମୁଁ ଆଉ ଚିତ୍କାର କରିଉଠେ । ମୋ ନିଦ ଛଟକିନା ଭାଙ୍ଗିଯାଏ । ଯୁବକଟି ଧାଇଁଆସେ ସେ ଘରୁ । ପଚାରେ—

-କ'ଣ ହେଲା ?

ମୁଁ ଲଜ୍ଜିତ ହୁଏ। କହେ—କିଛି ହେଇନ। ଗୋଟାଏ ଦୁଃସ୍ୱପ୍ନ ଦେଖିଲି।

ଇମିତି କହେ। ମୁଁ କିଛି ଭାବି ପାରେନା। ଚିନ୍ତି ପାରେନା। ମନଟା ସତେକି ମରି ମରି ଆସୁଥାଏ।

ଦିନେ ଯୁବକଟି କହିଲା—ଚାଲ ଆମେ ଏ ଜାଗା ଛାଡ଼ି ଚାଲିଯିବା। ତୁମର ଏପରି ଅସହାୟ ଅବସ୍ଥା ମୁଁ ଆଉ ଦେଖି ପାରୁନାହିଁ। ଆମେ ଏଠାରେ ଥିବାଯାଏ ତୁମେ ନିଜକୁ ବନ୍ଦିନୀ ପରି ମନେ କରୁଥିବ।

ମୁଁ ରାଜିହେଲି। କାରଣ ବାସ୍ତବରେ ପରିସ୍ଥିତି ବଡ଼ ଜଟିଳ ହୋଇ ପଡ଼ିଥିଲା।

ତା' ପରେ ଆମେ ସେଠାରୁ ଚାଲି ଗଲୁ। ମୁଁ ଶାନ୍ତିରେ ନିଶ୍ୱାସ ପକାଇଲି। ବଞ୍ଚିଗଲି ଯେମିତି। ମୋ ଅଙ୍ଗେ ଅଙ୍ଗେ ପ୍ରଫୁଲ୍ଲତାର ଫୁଲ ଫୁଟି ଉଠିଲା। ଯୁବକଟି ଲକ୍ଷ୍ୟକଲା। ଖୁସି ହେଲା। ମୁଁ ବି।

ହେଲେ ଗତ ଦିନର କାହାଣୀ ମୋ ମୁଣ୍ଡରେ ଘର କରି ବସିଲା। ନିରୋଳାରେ ବସି ପାରିଲିନି, ଆରାମରେ ଶୋଇ ପାରିଲିନି। ସ୍ୱପ୍ନ ତ ନୁହେଁ, ଦୁଃସ୍ୱପ୍ନର କଳାଛାଇ ମୋ ମନ ପଛେ ପଛେ ଧାଇଁ ବୁଲିଲା।

ତଥାପି ଦିନ କଟୁଥିଲା। ମନ୍ଦ କ'ଣ! ଇଏ ବି ତ ଗୋଟାଏ ଜୀବନ। ମନକୁ ବହଲେଇ ଦେଉଥିଲି।

ଦିନେ । ଜହ୍ନରାତି । ମୁଁ ଶୋଇଥିଲି ମୋ କୋଠରୀରେ । ଫାଳେ ଜହ୍ନ ପଡ଼ିଥିଲା ଆସି ମୁହଁ ଉପରେ । ପାଖ ବଗିଚାରୁ ରଜନୀ ଗନ୍ଧାର ଗନ୍ଧ ଧୀର ପବନ ଲୁଟି ଆଣୁଥିଲା । ମୁଁ ଅନମନା ହୋଇ ଭାବି ଯାଉଥିଲି କେତେ କ'ଣ ! ମନଟା ଭାରି ଦୁର୍ବଳ ହୋଇ ପଡ଼ୁଥିଲା ।

କାହାର ପାଦଧ୍ୱନି ମୁଁ ବାରି ନାହିଁ । କବାଟ ଖୋଲିବାର ଶବ୍ଦ ଶୁଣି ନାହିଁ । କିନ୍ତୁ ସ୍ପର୍ଶ ପାଇଲି ହାତର । ଚହଙ୍କି ପଡ଼ିଲି । ମୋ ଶେଯ ଉପରେ ବସିଚି କିଏ ଜଣେ । ମୁହଁରୁ ମଦ ଗନ୍ଧ ଭାସି ଆସୁଛି । ଉଠି ବସିଲି । ସେଇ ଯୁବକଟି । ମୋର ଆଶ୍ରୟ ଦାତା । ଆଖିରେ କେମିତି ଗୋଟାଏ ଲୋଲୁପ ଚାହାଣୀ ।

ଉଠିଗଲି । ଘରୁ ବାହାରି ଗଲି ପଦାକୁ । ସେ ମଧ୍ୟ ମୋ ପଛେ ପଛେ ଉଠିଗଲା । ମିନତି କଲା । ସେଇ ରାତିକର ସାଥୀ କରିବା ପାଇଁ ସେ ମୋ ପାଦଧରି ଅନୁନୟ କଲା । ମୁଁ ପାଦରେ ଠେଲି ଦେଲି ତାକୁ ।

ତା' ପରେ ।............ ତା'ର ସେ କି ଭୀଷଣ ମୂର୍ତ୍ତି । ସେ ମଦ ଖାଇଥିଲା, କିନ୍ତୁ ସଂଜ୍ଞା ହରେଇ ନଥିଲା । ହେଲେ ମାତାଲ ହୋଇଥିଲା ଅତି ମାତାରେ । କହି ବସିଲା—ତୁ ମୋର ଅନୁରୋଧ ଗୋଡ଼ରେ ଅଡ଼େଇ ଦେଲେବି ମୋର ଉପଦେଶ ମାନି ଚଳିବାକୁ ହେବ । ତୁ ଖୁଣୀ ଆସାମୀ । ମୋ କବଳରୁ ମୁକୁଳିବାର ବାଟ ନାହିଁ । ଅଉ ମୁଁ ତୋତେ ନିରାଶ୍ରୟ ବୋଲି ଆଶ୍ରୟ ଦେଇନାହିଁ । ତୋ' ପ୍ରତି ମୋ ଅନ୍ତରରେ ଏତେ ଟିକିଏ ହେଲେ କରୁଣା ନାହିଁ କିନ୍ତୁ ମୋହ ଅଛି.

ତୋ ରୂପରେ । ସେଇଥିପାଇଁ ମୁଁ ତୋତେ ଠାଇଁ ଦେଇଛି । ମୁଁ ଜାଣେ ତୁ ମୋ କବଳରୁ ମୁକୁଳି ପାରିବୁ ନାହିଁ, ସେ ହେତୁ ପୋଲିସ୍ ତୋ ପଛେ ପଛେ । ଆଜିକ ସମୟ ଦେଉଛି । ଭାବି ଚିନ୍ତି ଦେଖେ । କାଲି କିନ୍ତୁ ଅବାଧ ହେଲେ ମୁଁ ବାଧ କରିବି । ସେତେବେଳେ...............

## ଫେରିଲେ ସୁକାନ୍ତ ବାବୁ ?

ସୁକାନ୍ତ ମହାପାତ୍ର ପୋଲିସ ଇନସ୍‌ପେକ୍ଟରଙ୍କ ହାତକୁ ଖାତାଟି ଫେରାଇ ଦେଲା । ତା' ଅନ୍ତରରୁ ଗୋଟାଏ ଛାତିଫଟା ଦୀର୍ଘ ଶ୍ୱାସ ବାହାରି ପବନ ସଙ୍ଗରେ ମିଶିଗଲା । ପୋଲିସ୍ ଇନସ୍‌ପେକ୍ଟର କହିଲେ —ଆମେ କେବଳ ସେଦିନ ସେ ଘରୁ ଆବିଷ୍କାର କରିଥିଲୁ ଗୋଟିଏ ଅପରିଚିତ ସୁସ୍ଥ ଯୁବକର ରକ୍ତାକ୍ତ ମୃତ ଦେହ, ଏଇ ଅସମାପ୍ତ ଖାତାଟି ଏବଂ ଗୋଟାଏ ବନ୍ଧୁକ । ବାହାରେ ଯେଉଁ ଫଟୋଗ୍ରାଫ୍‌ଟି ଦେଖି ଆପଣ ଭିତରକୁ ପଶିଲେ, ସେ ଖଣ୍ଡିକ ମଧ୍ୟ ମିଳିଥିଲା ସେହିଘରୁ—ମାତ୍ର ସେ ଥିଲା ଯୁଗ୍ମ ଫଟୋ । ମୃତ ଯୁବକ ସହିତ ଥିଲା ସେହି ଫଟୋଗ୍ରାଫ୍‌ଟି । ଆମେ ତାକୁ ଅଲଗା କରି ଦେଇଛୁ । ମାତ୍ର ପ୍ରାୟ ଦୀର୍ଘ ଦିନ ଭିତରେ ଆଜି ପର୍ଯ୍ୟନ୍ତ ସେ ଝିଅଟିର କୌଣସି ସନ୍ଧାନ ମିଳି ନାହିଁ । କିମ୍ବା କେହି ସେ ଫଟୋଗ୍ରାଫ ସମ୍ବନ୍ଧରେ କୌଣସି କଥା ପଚାରି ନାହାନ୍ତି । ଆପଣ ସର୍ବ ପ୍ରଥମ ଆସିଲେ ଏ ସମ୍ବନ୍ଧରେ ଅନୁସନ୍ଧାନ କରିବାକୁ, ପ୍ରାୟ ପାଞ୍ଚବର୍ଷ ପରେ ।

ସୁକାନ୍ତ ପୋଲିସ୍ ଇନସ୍‌ପେକ୍ଟରଙ୍କ କଥା ଶୁଣି ପାରୁଥିଲା କି ନାହିଁ କେଜାଣି— ସେ କେବଳ ଜଳ ଜଳ କରି ଚାହିଁଥିଲା ତାଙ୍କ

ମୁହଁକୁ । ଯେମିତି ତା' ଭାବନା, କଳ୍ପନା, ସବୁ ଗୋଳ ମାଳ ହୋଇ ଯାଇଛି ।

ପୁଣି ପୁଲିସ୍ ଇନସ୍‌ପେକ୍ଟର କହିଲେ ।

-ମୁଁ ଏହି ଡାଇରୀଟି ପଢି ସାରିଲା ପରେ ମୋର ସେ ଝିଅଟି ପ୍ରତି ଖୁବ୍ ଦରଦ ଜନ୍ମିଥିଲା । ସେଥିପାଇଁ ନିଜେ ଚେଷ୍ଟା କରି ବହୁ ଅନୁସନ୍ଧାନ କରିଥିଲି । ମାତ୍ର କିଛି ସନ୍ଧାନ ପାଇ ନଥିଲି । ଆପଣ ତାଙ୍କୁ କେବେ କେଉଁଠି ଦେଖିଥିଲେ ?

ସୁକାନ୍ତ ଉଠିଲା, କହିଲା—

-ମୁଁ ଆପଣଙ୍କୁ ଖବର ଦେବି । ନିଶ୍ଚୟ ଖବର ଦେବି । ମୋତେ କିନ୍ତୁ ବର୍ତ୍ତମାନ ଚାଲି ଯିବାକୁ ହେବ । କାରଣ ଡେରିହେଲେ ସେ ହୁଏତ ସ୍ଥାନ ତ୍ୟାଗ କରିପାରେ ।

-ମୁଁ ଯିବି ଆପଣଙ୍କ ସଂଗରେ ।

-ପ୍ରୟୋଜନ ନାହିଁ । ମୁଁ ନିଶ୍ଚୟ ତାଙ୍କୁ ଘେନି ଆପଣଙ୍କ ପାଖକୁ ଆସିବି ।

ସୁକାନ୍ତ ଥାନାରୁ ବାହାରି ଆସିଲା । ତା'ମନରେ ଝଡ଼ ଉଠିଥିଲା । ଚପଳା !! ସତେରେ ଅତି ନିଃସହାୟ । ଦୁଃଖିନୀ । ହତ ଭାଗିନୀ । ସଂସାରର ବାତ୍ୟା ଝଡରେ ସେ ପୋତି ହୋଇ ପଡନି । ଖାଲି ତହିଁ ବିକଳ ହୋଇଛି ।

ସୁକାନ୍ତ ପାଦର ଗତିକୁ ଆହୁରି ଖର କରି ଦେଲା । ହୁଏତ ଚପଳା ତେଣେ କାନ୍ଦି କାନ୍ଦି ଅଖିଲହିଦରେ ବସୁଧା ଛନ୍ତେଇ ସାରିବଣି ଅଥବା ଦୁଃସ୍ୱପ୍ନର ତାଡ଼ନାରେ ବିବ୍ରତ ହୋଇ ପଡ଼ିବନି ।

ସୁକାନ୍ତ ପାଦ ବଢ଼େଇଲା, ଯୋର୍‌ରେ; ଆହୁରି ଯୋର୍‌ରେ ।

ମାତ୍ର···········

ଚପଳା କାହିଁ ?

ଘର—ବାହାର—ବନ, ଲତା···ସବୁ ଅଡେଇଲା ।

ଚପଳା ? ଚପଳା ?

କେହି ନାହିଁ, କିଛି ନାହିଁ । ନିଶୁନ୍, ନିଶବଦ ।

ସୁକାନ୍ତ ଅଟକି ଗଲା । ପୋଖରୀ କୂଳର ସେଇ ଗଛଟା ମୂଳେ— ଯେଉଁଠି ଚପଳା ନୀରବରେ ବସିରହେ ଘଣ୍ଟା ପରେ ଘଣ୍ଟା । ସେଇଠି ଗୋଟାଏ ସଜଫୁଲ ମାଳ ଛିଣ୍ଡାହୋଇ ପଡ଼ିଚ । ଆଉ ଅଳ୍ପ ଦୂରରେ ପଡ଼ିଚ ସେଇ ରବର ପୁଅଟି । ହାତ, ପାଦ, ମୁହଁ କିଛିନାହିଁ । ବିକଳାଙ୍ଗ । ବିକୃତ ।

କଳିଙ୍ଗ ମୁଦ୍ରଣୀ—୫ଏ, ନୂରମହମ୍ମଦ ଲେନ୍, କଲିକତା-୯